READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୧୩ ୧୧ - ୧୭ ଏପ୍ରିଲ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-13 11th - 17th APRIL, 2022 BHUBANESWAR ₹ 5/- (8 Pages)

### ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଖନନ ଓ ନିର୍ମାଣ ମାମଲା

## ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ :** ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ବେଆଇନ ଖନନ ଓ ନିର୍ମାଣ ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନରେ ଉଲ୍ଲେଖ କରାଯାଇଥିବା ବେଆଇନ ଖନନ ଓ ନିର୍ମାଣ ସଂପର୍କିତ ଅଭିଯୋଗ ଅନୁଧ୍ୟାନ କରିବା ପରେ ଏଏସଆଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବ। ଏପରି କାର୍ଯ୍ୟ ଯୋଗୁଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତି ବିପଦ ରହିଛି ବୋଲି ଆବେଦନକାରୀଙ୍କ ଆଶଙ୍କା ରହିଥିବା ବେଳେ ନିର୍ଦ୍ଦେଷ୍ଟ ଭାବେ ଏହି ପ୍ରସଂଗରେ ଏଏସଆଇ ହାଇକୋର୍ଟରେ ସତ୍ୟପାଠ ମାଧ୍ୟମରେ ପକ୍ଷ ରଖିବ। ବର୍ତ୍ତମାନ ଚାଲିଥିବା ଏପରି ନିର୍ମାଣ କାର୍ଯ୍ୟର ଯୁଗ୍ମ ଅନୁଧ୍ୟାନ ଚାହିଁଲେ ଏଏସଆଇ କରି ପାରିବ ବୋଲି ହାଇକୋର୍ଟ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନକୁ ଆଗୁଆ ଅବଗତ କରି ଏଏସଆଇ ଯୁଗ୍ମ ଅନୁଧ୍ୟାନ କରି ପାରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୧କୁ ଧାର୍ଯ୍ୟ କରାଯାଇଥିବା ବେଳେ ଏହାର ତିନି ଦିନ ପୂର୍ବରୁ ଏଏସଆଇ ପକ୍ଷରୁ ସତ୍ୟପାଠ ଦାଖଲ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ➤ ପୃ-୬

### ବଡ ନିଷ୍ପତ୍ତି, ହେଲେ କାମରେ ଲାଗୁନି

## ଦେଉନାହାନ୍ତି ସମ୍ପତ୍ତି ତାଲିକା

**ଭୁବନେଶ୍ୱର :** ଏବେ ପ୍ରତ୍ୟେକ ଦିନ କେହି ନା କେହି ସରକାରୀ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଧରାପଡୁଥିବା ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଠାରୁ ଯେତିକି ସମ୍ପତ୍ତି ଓ ନଗଦ ଟଙ୍କା ଜବତ କରାଯାଉଛି ତାହା ସମସ୍ତଙ୍କ ଆଖି ଖୋସି ହେଲା ଭଳି। ଦୁର୍ନୀତିଗ୍ରସ୍ତ ଓ ଅଳସୁଆ ସରକାରୀ କର୍ମଚାରୀଙ୍କ ଉପରେ ମୋ ସରକାର ରୋକ୍‌ଠୋକ୍ ପାହାର ପକାଉଛି। ହେଲେ ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଛି। ତେଣୁ ଚର୍ଚ୍ଚା ହେଉଛି ଯେ, ସରକାର ଯଦି ଦୁର୍ନୀତି ଲୋପ କରିବାକୁ ଚାହୁଁଛନ୍ତି ତେବେ ଦୁର୍ନୀତି କମିପାରୁନାହିଁ କାହିଁକି ? ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ସଂଖ୍ୟାକୁ ଦେଖିଲେ ଏଥିରେ ସରକାରଙ୍କର ଆନ୍ତରିକତା କେତେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ସହନଶୀଳତା ନୀତି ସତ୍ତ୍ୱେ ପିସିଖିଆ ଅଫିସରଙ୍କ ସଂଖ୍ୟା ନ କମିବା ବିସ୍ମୟ ସୃଷ୍ଟି କରୁଛି। ସାଧାରଣରେ ଆଲୋଚନା ହେଉଛି ଯେ, ରାଜ୍ୟ ପ୍ରଶାସନ ଏବେ ଦୁର୍ନୀତିରେ ଉବୁଟୁବୁ। ଏପରିକି ଗତ ୨ଟି ଆର୍ଥିକ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ବିଭିନ୍ନ ମନ୍ତ୍ରୀ ପର୍ଯ୍ୟନ୍ତ କିଏ କେତେ ସମ୍ପତ୍ତି ଆହରଣ କରିଛନ୍ତି, କେହି ତା'ର ଟେର ପାଇପାରୁନାହାନ୍ତି। ସରପଂଚଙ୍କଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଓ ପିଅନଠୁ ଆରମ୍ଭ କରି ମୁଖ୍ୟ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରତିବର୍ଷ ସେମାନଙ୍କର ସମ୍ପତ୍ତି ତାଲିକା ଦେବେ ଓ ଏହାକୁ ସାର୍ବଜନୀନ କରାଯିବ ବୋଲି ୨୦୨୦ ଡିସେମ୍ବର ୨୮ରେ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲା। ତେବେ



ଏହାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମାନେ ଖାତିର କରୁନଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷ ଶେଷ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ମନ୍ତ୍ରିମଣ୍ଡଳର ସହଯୋଗୀମାନେ ନିଜର ବାର୍ଷିକ ସମ୍ପତ୍ତି ବିବରଣୀକୁ ସାର୍ବଜନୀନ କରୁନାହାନ୍ତି। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ନିଜର ସମ୍ପତ୍ତି ବିବରଣୀ ସାର୍ବଜନୀନ କରୁନଥିବାରୁ ରାଜ୍ୟ କ୍ୟାବିନେଟ ୨୦୨୦ ଡିସେମ୍ବର ୨୮ ତାରିଖରେ ନେଇଥିବା ନିଷ୍ପତ୍ତି ମଧ୍ୟ ପରୋକ୍ଷରେ ଅର୍ଥହୀନ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳ ସହଯୋଗୀମାନେ ଶେଷଥର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ନିଜର ବାର୍ଷିକ ସମ୍ପତ୍ତି ବିବରଣୀକୁ ସାର୍ବଜନୀନ କରିଥିଲେ। ତା'ପରଠାରୁ ନିଜର ସମ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ କାହିଁକି ସାଧାରଣ ଲୋକଙ୍କ ଅବଗତ ନିମନ୍ତେ ସାର୍ବଜନୀନ କରୁନାହାନ୍ତି, ତା'ର କାରଣ ଅସ୍ପଷ୍ଟ ହୋଇଥିଲେ ମଧ୍ୟ ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁସାରେ ସମ୍ପତ୍ତି ବିବରଣୀ ସାର୍ବଜନୀନ ➤ ପୃ-୬

### ପ୍ରଧାନ ବିଚାରପତି ଏନଭି ରମନ୍ନାଙ୍କ ବୟାନ

## ବିଚାରପତିମାନଙ୍କୁ ବଦନାମ କରୁଛନ୍ତି ସରକାର



**ନୂଆଦିଲ୍ଲୀ :** ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ଏନଭି ରମଣା ଶୁକ୍ରବାର ଦିନ କହିଛନ୍ତି ଯେ ସରକାରରେ ଏବେ ଏକ ନୂତନ ଧାରା ଆରମ୍ଭ ହୋଇଛି। ସରକାର ବିଚାରପତିମାନଙ୍କୁ ବଦନାମ କରିବା ଆରମ୍ଭ କରିଛନ୍ତି। ଏହା ଦୁର୍ଭାଗ୍ୟଜନକ ବୋଲି ଆଜି ସୁପ୍ରିମ୍ କୋର୍ଟରେ ଏକ ତିନି ଜଣିଆ ଖଣ୍ଡପୀଠର ଅଧ୍ୟକ୍ଷତା କରୁଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ରମଣା ଏହା କହିଛନ୍ତି। ଆମେ ଅଦାଲତରେ ମଧ୍ୟ ଦେଖୁଛୁ। ଆଜିକାଲି ଏହା ଏକ ନୂତନ ଧାରା ଭାବେ ଆରମ୍ଭ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ ରମଣା, ଜଷ୍ଟିସ କୃଷ୍ଣ ମୁରାରୀ ଏବଂ ଜଷ୍ଟିସ୍ ହିମା କୋହଲିଙ୍କୁ ନେଇ ଗଠିତ ଏକ ତିନି ଜଣିଆ ଖଣ୍ଡପୀଠ ଛତିଶଗଡ଼ ହାଇକୋର୍ଟଙ୍କ ଆଦେଶ ବିରୋଧରେ ଆଗତ ଏକ ଆବେଦନର ଶୁଣାଣି କରୁଥିବା ସମୟରେ ପ୍ରଧାନ ବିଚାରପତି ଏହି ମନ୍ତବ୍ୟ ଦେଇଥିଲେ। ଛତିଶଗଡ଼ ହାଇକୋର୍ଟ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ପ୍ରମୁଖ ସଚିବ ଅମନ ସିଂ ଏବଂ ତାଙ୍କ ପତ୍ନୀ ୟାସମିନ ସିଂଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଦାଖଲ ହୋଇଥିବା ଏଫଆଇଆରକୁ ୨୦୨୦ରେ ରଦ୍ଦ କରିଦେଇଥିଲା। ଏହା ପରେ ବିଜେପି ରାଜ୍ୟର ଶାସନ କ୍ଷମତାରୁ ଅପସାରିତ ହୋଇଥିଲା ଏବଂ କଂଗ୍ରେସ ଦଳ ରାଜ୍ୟରେ କ୍ଷମତାକୁ ଆସିଥିଲା। ରାଜ୍ୟ ପୁଲିସର ଅର୍ଥନୈତିକ ଅପରାଧ ୱିଙ୍ଗ ସେମାନଙ୍କ ବିରୋଧରେ ➤ ପୃ-୬

## ଦେଶରେ ବାଲ୍ୟ ବିବାହ ସ୍ଥିତି ଉଦ୍‌ବେଗଜନକ

**ଭୁବନେଶ୍ୱର :** ଶିକ୍ଷା ହେଉ କି ଜୀବନ ଧାରଣମାନ, ଭାରତରେ ବହୁତ ଆଗେଇଛି। ବିଜ୍ଞାନ ବଳରେ ଆମେ ମଙ୍ଗଳ ଗ୍ରହରେ ପହଞ୍ଚି ସାରିଲେଣି। ଆଜି ବିଶ୍ୱର ପ୍ରତିଷ୍ଠିତ ସଂସ୍ଥାରେ ରହିଛି ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ। ଏତେ ପରେ ବି ଆମେ ଆଜି ବି ବାଲ୍ୟ ବିବାହ ଭଳି କୁତ୍ସିତ ପ୍ରଥାରୁ ମୁକୁଳି ପାରିନାହାନ୍ତି। ଜୀବନ କ'ଣ ଜାଣିବା ପୂର୍ବରୁ ସଂସାର ଜଞ୍ଜାଳରେ ଛନ୍ଦି ଦେଉଛନ୍ତି କୋମଳମତି ପିଲାଙ୍କୁ। ଦେଶରେ ବାଲ୍ୟ ବିବାହ ସ୍ଥିତି ଉଦବେଗଜନକ ରହିଛି। ଯାହାକୁ ନେଇ ଚିନ୍ତା ପ୍ରକଟ କରିବାର ସମୟ ଆସିଛି। ଓଡ଼ିଶାରେ ବାଲ୍ୟ ବିବାହ ହ୍ରାସ ପାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ଏହାକୁ ବନ୍ଦ କରିବାକୁ




ହେଲେ ଆହୁରି ଅଧିକ ସଚେତନତାର ଆବଶ୍ୟକତା ରହିଛି। ଏପରି କୁତ୍ସିତ ପ୍ରଥାକୁ ସମୂଳେ ହଟାଇବାକୁ ହେଲେ ସମସ୍ତଙ୍କର ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ତେବେ ବାଲ୍ୟ ବିଭାଗକୁ ଚକ୍ ଦେବାକୁ ରାଜ୍ୟ ସରକାରଙ୍କ ତରଫରୁ ଅହରହ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସମସ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ସଜାଗ ରହିବାକୁ ଚିଠି ଲେଖିଛନ୍ତି। ଚିନ୍ତା ବଢାଉଛି ଦେଶର ବାଲ୍ୟ ବିବାହ ସ୍ଥିତି। ଦୈନିକ ହେଉଛି ୨୯ ହଜାର ବାଲ୍ୟ ବିବାହ। ଓଡିଶାରେ ହ୍ରାସ ପାଇଥିଲେ ବି ଆଜି ବି ଜାରି ରହିଛି ଏହି କୁତ୍ସିତ ପ୍ରଥା। ଏହାକୁ ରୋକିବାକୁ ବିଭିନ୍ନ ସ୍ତରରେ ଚାଲିଛି ଉଦ୍ୟମ। ଆମ ରାଜ୍ୟରେ ତୁଳନାତ୍ମକ ଭାବେ ଏହି ହାର ହ୍ରାସ ପାଉଥିବା ସର୍ଭେରୁ ଜଣାପଡିଛି। ତଥାପି ସମସ୍ତଙ୍କର ମିଳିତ ଉଦ୍ୟମ ରହିଲେ ଏହାକୁ ରୋକା ଯାଇପାରିବ ବୋଲି ମତ ପ୍ରକାଶ ପାଇଛି। ଆଗକୁ ଅକ୍ଷୟ ତୃତୀୟା। ଏହିଦିନ ବହୁ ସଂଖ୍ୟାରେ ବିବାହ ହୋଇଥାଏ। ଏଣୁ ରାଜ୍ୟ ଶିଶୁ ଅଧିକର ଆୟୋଗ ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କ ସମେତ ସିଡିପିଓମାନଙ୍କୁ ସଜାଗ ରହିବାକୁ ଚିଠି ଲେଖିଛନ୍ତି। ➤ ପୃ-୬

### ବକ୍ରବାଣୀ



ମିଶ୍ରପୁଅକୁ ଉଦ୍ଧରିବା ପାଇଁ
ରୋଷଘର ଚୁଲୀ ଭାଙ୍ଗିଲେ ସାଇଁ
ଜଗନ ମାନୁଚି ଭାଙ୍ଗିଚି ସିଏ
ଜଣା ପଡୁନାହିଁ ତା'ପଛେ କିଏ
ପୋଲିସ୍ ଜଗିଚି ଦେଉଳ ସାରା
ଶୋଇକି ସପନେ ଗଣୁଚି ତାରା
ଧରମଛଡ଼ାଟା କାହୁଁ ଆଇଲା
ମାନ ମହତକୁ ସବୁ ସାଇଲା
ମାଗଣାଖିଆଙ୍କୁ ମାଗଣା ଖୋଇ
ଓଡ଼ିଆ ଜାତିକି ଦେଲା ଶୁଆଇ।

———— ଟୁଟୁ

### କୃଷି ମନ୍ତ୍ରୀ କହିଥିଲେ ଲେମ୍ବୁ ଉତ୍ପାଦନରେ ଓଡ଼ିଶା ଦେଶରେ ପ୍ରଥମ

## ବଜାରରେ ଗୋଟାକୁ ୧୨ ଟଙ୍କା

**ଭୁବନେଶ୍ୱର :** ଗତ କିଛିଦିନ ଧରି ତୈଳ ଦର ବୃଦ୍ଧି ସାଙ୍ଗକୁ ବଜାରରେ ପନିପରିବା ଦର ଅହେତୁକ ଭାବେ ବୃଦ୍ଧି ପାଇଛି। ପରିବା ଦରକୁ ଦେଖିଲେ ସାଧାରଣ ଖାଉଟିଙ୍କ କାନମୁଣ୍ଡା ଘାଇଁ ଘାଇଁ ହେଇଯାଉଛି। ହେଲେ ଲେମ୍ବୁ ଗୋଟାକୁ ୧୨ଟଙ୍କା ଶୁଣି ଗ୍ରାହକ ଛାନିଆ। ଖରାଦିନେ ପଖାଳ ହେଉ କିମ୍ବା ପାନୀୟ ହେଉ ଲେମ୍ବୁ ନିହାତି ଦରକାର। ବର୍ତ୍ତମାନ ରାଜଧାନୀ ଭୁବନେଶ୍ୱର ୧ ନମ୍ବର ହାଟ ହେଉ ବା ଡମଣା ହାଟ ସବୁଠି ଲେମ୍ବୁର ଦର ଉଚ୍ଚା ରହିଛି। ଖୁଚୁରା ବ୍ୟବସାୟୀଙ୍କୁ ପଚାରିଲେ ସେମାନେ କହୁଛନ୍ତି ଆନ୍ଧ୍ରରୁ କମ ଲେମ୍ବୁ ଆସୁଥିବାରୁ ବଜାରରେ ଦର ଅସମ୍ଭବ ଭାବେ ବଢ଼ିଯାଇଛି। ଲେମ୍ବୁ ଦର ହଠାତ୍ ବଢ଼ିଯିବାରୁ ୧୦ଦିନ ତଳେ ଯେଉଁ ଲେମ୍ବୁର ମୂଲ୍ୟ ୫ଟଙ୍କା ଥିଲା ତାହା ଏବେ ୧୫ ଟଙ୍କାରେ ପହଞ୍ଚି ଗଲାଣି। ହୋଟେଲ ଓ



ରେଷ୍ଟୋରାଁରେ ଖାଇବା ଥାଳିରେ ଆଉ ଲେମ୍ବୁ ରହୁନି। ବଜାରରେ ଲେମ୍ବୁର ଉଚ୍ଚା ଦର ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି। କାରଣ ମାର୍ଚ୍ଚ ୩୦ରେ ବିଧାନସଭାରେ ଖୋଦ କୃଷି ମନ୍ତ୍ରୀ ଅରୁଣ ସାହୁ କହିଥିଲେ ଯେ, ଲେମ୍ବୁ ଉତ୍ପାଦନରେ ଓଡ଼ିଶା ଦେଶରେ ପ୍ରଥମ। ଖାଲି ଲେମ୍ବୁ ନୁହେଁ, ପାଳ ଛତୁ, ବାଇଗଣ ଠାରୁ ଆରମ୍ଭ କରି ବିଭିନ୍ନ ପନିପରିବାର ଉତ୍ପାଦନରେ ଆମ ରାଜ୍ୟ ଅଗ୍ରଣୀ ବୋଲି ଦର୍ଶାଇଥିଲେ ମନ୍ତ୍ରୀ। ତେବେ ଲେମ୍ବୁ ଉତ୍ପାଦନରେ ଓଡ଼ିଶା ଯଦି ୧ ନମ୍ବର ତା'ହେଲେ ଆନ୍ଧ୍ରରୁ ନ ଆସିଲେ ଓଡ଼ିଶାରେ ଦର କାହିଁକି ବଢ଼ିବ ? ଉଲ୍ଲେଖଯୋଗ୍ୟ ଓଡ଼ିଶାରେ ଲେମ୍ବୁ ଅଭାବ ହେଲେ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡେ। ଚଳିତ ବର୍ଷ ପାଗ ଖରାପ ଯୋଗୁ ଆନ୍ଧ୍ରପ୍ରଦେଶରେ ଲେମ୍ବୁ ଉତ୍ପାଦନ କମିଛି, ତେଣୁ ଦର ବଢ଼ିଛି ବୋଲି ବ୍ୟବସାୟୀ କହୁଛନ୍ତି। ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତର ରଖିବାର ମାତ୍ର ୧୦ ଦିନ ଭିତରେ ଲେମ୍ବୁର ଏଭଳି ଅଭାବ ସ୍ଥିତି ସମସ୍ତଙ୍କୁ ବ୍ୟଥିତ କରିଛି। ଲେମ୍ବୁ ଦର ନିୟନ୍ତ୍ରଣ ଲାଗି ସରକାର କି ପଦକ୍ଷେପ ନେଉଛନ୍ତି ତାହାକୁ ଅପେକ୍ଷା କରିଛନ୍ତି ଖାଉଟି।

ଓଡ଼ିଶା ଲେମ୍ବୁ ଉତ୍ପାଦନରେ ଆତ୍ମନିର୍ଭର ହୋଇଥିବାରୁ ଆଉ ପଡୋଶୀ ଆନ୍ଧ୍ରପ୍ରଦେଶ କି ତେଲେଙ୍ଗାନା ଉପରେ ଆମକୁ ନିର୍ଭର କରିବାକୁ ପଡୁନି। ପଡୋଶୀ ରାଜ୍ୟକୁ ବି ➤ ପୃ-୬

### ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ପାଇଁ ୧୦ ରାଜ୍ୟକୁ ଅତିରିକ୍ତ ୨୮,୨୦୪ କୋଟି

## ଓଡ଼ିଶାକୁ ୨,୭୨୫ କୋଟିର ଋଣ ଉଠାଣ ଅନୁମତି

**ଭୁବନେଶ୍ୱର :** ଓଡ଼ିଶା ସମେତ ଦେଶର ୧୦ଟି ରାଜ୍ୟକୁ ୨୦୨୧-୨୨ ଆର୍ଥିକ ବର୍ଷରେ ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ପାଇଁ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ ଅତିରିକ୍ତ ୨୮ ହଜାର ୨୦୪ କୋଟି ଟଙ୍କାର ଋଣ ଉଠାଣ ପାଇଁ ଅନୁମତି ମିଳିଛି। ଏହି କ୍ରମରେ ଓଡ଼ିଶାକୁ ୨୭୨୫ କୋଟି ଟଙ୍କାର ଋଣ ଉଠାଣ ନିମନ୍ତେ ମଞ୍ଜୁରି ମିଳିଛି। ବିଦ୍ୟୁତ କ୍ଷେତ୍ରରେ ବିଭିନ୍ନ ରାଜ୍ୟମାନଙ୍କ ପକ୍ଷରୁ କରାଯାଇଥିବା ସଂସ୍କାରକୁ ଆଧାର କରି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରତି ବର୍ଷ ରାଜ୍ୟ ଜିଡିପିର ୦.୫ ପ୍ରତିଶତ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦେବା ଲାଗି ଅର୍ଥ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସକୁ ଆଧାର କରି ଏହି ମଞ୍ଜୁରି ଦେବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି



ଗ୍ରହଣ କରିଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୨୧-୨୨ ବଜେଟ୍ ଭାଷଣରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ବିଦ୍ୟୁତ କ୍ଷେତ୍ରରେ ପରିଚାଳନା ଏବଂ ଆର୍ଥିକ ଦକ୍ଷତାରେ ସୁଧାର ଆଣିବା ସହିତ ଦେୟ ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଦୀର୍ଘସ୍ଥାୟୀ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ଅତିରିକ୍ତ ଆର୍ଥିକ ପ୍ରୋତ୍ସାହନ ପାଇଁ ଅନୁମତି ଦେବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟୁତ କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ କରୁଥିବା ➤ ପୃ-୬




## ୩ ବର୍ଷରେ ୧୩୩ ଖଣି ଚୋରି

**ଭୁବନେଶ୍ୱର :** ଓଡ଼ିଶାରେ ବେଧଡ଼କ ବେଆଇନ ଖଣି କରବାର ବଢ଼ିଚାଲିଛି। ମାତ୍ର ଏନେଇ ଥାନା କି କୋର୍ଟରେ ଗୋଟିଏ ବି ମାମଲା ରୁଜୁ ହେଉନି। ଅଥଚ ସରକାରୀ ରେକର୍ଡରେ ୨୩ଟି ଗାଡ଼ି ସିଜ୍ ହେବା ସହ ୧.୧୯ କୋଟି ଟଙ୍କାର ଜୋରିମାନା ଆଦାୟ ହୋଇଥିବାର ଉଲ୍ଲେଖ ରହିଛି। ଗତ ୩ ବର୍ଷ ମଧ୍ୟରେ ଓଡ଼ିଶାରେ ମୋଟ ୧୩୩ଟି ବେଆଇନ ଖଣି କାରବାର ମାମଲା ସମ୍ପର୍କରେ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ)କୁ ଖୋଦ୍ ରାଜ୍ୟ ସରକାର ଜଣାଇଥିଲେ ମଧ୍ୟ ଏହି ଖଣିଜ ସାମଗ୍ରୀ ଲୁଟ୍ ଅବା ବେଆଇନ ଖଣି କାରବାରରେ ଲିପ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ରାଜ୍ୟ ସରକାର କାହିଁକି ମାମଲା ରୁଜୁ କରିନାହାନ୍ତି ତାକୁ ନେଇ ଉଦବେଗ ପ୍ରକାଶ ପାଇଛି। ସୂଚନାଥାଉ କି, ଏମଏମଡିଆର ଆକ୍ଟ-୧୯୫୭ର ଧାରା ୨୩(ଗ) ଅନୁସାରେ ରାଜ୍ୟରେ ବେଆଇନ ଖଣି କାରବାର, ବେଆଇନ ଖଣିଜ ସାମଗ୍ରୀ ପରିବହନ ଓ ସଂରକ୍ଷଣକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ତେଣୁ ବେଆଇନ ଖଣି କାରବାର ମାମଲା ଉପରେ ନିୟନ୍ତ୍ରଣ ରାଜ୍ୟ ସରକାରଙ୍କ



ପ୍ରଶାସନିକ କଳ ଅଧୀନରେ ଆସୁଛି। ମାତ୍ର ରାଜ୍ୟର ଉଭୟ ବୃହତ୍ ଓ କ୍ଷୁଦ୍ର ଖଣିଜ ସାମଗ୍ରୀର ବେଆଇନ ଖନନ ସଂକ୍ରାନ୍ତରେ ଆଇବିଏମ୍ ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁସାରେ, ଓଡ଼ିଶାରେ ୨୦୧୯-୨୦ ମସିହାରେ ୧୬ଟି ,୨୦୨୦-୨୧ରେ ୧୮ଟି ଓ ୨୦୨୧-୨୨(୨୦୨୧ ସେପଟେମ୍ବର ଶେଷ ପର୍ଯ୍ୟନ୍ତ) ମୋଟ ୯୯ଟି ବେଆଇନ ଖଣି କାରବାର ମାମଲା ପଦାକୁ ଆସିଛି। କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଆଇବିଏମକୁ ରାଜ୍ୟ ସରକାର ନିଜେ ଏହି ତଥ୍ୟ ଦେଇଛନ୍ତି। କିନ୍ତୁ ପରିତାପର କଥା ଏହି ୩ବର୍ଷରେ ଏତେ ସଂଖ୍ୟକ ବେଆଇନ ଖଣି କାରବାର ସରକାରଙ୍କ ନଜରକୁ ଆସିଥିଲେ ମଧ୍ୟ ଥାନା କିମ୍ବା କୋର୍ଟରେ ଗୋଟିଏ ବି ମାମଲା ରୁଜୁ ନହେବାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଯଦିଓ ଏହି ୩ବର୍ଷ ମଧ୍ୟରେ ଓଡ଼ିଶା ସରକାର ୨୩ଟି ଗାଡ଼ି ଜବତ କରିଛନ୍ତି ଓ ୧.୧୯କୋଟି ଟଙ୍କାର ଜୋରିମାନା ମଧ୍ୟ ଆଦାୟ ହୋଇଛି। କିନ୍ତୁ ୧୩୩ଟି ବେଆଇନ ଖଣି କାରବାର ମାମଲାରେ ଗୋଟିଏ ବି ପୁଲିସ୍ କି କୋର୍ଟ କେସ୍ ହୋଇନି। ଯଦିଓ ରାଜ୍ୟରେ ବହୁଚର୍ଚ୍ଚିତ ଖଣି ଦୁର୍ନୀତି ମାମଲାରେ ଜଷ୍ଟିସ ଏମବି ଶାହା କମିଶନ ତାଙ୍କର ରିପୋର୍ଟରେ ରାଜ୍ୟ ପ୍ରଶାସନିକ କଳର ସହଯୋଗରେ ଖଣିଜ ସାମଗ୍ରୀ ଲୁଟ୍ ହୋଇଥିବା ନେଇ ସଙ୍କେତ ଦେଇଥିଲେ ଓ ପଦାଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ, ମାତ୍ର ଦୀର୍ଘ ଗୋଟିଏ ଦଶନ୍ଧି ପରେ ବି ଓଡ଼ିଶା ସରକାର କାହାରି ବିରୁଦ୍ଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇପାରିନାହାନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଗତ ୩ବର୍ଷ ମଧ୍ୟରେ ଦେଶରେ ବେଆଇନ ଖଣି କାରବାର ସମ୍ପର୍କରେ ଲୋକସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ସ୍ୱାସ୍ଥ୍ୟ ଓ ମନ ପ୍ରଫୁଲ୍ଲ ରହିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସପ୍ତାହର ପ୍ରଥମାର୍ଦ୍ଧରେ କାର୍ଯ୍ୟ କ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ମତାନ୍ତର ହୋଇପାରେ। ଜୀବନସାଥୀଙ୍କୁ ନେଇ ଚିନ୍ତିତ ରହିପାରିନ୍ତି। ପ୍ରତିକାର : ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** — ଛାତି ବା କାଶ, ଶର୍ଦ୍ଦି ଭଳି ବେମାରୀ ହୋଇପାରେ। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ନୂଆ କାର୍ଯ୍ୟ ପାଇଁ ସମୟ ଅନୁକୂଳ। ଧାର୍ମିକ ବା ଆଧାତ୍ମିକ କାର୍ଯରେ ଯୋଗ ଦେବେ। ପ୍ରତିକାର : ଓଁ ଦ୍ରାଂ ଦ୍ରିଂ ଦ୍ରଂ ଶୁକ୍ରାୟନମଃ।

**ମିଥୁନ** — ଜ୍ୱରରେ ପୀଡିତ ହୋଇପାରନ୍ତି ଓ ଆତ୍ମବିଶ୍ୱାସରେ କମ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହନ୍ତୁ। ନୂଆ ବିପରୀତ ବନ୍ଧୁ ହୋଇପାରନ୍ତି। ପ୍ରତିକାର : ବୁଧବାର ଦିନ ଗାଈକୁ ସବୁଜ ଚାରା ବା ଘାସ ଖୁଆନ୍ତୁ।

**କର୍କଟ** — ପାଚନ ତନ୍ତ୍ର ଜନିତ ସମସ୍ୟା ହୋଇପାରେ। ବ୍ୟବସାୟରେ ନୂଆ ଭାଗୀଦାରୀ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶତ୍ରୁଙ୍କ ବୃଦ୍ଧି ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କ ପୂଜା / ଆରାଧନା କରନ୍ତୁ।

**ସିଂହ** — ପେଟ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ବ୍ୟବସାୟରେ କ୍ଷତିର ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। କାର୍ଯ୍ୟକ୍ଷେତ୍ରରେ ରାଜନୀତିରୁ ଦୂରେଇ ରହନ୍ତୁ। ପ୍ରତିକାର : ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** — ମନ ବିଚଳିତ ରହିବ। ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଧୈର୍ଯ୍ୟ ସହ କାର୍ଯ୍ୟ କଲେ ସମ୍ମାନିତ ହେବେ। ସପ୍ତାହର ଶେଷରେ ଜୀବନ ସହ ଆନ୍ତରିକତା ବୃଦ୍ଧି ହେବ। ପ୍ରତିକାର : ବୁଧବାର ଦିନ ଛୋଟ ଝିଅପିଲାଙ୍କୁ ଉପହାର ଦିଅନ୍ତୁ।

**ତୁଳା** — ଛାତି, ପେଟରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆର୍ଥିକ ସ୍ଥିତି ସାଧାରଣ ରହିବ। କାର୍ଯ୍ୟକ୍ଷେତ୍ରରେ ଅଯଥା ଅନାବଶ୍ୟକ କାର୍ଯ୍ୟରେ ମୁଣ୍ଡ ପୁରାନ୍ତୁ ନାହିଁ। ପ୍ରତିକାର : ଶୁକ୍ରବାର ଦିନ ମା' ସନ୍ତୋଷୀଙ୍କ ଆରାଧନା କରନ୍ତୁ।

**ବିଛା** — ସ୍ୱାସ୍ଥ୍ୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। କିନ୍ତୁ ବଚସାରୁ ଦୂରେଇ ରହନ୍ତୁ। ଖର୍ଚ୍ଚରେ ବୃଦ୍ଧି ହେବ। ପ୍ରତିକାର : ପ୍ରତିଦିନ ଶିବଙ୍କୁ ଓଁ ନମ ଶିବାୟ ମନ୍ତ୍ରରେ ଧ୍ୟାନ କରନ୍ତୁ।

**ଧନୁ** — ଶରୀରରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆବଶ୍ୟକରୁ ଅଧିକ ଖର୍ଚ୍ଚ ହେବ। ବନ୍ଧୁ ଓ ପରିବାରରେ ସମ୍ମାନ ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରଗତି ହେବ। ପ୍ରତିକାର : ଗୁରୁବାର ଦିନ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ।

**ମକର** — ଲକ୍ଷ ହାସଲ ଦିଗରେ ଅଗ୍ରସର ହେବେ। ପଦସ୍ଥ ଅଧିକାରୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ଋଣ ପରିଶୋଧ କରିପାରନ୍ତି। ଆଖିରେ ପୀଡା ହୋଇପାରେ। ପ୍ରତିକାର : ପିତାମାତାଙ୍କୁ ସମ୍ମାନ କରନ୍ତୁ ଓ ମିଛ କହନ୍ତୁ ନାହିଁ।

**କୁମ୍ଭ** — ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମ୍ମାନ ପାଇଁ ବାଣୀରେ ଲଗାମ ଦିଅନ୍ତୁ। ଭାଇଭଉଣୀଙ୍କ ସହଯୋଗ ପାଇବେ। ଦମ୍ପତିଙ୍କର ପୁରୁଣା ମତଭେଦ ଦୂର ହେବ। ପ୍ରତିକାର : ଶନିବାର ଦିନ ଛାୟା ଦାନ କରନ୍ତୁ।

**ମୀନ** — ଆବଶ୍ୟକତାରୁ ଅଧିକ କଥା କହନ୍ତୁ ନାହିଁ। ମାନସିକ ଓ ଶାରୀରିକ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭଲ ଖବର ପାଇବେ। ଆୟରୁ ବ୍ୟୟ ଅଧିକ ହେବ। ବୈବାହିକ ଜୀବନର ଶାନ୍ତି ଅନୁଭବ କରିବେ। ପ୍ରତିକାର : ଗୁରୁଜନଙ୍କୁ ସମ୍ମାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ବିଜେପି ପ୍ରତିଷ୍ଠା ଦିବସରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମୋଦିଙ୍କ ଉଦ୍‌ବୋଧନ

# ଦୃଢତାର ସହ ମାନବିକତାର କଥା କହୁଛି ଭାରତ


**ନୂଆଦିଲ୍ଲୀ :** ମାସେରୁ ଅଧିକ ସମୟ ହେଲା ରୁଷ ଓ ୟୁକ୍ରେନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଏବେ ପୂରା ବିଶ୍ୱ ଦୁଇଟି ଗ୍ରୁପରେ ବିଭକ୍ତ ହୋଇଯାଇଛନ୍ତି। ହେଲେ ଭାରତ ତା'ର ନିରପେକ୍ଷ ନୀତିରେ କାମ କରି ଚାଲିଛି। ନିରପେକ୍ଷ ନୀତି ଯୋଗୁ ଭାରତ ତା'ର ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇଛି ଓ ବିଶ୍ୱର କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇ ନାହିଁ ବୋଲି ମୋଦି କହିଛନ୍ତି। ରୁଷ ଓ ୟୁକ୍ରେନ ଯୁଦ୍ଧ ଆଡ଼କୁ ଇସାରା କରି ମୋଦି କହିଛନ୍ତି, "ଯେତେବେଳେ ଗୋଟିଏ ସମୟରେ ପୂରା ବିଶ୍ୱ ଦୁଇ ଭାଗରେ ବିଭକ୍ତ ହୋଇ ସାରିଛି ସେତେବେଳେ ମାନବିକତା ପାଇଁ ନିରପେକ୍ଷ ନୀତି ଅବଲମ୍ବନ କରି ଆସିଛି। ଭାରତ ତା'ର ଜାତୀୟ ସ୍ୱାର୍ଥକୁ ସବୁଠାରୁ ଆଗରେ ରଖି କାମ କରିଛି।" ଆଜି ବିଜେପିର ପ୍ରତିଷ୍ଠା ଦିବସରେ ମୋଦି କହିଛନ୍ତି, "ଚଳିତ ବର୍ଷ ପ୍ରତିଷ୍ଠା ଦିବସ ୩ଟି କାରଣ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ କାରଣ ହେଲା ଆମେ



ଚଳିତ ବର୍ଷ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛେ। ଏହା ପ୍ରେରଣା ପାଇଁ ସବୁଠାରୁ ବଡ଼ ଉତ୍ସବ। ଦ୍ୱିତୀୟ କାରଣ ହେଲା, ଦ୍ରୁତଗତିରେ ବିଶ୍ୱର ସ୍ଥିତି ବଦଳିବା ଓ ଭାରତ ପାଇଁ ନିୟମିତ ନୂଆ ନୂଆ ସୁଯୋଗ ସୃଷ୍ଟି ହେବା। ତୃତୀୟ କାରଣ ହେଲା, ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ। ନିକଟରେ ବିଜେପିର ଡବଲ ଇଞ୍ଜିନ ସରକାର ୪ ରାଜ୍ୟରେ ଫେରିଛି। ସେହିପରି ଦୀର୍ଘ ଦଶନ୍ଧି ପରେ ରାଜ୍ୟସଭାରେ ବିଜେପି ସଦସ୍ୟଙ୍କ ସଂଖ୍ୟା ୧୦୦ ଅଙ୍କ ଛୁଇଁଛି।" ମୋଦି ଆହୁରି କହିଛନ୍ତି, "ଚଳିତ ବର୍ଷ ଭାରତୀୟ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି। ଏହା ଅମୃତକାଳ। ତେଣୁ ଆମକୁ ଲୋକାଲ ଦ୍ରବ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ହେବ ଓ ସାମାଜିକ ନ୍ୟାୟକୁ କାଏମ ରଖିବାକୁ ପଡ଼ିବ। ଏହି ନୀତିରେ ବିଜେପି ନିୟମିତ କାମ କରି ନିଜର ଆଦର୍ଶ ଗୋଟିଏ ଭାରତ, ଶ୍ରେଷ୍ଠ ଭାରତ ନୀତିକୁ ଅଧିକ ସଶକ୍ତ କରି ଚାଲିଛି। ମହାମାରୀ ସମୟରେ ଭାରତ ୪୦୦ ବିଲିୟନ ଡଲାରର ରପ୍ତାନୀ ଟାର୍ଗେଟକୁ ପୂରଣ କରି ନିଜ ଦକ୍ଷତାର ପ୍ରମାଣ ଦେଇଛି। ୧୦୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ବିପଦ ବିଶ୍ୱକୁ ଘାରିଥିଲେ ହେଁ ଭାରତ ଏହାର ମୁକାବିଲା କରି ୮୦ କୋଟି ଲୋକଙ୍କୁ ମାଗଣା ରାସନ ଯୋଗାଇ ଦେଇଛି। କୌଣସି ଭାରତୀୟ ଯେମିତି ଭୋକରେ ନ ଶୋଇବେ, ତା'କୁ ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ୩.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଜେପି ନେତୃତ୍ୱାଧୀନ ସରକାର ସବୁବେଳେ ସବକା ସାଥ, ସବକା ବିକାଶ ଓ ସବକା ବିଶ୍ୱାସ ମନ୍ତ୍ରରେ କାମ କରିଛି।" ବିଜେପିର ୪୨ତମ ପ୍ରତିଷ୍ଠା ଦିବସରେ ମୋଦି ବିରୋଧୀଙ୍କୁ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି। ସେ କହିଛନ୍ତି, "ପୂର୍ବରୁ ଭାରତ ବିକାଶ ରାସ୍ତାରେ ଚାଲି ପାରିବନି ବୋଲି ଆଶଙ୍କା କରି ଅନେକ ଇସ୍ତଫା ଦେଉଥିଲେ। ହେଲେ ଏବେ ଭାରତ ବିକାଶ ରାସ୍ତାରେ ଚାଲୁଥିବା ସମସ୍ତେ ବିଶ୍ୱାସ କରିବା ଆରମ୍ଭ କଲେଣି। ଦୀର୍ଘ ଦଶନ୍ଧି ଧରି କିଛି ରାଜନୀତିକ ଦଳ ଭୋଟ ବ୍ୟାଙ୍କ ରାଜନୀତିକୁ ଗୁରୁତ୍ୱ ଦେଉଥିଲେ। ସେମାନେ କିଛି ଲୋକଙ୍କ ବିକାଶ କରିବାକୁ ପ୍ରତିଶ୍ରୁତି ଦେଉଥିଲେ ଓ ବାକି ଲୋକଙ୍କୁ ଅଣଦେଖା କରୁଥିଲେ। ପାତରଅନ୍ତର ଓ ଦୁର୍ନୀତି ଭୋଟ ବ୍ୟାଙ୍କ ରାଜନୀତିର ଫଳ। କିନ୍ତୁ ବିଜେପି ବେଶ ସଫଳତାର ସହ ଏହାକୁ କାଉଣ୍ଟର କରିପାରିଛି। ବିଜେପି ନିୟମିତ ଭାବେ ଦେଶର ଗରିବ, ଦଳିତ ଓ ମହିଳାଙ୍କ ବିକାଶ ପାଇଁ କାମ କରି ଚାଲିଛି। ବଂଶବାଦୀ ପରିବାର ଗଣତନ୍ତ୍ର ପ୍ରତି ସବଠାରୁ ବଡ଼ ବିପଦ।"

## ଚୀନ୍ ହ୍ୟାକର୍ସଙ୍କ ଟାର୍ଗେଟ୍ ଲଦାଖ ପାୱାର ଗ୍ରୀଡ୍

**ନୂଆଦିଲ୍ଲୀ :** ଚୀନ୍ ପ୍ରାୟୋଜିତ ହ୍ୟାକରମାନେ ଲଦାଖ ନିକଟରେ ଥିବା ଭାରତୀୟ ବିଦ୍ୟୁତ ବିତରଣ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରିଛନ୍ତି। କିଛି ମାସ ତଳେ ହ୍ୟାକର୍ସମାନେ ଏପରି କାଣ୍ଡ ଘଟାଇଥିଲେ ବୋଲି ବେସରକାରୀ ଗୁଇନ୍ଦା ସଂସ୍ଥା ରେକର୍ଡେଡ୍ ଫ୍ୟୁଚର୍‌ର ଗୋଟିଏ ରିପୋର୍ଟରେ ଏପରି ଦାବି କରାଯାଇଛି। ଏଥିରେ କୁହାଯାଇଛି ଯେ କିଛି ମାସ ତଳେ ଆମେ ଅତି କମରେ ସାତୋଟି ଇଣ୍ଡିଆନ୍ ଷ୍ଟେଟ୍ ଲୋଡ୍ ଡେସପ୍ୟାଚ୍ ସେଣ୍ଟର୍‌ର ସମ୍ଭାବ୍ୟ ନେଟୱାର୍କକୁ ଟାର୍ଗେଟ କରି ହ୍ୟାକର୍ସମାନେ ପ୍ରବେଶ କରିଥିବା ଜାଣିବାକୁ ପାଇଛି। ଗ୍ରୀଡ୍ କଣ୍ଟ୍ରୋଲ୍ ଓ ବିଜୁଳି ବିତରଣର ରିଅଲ୍ ଟାଇମ୍ ଅପରେସନ୍ ପାଇଁ କେନ୍ଦ୍ର ଗୁଡ଼ିକ କାର୍ଯ୍ୟ କରନ୍ତି। ପାୱାର ଗ୍ରୀଡ ବ୍ୟତୀତ ଜାତୀୟ ଜରୁରୀ କାଳିନ ବ୍ୟବସ୍ଥା ଓ ଭାରତର ସବସିଡରେ ପରିଚାଳିତ ଗୋଟିଏ ମଲ୍ଟିନ୍ୟାଶନାଲ ଲଜିଷ୍ଟିକ୍ସ କମ୍ପାନୀକୁ ମଧ୍ୟ ସମାନ ହ୍ୟାକର୍ସ ଗ୍ରୁପ୍ ଟାର୍ଗେଟ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ରେକର୍ଡେଡ୍ ଫ୍ୟୁଚର୍‌ର ରିପୋର୍ଟ ପ୍ରକାଶ କରିବା ପୂର୍ବରୁ ଭାରତ ସରକାରଙ୍କୁ ଅବଗତ କରାଇ ସାରିଥିବା ସୂଚନା ଦେଇଛି। କମ୍ପାନୀ କହିଛି ଯେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଚୀନ୍



ପ୍ରାୟୋଜିତ ହ୍ୟାକର୍ସମାନେ ଏପରି କରିଛନ୍ତି। ବିଗତ ୧୮ ମାସରେ ଭାରତର ଷ୍ଟେଟ ଆଣ୍ଡ ରିଜନାଲ ଲୋଡ ଡେସପ୍ୟାଚ୍ ସେଣ୍ଟରଗୁଡ଼ିକୁ ଟାର୍ଗେଟ କରାଯାଉଛି। ପୂର୍ବରୁ ରେଡ୍‌ଇଚୋ ଗ୍ରୁପ ହ୍ୟାକ କରୁଥିବା ବେଳେ ଟ୍ୟାଗ-୩୮ର ନାଁ ସାମ୍ନାକୁ ଆସିଛି। ଭାରତରେ କିଛି ବଛାବଛା ଚାଇନିଜ ହ୍ୟାକର୍ସଙ୍କ ଦୀର୍ଘ ସମୟର ରଣନୀତିର ଏହା ଏକ ଅଂଶବିଶେଷ ହୋଇପାରେ। ଚୀନ୍ ସହ ଜଡ଼ିତ କିଛି ଗ୍ରୁପ୍ ଏପରି କାର୍ଯ୍ୟ କରି ଗୁପ୍ତ ତଥ୍ୟ ହାସଲ କରିବା ସୁଯୋଗରେ ରହିଥିବା ଆଶଙ୍କା କରାଯାଇଛି। ସେହିପରି ଭବିଷ୍ୟତକୁ ଦୃଷ୍ଟିରେ ରଖି ମଧ୍ୟ ପାୱାର ଗ୍ରୀଡକୁ ଟାର୍ଗେଟ କରାଯାଉଛି ବୋଲି ରିପୋର୍ଟରେ କୁହାଯାଇଛି।

## ପୁଣି ଫେରିଲା ନିଆଁ ଲଗା କରୋନା

### ପାର୍ଟନରଙ୍କୁ ଏକାଠି ଶୋଇବା ଓ କିସ୍ କରିବା ମନା

**ନୂଆଦିଲ୍ଲୀ:** ଚାଇନାକୁ ପୁଣି କୋଭିଡ୍ ମହାମାରୀ ଭୟଙ୍କର ରୂପ ଧରି ଫେରିଥିବାରୁ ସାଂଘାଇରେ ଲକଡାଉନ୍ ଘୋଷଣା କରାଯାଇଛି। ଆତଙ୍କ ସୃଷ୍ଟି କରିଥିବା କୋଭିଡ୍ ଭାଇରସ୍ କବଳରୁ ବର୍ତ୍ତିବା ପାଇଁ ସେଠିକାର ସରକାର କଠୋର ନିୟମ ଲାଗୁ କରିଛନ୍ତି। କୋଭିଡ୍ର ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୁପ ସାମାଜିକ ଦୂରତା ଏକ ବଡ଼ ଅସ୍ତ୍ର ହୋଇଥିବାରୁ ଏହା ଉପରେ ଅଧିକ ଗୁରୁତ୍ୱ ଦେଇଛି ସ୍ଥାନୀୟ ପ୍ରଶାସନ। ଲୋକେ ଏକାଠି ସାଙ୍ଗରେ ନରହିବା ପାଇଁ କଡ଼ା ନିୟମମାନ ଘୋଷଣା କରାଯାଛି। ଏପରି କେହି ସାଙ୍ଗ ହୋଇ ବସିବା, ଖାଇବା ଓ ଶୋଇବାମନା ହୋଇଛି। ସେହିପରି କେହି କାହାକୁ କିସ୍ ମଧ୍ୟ କରିପାରିବେନି। ଚାଇନାର ଆର୍ଥିକ ରାଜଧାନୀ ସାଂଘାଇ ଏବେ କରୋନାର ହଟସ୍ପଟ୍ ଭାବେ ଚିହ୍ନଟ ହୋଇଛି। ଏଠାରେ ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଛି। ଅନ୍ୟ ଦେଶ ତୁଳନାରେ ଚାଇନାର ସଂକ୍ରମଣ ହାର ଅଧିକ ରହିଛି। ସଂଘାଇର ୨୬ ଲକ୍ଷ ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ସେଠିକାର ସହରରେ ଡ୍ରୋନ୍ ମାଧ୍ୟମରେ ସଚେତନତା ବାର୍ତ୍ତା ଘୋଷଣା କରାଯାଉଛି। ଲୋକଙ୍କ ଛାତ ଉପରେ ଏକାଧିକ ଡ୍ରୋନ୍ ଚକ୍କର କାଟୁଥିବା ଭିଡିଓ ସୋଶାଲ ମଡିଆରେ ଭାଇରାଲ ହେଉଛି। ଏହି ଡ୍ରୋନ୍ ମାଧ୍ୟମରେ କୋଭିଡ୍ ପାଇଁ ସତର୍କ କରାଯାଉଛି। ସେଥିରେ ନିଜ ସ୍ୱାଧୀନତା ଏବଂ ଇଚ୍ଛାକୁ ନିୟନ୍ତ୍ରଣ ପାଇଁ ବାର୍ତ୍ତା ପ୍ରଦାନ କରାଯାଉଛି।

## ଜାତିସଂଘ ମାନବାଧିକାର ପରିଷଦରୁ ଋଷ ନିଲମ୍ବିତ


**ଜେନେଭା :** ୟୁକ୍ରେନ ଉପରେ କ୍ରମାଗତ ହମଲା କରିବା ଋଷକୁ ମହଙ୍ଗା ପଡ଼ିଛି। ବିଶେଷ କରି ୟୁକ୍ରେନର ବୁଚା ସହରରେ ରୁଷ ସେନା ଶହଶହ ସାଧାରଣ ଲୋକଙ୍କୁ ହତ୍ୟା କରିଥିବା ଅଭିଯୋଗ ଆସିବା ପରେ ଜାତିସଂଘ ମାନବାଧିକାର ପରିଷଦ ମସ୍କୋ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।ଯୁଦ୍ଧଖୋର ଆଭିମୁଖ୍ୟ ଯୋଗୁ ରୁଷକୁ ଜାତିସଂଘ ମାନବାଧିକାର ପରିଷଦରୁ ଗୁରୁବାର ନିଲମ୍ବିତ କରାଯାଇଛି। ରୁଷକୁ ପରିଷଦରୁ ନିଲମ୍ବିତ କରିବା ପାଇଁ ମିଳିତ ଜାତିସଂଘର ସାଧାରଣ ଆସେମ୍ବଲିରେ ସ୍ୱତନ୍ତ୍ର ସଂକଳ୍ପ ଉପସ୍ଥାପନ କରାଯାଇଥିଲା। ୧୯୪ ସଦସ୍ୟ ବିଶିଷ୍ଟ ଜାତିସଂଘର



ଅଧିକାଂଶ ରାଷ୍ଟ୍ର ସଂକଳ୍ପ ସପକ୍ଷରେ ଭୋଟ ଦେଇଥିଲେ। ହେଲା ଭାରତ ସମେତ ୫୮ଟି ଦେଶ ଭୋଟ ଦାନକୁ ନିଜକୁ ଦୂରେଇ ରଖିଛନ୍ତି। ୯୩ଟି ଦେଶ ସଂକଳ୍ପ ସପକ୍ଷରେ ଓ ୨୪ଟି ଦେଶ ଏହା ବିରୋଧରେ ଭୋଟିଂ କରିଥିଲେ। ଏହି ନିଲମ୍ବନ ସହ ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହୋଇଛି। ରୁଷ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ। ହେଲେ କୌଣସି ସ୍ଥାୟୀ ସଦସ୍ୟଙ୍କୁ ଏପରି ମାନବାଧିକାର ପରିଷଦରୁ ନିଲମ୍ବନ କରାଯିବା ଜାତିସଂଘ ଇତିହାସରେ ପ୍ରଥମ ଘଟଣା। ସେହିପରି ଲିବ୍ୟା ପରେ ରୁଷ ଦ୍ୱିତୀୟ ଦେଶ ଭାବେ ୪୭ ଜଣିଆ ମାନବାଧିକାର ପରିଷଦରୁ ନିଲମ୍ବିତ ହୋଇଛି। ୨୦୧୧ରେ ସର୍ବସମ୍ମତିକ୍ରମେ ଲିବ୍ୟାକୁ ପରିଷଦରୁ ନିଲମ୍ବିତ କରାଯାଇଥିଲା। ଅନ୍ୟପକ୍ଷରେ ଭାରତ ୧୦ମ ଥର ପାଇଁ ୟୁକ୍ରେନ ଆକ୍ରମଣ ଘଟଣାରେ ଆସିଥିବା କୌଣସି ସଂକଳ୍ପର ଭୋଟଦାନରୁ ନିଜକୁ ଦୂରେଇ ରଖିଛି। ତେବେ ଭାରତର ଏପରି ଆବସ୍ଟେନ ପରୋକ୍ଷରେ ଆମେରିକା ଓ ପଶ୍ଚିମ ଦେଶଗୁଡ଼ିକ ରୁଷ ବିରୋଧରେ ନେବାକୁ ଥିବା ପଦକ୍ଷେପକୁ ସୁହାଇଛି। ଭୋଟିଂ ପୂର୍ବରୁ ଜାତିସଂଘର ସଦସ୍ୟମାନଙ୍କୁ ରୁଷ ଚେତାବନୀ ଦେଇଥିଲା। ମସ୍କୋ କହିଥିଲା ଯେ ସଂକଳ୍ପ ବିରୋଧରେ ଭୋଟ ଦେବା କିମ୍ବା ଏଥିରୁ ଦୂରେଇ ରହିବା ଆଦୌ ଠିକ୍ ନୁହେଁ। ଏହା ଅଣବନ୍ଧୁତା ଆଚରଣ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ମଧ୍ୟ ଏହା ପ୍ରଭାବିତ କରିପାରେ। ତେଣୁ ସବୁ ସଦସ୍ୟ ଭୋଟଦାନରେ ନିଜକୁ ସାମିଲ କରନ୍ତୁ ବୋଲି ରୁଷ ପରାମର୍ଶ ଦେଇଥିଲା। ଏହା ସତ୍ତ୍ୱେ ଭାରତ ସମେତ ୫୮ଟି ଦେଶ ଭୋଟ ଦାନରୁ ନିଜକୁ ଦୂରେଇ ରଖିଛନ୍ତି।

### ତେଜିଲା ହାଇପରସୋନିକ କ୍ଷେପଣାସ୍ତ୍ର ପ୍ରତିଯୋଗିତା

## ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆ ଏକ



**ଲଣ୍ଡନ :** ବିଶ୍ୱରେ ହାଇପରସୋନିକ୍ କ୍ଷେପଣାସ୍ତ୍ର ପ୍ରତିଯୋଗିତା ଆହୁରି ତୀବ୍ର ହୋଇଛି। ଏହି ଟେକନଲୋଜୀକୁ ଆହୁରି ବିକଶିତ କରିବା ପାଇଁ ହାତ ମିଳାଇଛନ୍ତି ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆ। ଗତ ବର୍ଷ ଏହି ତିନି ଦେଶଙ୍କ ମଧ୍ୟରେ ଗଠିତ ଅକସ୍ ମେଣ୍ଟ ଆଣବିକ ବୁଡ଼ାଜାହାଜ ଟେକନଲୋଜୀ ହସ୍ତାନ୍ତର ପାଇଁ ଉଦ୍ଦିଷ୍ଟ ଥିଲା। ଏବେ ସେଥିରେ ହାଇପରସୋନିକ କ୍ଷେପଣାସ୍ତ୍ର, ତାହାର ନିରୋଧ, ଇଲେକ୍ଟ୍ରୋନିକ ଯୁଦ୍ଧ କୌଶଳକୁ ମଧ୍ୟ ସାମିଲ କରାଯାଇଛି। ଏହା ସହିତ ସାଇବର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, କ୍ୱାଣ୍ଟମ ଟେକନଲୋଜୀ କ୍ଷେତ୍ରରେ ବି ଏହି ୩ ଦେଶ କାର୍ଯ୍ୟ କରିବେ। ଚୀନର ପ୍ରଭାବକୁ ରୋକିବାକୁ ଏସବୁ ଟେକନଲୋଜୀକୁ ଆହୁରି ବିକଶିତ କରାଯିବ ବୋଲି ଅକସ ପକ୍ଷରୁ କୁହାଯାଇଛି। କ୍ରୁଜ କ୍ଷେପଣାସ୍ତ୍ର ଶବ୍ଦର ୫ଗୁଣ ବେଗରେ ଗଲେ ତାହାକୁ ହାଇପରସୋନିକ କ୍ଷେପଣାସ୍ତ୍ର ବୋଲି କୁହାଯାଏ। ହାଇପରସୋନିକ କ୍ଷେପଣାସ୍ତ୍ରଗୁଡ଼ିକ ଶବ୍ଦ ବେଗର ପାଞ୍ଚଗୁଣ ବେଗରେ ଗତି କରୁଥିବାରୁ ଏଗୁଡ଼ିକୁ ଏହାକୁ ବିଶ୍ୱର ଅତ୍ୟାଧୁନିକ ମିସାଇଲ ଡିଫେନ୍ସ ସିଷ୍ଟମଗୁଡ଼ିକ ମଧ୍ୟ ଅଟକାଇପାରନ୍ତି ନାହିଁ। ଗତ ବର୍ଷ ଅଗଷ୍ଟ ମାସରେ ଚୀନ ଦ୍ୱାରା ହାଇପରସୋନିକ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯିବା ପରେ ବିଶ୍ୱରେ ଏକ ନୂଆ ପ୍ରକାରର ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦୁଇ ମହାଶକ୍ତି ଆମେରିକା ଓ ଋଷିଆ ଯୋଗ ଦେଇଛନ୍ତି। ଇତି ମଧ୍ୟରେ ରୁଷ ୟୁକ୍ରେନ ଉପରେ ଜିରକନ ହାଇପରସୋନିକ କ୍ଷେପଣାସ୍ତ୍ର ପ୍ରୟୋଗ କରିଥିବା ଦାବି କରିଛି।

## ଅନିର୍ଦ୍ଦିଷ୍ଟ କାଳ ସଂସଦ ମୁଲତବୀ



**ନୂଆଦିଲ୍ଲୀ:** ଦିନକ ଆଗରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା ହୋଇଛି ଉଭୟ ଲୋକସଭା ଓ ରାଜ୍ୟସଭା। ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ତୈଳଦର, ଦରଦାମ ବୃଦ୍ଧି ଓ ବିଜେପି ନେତା କିରୀଟ ସୋମାୟାଙ୍କ ନାଁରେ ଆସିଥିବା ୫୭ କୋଟି ଟଙ୍କାର ଦୁର୍ନୀତି କଥା ଉଠାଇଥିଲେ। ଏହାକୁ କେନ୍ଦ୍ର କରି ନାରାବାଜୀ ବଢ଼ିବାରୁ ଉଭୟ ଗୃହ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ହୋଇଯାଇଛି। ସୂଚନାଯୋଗ୍ୟ, ସଂସଦର ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଫେବୃଆରୀ ୧୧ ଯାଏ ଚାଲିଥିଲା। ଏହାପରେ ବଜେଟ ଅଧିବେଶନର ଦ୍ୱିତୀୟ ଭାଗ ମାର୍ଚ୍ଚ ୧୪ରୁ ଆରମ୍ଭ ହୋଇଥିଲା।

# ମଣିଷ ଦେହରେ ପ୍ଲାଷ୍ଟିକ କଣିକା

**ନୂଆଦିଲ୍ଲୀ :** ମଣିଷ ଦେହରେ ପ୍ଲାଷ୍ଟିକ କଣିକା। ଫୁସ୍‌ଫୁସ୍‌ରେ ଭରି ରହିଛି କ୍ଷତିକାରକ ମାଇକ୍ରୋପ୍ଲାଷ୍ଟିକ୍ କଣିକା। ଯାହାକୁ ଖୋଜି ପାଇଛନ୍ତି ଇଂଲଣ୍ଡର ବୈଜ୍ଞାନିକ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଏହି ପ୍ଲାଷ୍ଟିକ କଣିକାଗୁଡ଼ିକ ଆମ ଭିତରକୁ ଯାଇ ଫୁସ୍‌ଫୁସ୍‌ରେ ଅଟକି ଯାଏ। ଫଳରେ ଶୀରରରେ ଶ୍ୱାସକ୍ରିୟା ଜନିତ ନାନା ରୋଗ ସୃଷ୍ଟି କରିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି। ହୁଲ୍ ୟୋର୍କ ମେଡିକାଲ ସ୍କୁଲ୍ ଏବଂ ୟୁନିଭର୍ସିଟି ଅଫ୍ ହୁଲ୍ ବୈଜ୍ଞାନିକମାନେ ୧୩

### ପ୍ରଶ୍ୱାସରେ ବିଷ ନେଉଛି ମଣିଷ, ଭୟଙ୍କର ପରିସ୍ଥିତି
### ଶ୍ୱାସକ୍ରିୟା ଦେଇ ଫସ୍‌ଫୁସ୍‌ରେ ଅଟକୁଛି ମାଇକ୍ରୋପ୍ଲାଷ୍ଟିକ୍

ଅଜାଣତରେ ଶ୍ୱାସକ୍ରିୟ ଦେଇ ଫୁସ୍‌ଫୁସ୍‌ରେ ଜମୁଛି। ଫଳରେ ଆମର ଶ୍ୱାସ ଜନିତ ରୋଗ ସହିତ ଅନ୍ୟାନ୍ୟ ମାରାତ୍ମକ ରୋଗ ହେଉଛି ବୋଲି ବୈଜ୍ଞାନିକ ଖୁଲାସା କରିଛନ୍ତି। ମାକ୍ରୋପ୍ଲାଷ୍ଟିକ କଣିକା ହେଉଛି ପ୍ଲାଷ୍ଟିକ୍‌ରେ ଅତି କ୍ଷୁଦ୍ର ଖଣ୍ଡ। ଯାହା ବଡ଼ ବଡ଼ ପ୍ଲାଷ୍ଟିକ୍‌କୁ ଭାଙ୍ଗି ଅତି କ୍ଷୁଦ୍ର ରୂପ ନେଇଥାଏ। ୫ ମିଲିମିଟର ଠାରୁ ବି ଏହା ଛୋଟ। ସମୁଦ୍ରରେ, ପାହାଡ଼ ପର୍ବତ ଓ ବାୟୁରେ ଏହି କଣିକାଗୁଡ଼ିକ ଭାସିବୁଲୁଥାଏ। ଏହା ଏତେ କ୍ଷୁଦ୍ର ଯେ ୱାଟର ଫିଲଟ୍ରେସନ୍‌ରେ ମଧ୍ୟ ଏହା ଖସିଯାଇଥାଏ। ଆଉ ଆଜିର ପ୍ରଦୂଷିତ ବାତାବରଣରେ ମଣିଷର ଶ୍ୱାସକ୍ରିୟା ଦେଇ ଏହା ଜଣଙ୍କର ଫୁସ୍‌ଫୁସ୍ ଟିସୁ ସାମ୍ପଲ ଟେଷ୍ଟ କରିଥିଲେ। ଏଥିରେ ୧୧ ଜଣଙ୍କର ଠାରେ ୩୯ଟି ମାଇକ୍ରୋପ୍ଲାଷ୍ଟିକ କଣିକା ମିଳିଥିଲା। ପୂର୍ବରୁ କୌଣସି ଲାବୋରୋଟୋରୀ ଟେଷ୍ଟରେ ଏତେ ମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ କଣିକା ବାହାରି ନଥିଲା। ଇଂଲଣ୍ଡ ବୈଜ୍ଞାନିକଙ୍କର ଏହି ଗବେଷଣା ରିପୋର୍ଟ ବର୍ତ୍ତମାନ ବିଜ୍ଞାନ ପତ୍ରିକା 'ସାଇନ୍ସ ଅଫ୍ ଦି ଟୋଟାଲ ଏନ୍‌ଭାର୍ଣ୍ଣମେଣ୍ଟ' ପ୍ରକାଶିତ ହେବାକୁ ମନୋନୀତ ହୋଇଛି। ଏହି ଗବେଷଣାର ମୁଖ୍ୟ ଦାୟିତ୍ୱରେ ଥିବା ବୈଜ୍ଞାନିକ ତଥା ହୁଲ୍ ୟୋର୍କ ମେଡିକାଲ ସ୍କୁଲ୍‌ରେ ରେସ୍ପୋରେଟୋରୀ ମେଡିସିନ ବିଭାଗର ଅଧାପକ ଡା. ଲୌରା ସାଡୋଫର୍ସ୍କି



କହିଛନ୍ତି " ପୂର୍ବରୁ ଶବ ବ୍ୟାବଚ୍ଛେଦ ବେଳେ ମଣିଷ ଶରୀରରୁ ମାଇକ୍ରୋପ୍ଲାଷ୍ଟିକ୍ କଣିକା ଦେଖାଯାଉଥିଲା। ହେଲେ ପ୍ରଥମ ଥର ପାଇଁ ଏହି ଗବେଷଣାରେ ଜୀବନ୍ତ ମଣିଷର ଫୁସ୍‌ଫୁସ୍‌ରେ ମାଇକ୍ରୋପ୍ଲାଷ୍ଟିକ ମିଳିଛି।" ତେବେ ଏହା ଫୁସ୍ଫୁସ୍ର ତଳ ଅଂଶରେ ଅଟକି ରହିଥିବା ଦେଖିବାକୁ ମିଳିଛି ବୋଲି ଡା. ଲୌରା ସାଡୋଫର୍ସ୍କି କହିଛନ୍ତି। ଫୁସ୍‌ଫୁସ୍‌ରେ ଥିବା ବାୟୁ ଦ୍ୱାର ଖୁବ୍ କ୍ଷୁଦ୍ର ହୋଇଥିବାରୁ ସେଥିରେ ପ୍ଲାଷ୍ଟିକ୍ କଣିକା ଜମି ରହିବା କେହି ବିଶ୍ୱାସ କରିପାରୁ ନଥିଲେ। ହେଲେ ଗବେଷଣାରେ ତାହା ସମ୍ପୂର୍ଣ୍ଣ ଦେଖାଯାଉଛି ବୋଲି ସାଡୋଫର୍ସ୍କି କହିଛନ୍ତି। ସର୍ଜିକାଲ ପଦ୍ଧତିରେ ଜୀବନ୍ତ ଫୁସଫୁସ୍ ଟିସୁକୁ ନେଇ ପରୀକ୍ଷଣ କରାଯାଇଥିଲା। ଯେଉଁ ରୋଗୀମାନେ ନିୟମିତ ଡାକ୍ତରଖାନା ରୁଟିନ ଚେକ୍ ପାଇଁ ଆସୁଥିଲେ ସେମାନଙ୍କ ନେଇ ଏହି ପରୀକ୍ଷଣ କରାଯାଇଥିଲା ବୋଲି ଗବେଷକ ବୈଜ୍ଞାନିକ କହିଛନ୍ତି। ଏଥିରୁ ଗବେଷକମାନେ ୧୨ ପ୍ରକାରର ମାଇକ୍ରୋପ୍ଲାଷ୍ଟିକ କଣିକା ଖୋଜିପାଇଛନ୍ତି। ଏହି ସବୁ କଣିକାଗୁଡ଼ିକ ପ୍ୟାକେଜିଂ, ବୋଟଲ, ପ୍ଲାଷ୍ଟିକ ରସି, କପଡ଼ା, ଏବଂ ଅନ୍ୟାନ୍ୟ ନିର୍ମାଣ ଆଦିରୁ ବାହାରିଥାଏ। ତେବେ ମହିଳାଙ୍କ ତୁଳନାରେ ପୁରୁଷଙ୍କ ଠାରେ ଅଧିକ ମାଇକ୍ରୋପ୍ଲାଷ୍ଟିକ କଣିକା ଦେଖିବାକୁ ମିଳିଛି ବୋଲି ଗବେଷକ ତାଙ୍କ ରିପୋର୍ଟରେ କହିଛନ୍ତି। ଗବେଷଣାକୁ ନେଇ ଡ. ଲୌରା କହିଛନ୍ତି "ଫୁସ୍‌ଫୁସ୍‌ରେ ବାୟୁ ନିର୍ଗମନ ନଳୀ ଅତି କ୍ଷୁଦ୍ର ଥିବାରୁ ଏହାର ତଳ ଅଂଶରେ ଅଧିକ ପରିମାଣରେ ପ୍ଲାଷ୍ଟିକ କଣିକା ମିଳିବ ବୋଲି ଆମେ ଭାବି ନଥିଲୁ। ଆମେ ଭାବିଥିଲୁ ଯେ କଣିକାଗୁଡ଼ିକ ଫୁସ୍‌ଫୁସ୍ ଭିତରେ ପଶିବା ପୂର୍ବରୁ ବାହାରେ ହିଁ ଛାଣି ହୋଇ ରହିଯାଇଥିବ।" ହେଲେ ତଳ ଅଂଶରେ ପ୍ଲାଷ୍ଟିକ୍ କଣିକା ମିଳିବା ଆମକୁ ଆଶ୍ଚର୍ଯ୍ୟ କରିଥିଲା ବୋଲି ଡ. ଲୌର କହିଛନ୍ତି। ତା ସହିତ ଏହି ଗବେଷଣାରେ ଶ୍ୱାସକ୍ରିୟା ଦେଇ ଭିତରକୁ ଗଲାଭଳି ଆକାରର ପ୍ଲାଷ୍ଟିକ କଣିକା ମଧ୍ୟ ମିଳିଥିଲା। ଏହା ପୂର୍ବରୁ ରକ୍ତରେ ମଧ୍ୟ ଅତି କ୍ଷଦ୍ର ପ୍ଲାଷ୍ଟିକ କଣିକା ଖୋଜିପାଇଥିଲେ ବୈଜ୍ଞାନିକ। ଏହାପରେ ସାରା ବିଶ୍ୱରେ ସତର୍କ ବାଣୀ ଶୁଣାଇ ଦିଆଯାଇଥିଲା। ଆଉ ଏବେ ଫୁସ୍‌ଫୁସ୍‌ର ତଳ ଅଂଶରେ ମାଇକ୍ରୋପ୍ଲାଷ୍ଟିକ କଣିବା ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।




# ଭୁବନେଶ୍ୱରରେ ନିର୍ମାଣ ହେବ ଦୁଇଟି ଫୁଟ୍ ଓଭରବ୍ରିଜ୍ ଓ ଗୋଟିଏ ଫ୍ଲାଇ ଓଭର

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱର ସହରରେ ୨ଟି ଫୁଟ୍ ଓଭରବ୍ରିଜ୍ ଓ ଗୋଟିଏ ଫ୍ଲାଇ ଓଭର ହେବ। ଏନେଇ ତାଙ୍କ ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି। ସାଂସଦ ଷଡଙ୍ଗୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। କସମୋପଲିସ୍ ଛକରେ ଜାତୀୟ ରାଜପଥ ଉପରେ ହେବ ଫ୍ଲାଇଓଭର ବ୍ରିଜ୍। ଠିକ୍ ସେମିତି କ୍ରାଉନ୍ ହୋଟେଲ ଓ ସତସଙ୍ଗ ବିହାରଠାରେ ହେବ ଫୁଟ୍ ଓଭରବ୍ରିଜ୍। କ୍ୟାପିଟାଲ ରିଜିଅନ୍ ରିଂରୋଡ୍କୁ ମଧ୍ୟ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ଶ୍ରୀମତୀ ଷଡଙ୍ଗୀ ସୂଚନା ଦେଇଛନ୍ତି। ଖୋର୍ଦ୍ଧା ରାମେଶ୍ୱରଠାରୁ କଟକ ଟାଙ୍ଗି ପର୍ଯ୍ୟନ୍ତ ହେବ ବାଇପାସ୍ ରୋଡ୍। କ୍ୟାପିଟାଲ ରିଜିଅନ୍ ରିଂରୋଡ୍ ପାଇଁ ଖର୍ଚ୍ଚ ହେବ



୫୭୪୪ କୋଟି ଟଙ୍କା। ପୂର୍ବରୁ ଏସବୁ ପ୍ରକଳ୍ପ ନିର୍ମାଣ କରିବା ପାଇଁ ସାଂସଦ ଅପରାଜିତା ଷଡଙ୍ଗୀ, କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କାରୀଙ୍କୁ ନିବେଦନ କରିଥିଲେ। ଆଉ ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କ ନିବେଦନକୁ ରକ୍ଷା କରି କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାଦ୍ୱାରା ରାଜଧାନୀବାସୀ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଓଡ଼ିଆ ଭାଷାରେ ହେବ ସିୟୁଇଟି

**ଭୁବନେଶ୍ୱର :** ୨୦୨୨-୨୩ ଶିକ୍ଷାବର୍ଷରେ ଦେଶର ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖା ଲାଗି କମନ୍ ୟୁନିଭରସିଟି ଏଣ୍ଟ୍ରାନ୍ସ ଟେଷ୍ଟ(ସିୟୁଇଟି) ଅନୁଷ୍ଠିତ ହେବ। ଜୁଲାଇ ପ୍ରଥମ/ଦ୍ୱିତୀୟ ସପ୍ତାହରେ ଏହି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଗତକାଲିଠାରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ମେ' ୬ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜାରି ରହିବ। ଫି' ଦାଖଲର ଶେଷ ସମୟ ମେ' ୬ ତାରିଖ ରାତି ୧୧ଟା ୫୦ ମିନିଟ୍ ରଖାଯାଇଛି। ଆଗ୍ରହୀ ପ୍ରାର୍ଥୀ ୱେବସାଇଟ୍ ମାଧ୍ୟମରେ ହିଁ କେବଳ ଆବେଦନ କରିପାରିବେ। ଅନ୍ୟ କୌଣସି ମୋଡ୍ରେ ଆବେଦନପତ୍ର ଗ୍ରହଣ କରାଯିବ ନାହିଁ। ଜଣେ ପ୍ରାର୍ଥୀ କେବଳ ଗୋଟିଏ ଥର ଆବେଦନ କରିପାରିବ। ତେଣୁ ଆବେଦନ କରିବା ସମୟରେ ପ୍ରାର୍ଥୀମାନେ ଏନ୍‌ଟିଏ ୱେବସାଇଟ୍‌ରେ ଥିବା ଇନ୍‌ଫରମେସନ ବୁଲେଟିନ୍‌ରୁ ଭଲ ଭାବେ ପଢ଼ିବାକୁ ପରାମର୍ଶ ଦିଆଯାଇଛି। ଆବେଦନପତ୍ରରେ ପ୍ରାର୍ଥୀମାନେ ନିଜ କିମ୍ବା ଅଭିଭାବକଙ୍କ ଇ-ମେଲ୍ ଆଇଡି ଓ ମୋବାଇଲ୍ ନମ୍ବର ଲେଖିବା ନିହାତି ଆବଶ୍ୟକ। ରଥମ ଥର ଲାଗି ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ୧୩ଟି ଭାଷାରେ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ଓଡ଼ିଆ, ଇଂରାଜୀ, ହିନ୍ଦୀ, ବେଙ୍ଗଲି, ଗୁଜୁରାଟି, କନ୍ନଡ, ମାଲାୟଲମ୍, ମରାଠି, ପଞ୍ଜାବୀ, ତାମିଲ, ତେଲଗୁ ଓ ଉର୍ଦ୍ଦୁ। ପରୀକ୍ଷା ଲାଗି ଦେଶର ୫୪୭ଟି ସହର ସମେତ ବିଦେଶର ୧୩ଟି ସହରରେ ପରୀକ୍ଷା କରିବାକୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କଲମ୍ବୋ, ଦୋହା, ଦୁବାଇ, ଜାକାର୍ତ୍ତା, କାଠମାଣ୍ଡୁ, କୁଆଲାଲମ୍ପୁର, କ୍ୱେତ୍ ସହର, ମାନାମା, ଅବୁଜା, ମାସ୍କର୍ଟ, ରିୟାଦ, ସାରଜା, ସିଙ୍ଗାପୁର ସହରରେ ପରୀକ୍ଷା କେନ୍ଦ୍ର ହେବ। ଦୁଇଟି ସ୍ଲଟରେ ପରୀକ୍ଷା କରାଯିବ। ପ୍ରଥମ ସ୍ଲଟ୍‌ରେ ୩ ଘଣ୍ଟା ୧୫ ମିନିଟ୍ ଓ ଦ୍ୱିତୀୟ ସ୍ଲଟ୍‌ର ଅବଧି ୩ ଘଣ୍ଟା ୪୫ ମିନିଟ୍ ରହିବ। କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ମାଧ୍ୟମରେ ପରୀକ୍ଷା ହେବ, ଯେଉଁଥିରେ କେବଳ ମଲଟିପୁଲ୍ ଚଏସ୍ ପ୍ରଶ୍ନ ଆସିବ। ଦେଶର କେଉଁ କେଉଁ ସହରରେ ପରୀକ୍ଷା କେନ୍ଦ୍ର ହେବ ସେନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏଥିସହ କେବେଠାରୁ ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମିଳିବ, ପରୀକ୍ଷା ସମୟ, ପରୀକ୍ଷା ଫଳ ଘୋଷଣା ସମ୍ପର୍କରେ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ପରୀକ୍ଷା କେନ୍ଦ୍ର, ତାରିଖ ଓ କେଉଁ ସିଫ୍ଟରେ ପରୀକ୍ଷା ଅଛି ସେନେଇ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡରେ ଉଲ୍ଲେଖ କରାଯିବ।



# ରାଜ୍ୟରେ ୧୦ ଜିଲ୍ଲା ଫାଇଲେରିଆ ମୁକ୍ତ

**ଭୁବନେଶ୍ୱର :** ରାଜ୍ୟର ଆଉ ୭ଟି ଜିଲ୍ଲା ଫାଇଲେରିଆ ମୁକ୍ତ ହୋଇଛି। 'ଟାସ୍' ବା ଟ୍ରାନ୍ସମିସନ୍ ଆସେସମେଣ୍ଟ ସର୍ଭେର ତୃତୀୟ ପର୍ଯ୍ୟାୟରେ ଏହି ୭ଟି ଜିଲ୍ଲା ସଫଳ ହୋଇଛନ୍ତି। ପୂର୍ବରୁ ରାଜ୍ୟର ୩ଟି ଜିଲ୍ଲା ଫାଇଲେରିଆ ମୁକ୍ତ ହୋଇଥିବା ବେଳେ ଏବେ ସମୁଦାୟ ଜିଲ୍ଲା ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଖୁବଶୀଘ୍ର କେନ୍ଦ୍ର ସରକାର ଫାଇଲେରିଆ ମୁକ୍ତ ହୋଇଥିବା ୭ଟି ଜିଲ୍ଲାକୁ ସାର୍ଟିଫିକେଟ୍ ପ୍ରଦାନ କରିବେ। ତୃତୀୟ ପର୍ଯ୍ୟାୟ 'ଟାସ୍'ରେ ଉତ୍ତୀର୍ଣ୍ଣ ହୋଇଥିବା ଜିଲ୍ଲାଗୁଡ଼ିକୁ ପ୍ରାୟତଃ ଫାଇଲେରିଆମୁକ୍ତ ବୋଲି ବିଚାର କରାଯାଇଥାଏ। ଏହି ଜିଲ୍ଲାଗୁଡ଼ିକ ଭିତରେ କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ନବରଙ୍ଗପୁର, ଗଜପତି, ପୁରୀ ଓ ବୌଦ୍ଧ ରହିଛି। ପୂର୍ବରୁ ରାୟଗଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ଫାଇଲେରିଆ ମୁକ୍ତ ଘୋଷଣା ହୋଇ ସାରିଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ 'ଟାସ୍' ଉତ୍ତୀର୍ଣ୍ଣ ହୋଇଥିବା ଜିଲ୍ଲା ଭିତରେ ଯାଜପୁର ଓ ଜଗତସିଂହପୁର ଥିବା ବେଳେ ଦେବଗଡ଼ ଜିଲ୍ଲା ପ୍ରଥମ ପର୍ଯ୍ୟାୟ ପାର୍ କରିଛି। ତେଣୁ ରାଜ୍ୟର ଆହୁରି ୩ଟି ଫାଇଲେରିଆ ମୁକ୍ତ ଆଡ଼କୁ ଅଗ୍ରସର ହେଉଛନ୍ତି। ତେବେ ଖୋର୍ଦ୍ଧା ଜିଲ୍ଲା ଏ ପର୍ଯ୍ୟନ୍ତ ଫାଇଲେରିଆ କବଳରୁ ମୁକ୍ତ ହୋଇପାରି ନାହିଁ। ଖୋର୍ଦ୍ଧା ସହିତ ଭଦ୍ରକ ଏବେ ପ୍ରାକ୍ 'ଟାସ୍' ପର୍ଯ୍ୟାୟରେ ରହିଛି। ଲିମ୍ଫାଟିକ୍ ଫାଇଲେରିଆସିସ୍ ବା ଏଲଏଫ୍‌କୁ ସାଧାରଣରେ ଗୋଦର ଭାବେ ବିବେଚନା କରାଯାଇଥାଏ। ଏହାର ଦୂରୀକରଣ ପାଇଁ ମାସ୍ ଡ୍ରଗ୍ ଆଡମିନିଷ୍ଟ୍ରେସନ୍(ଏମ୍‌ଡିଏ) ବା ଗଣ ଔଷଧ ସେବନ ଓ ଗୋଦର, ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ନେଇ ପଦକ୍ଷେପ ନିଆଯାଉଛି। ୨୦୦୪ ମସିହାରୁ ରାଜ୍ୟରେ ଏମ୍‌ଡିଏ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ୨୦ଟି ଜିଲ୍ଲାକୁ ଏଥିରେ ସାମିଲ କରାଯାଇଥିଲା। ୨୦୨୧/୨୨ ମସିହା ପାଇଁ ୨ଟି ପର୍ଯ୍ୟାୟରେ ୧୫ଟି ଜିଲ୍ଲାକୁ ଏମ୍‌ଡିଏରେ ସାମିଲ କରାଯାଇଥିଲା। ରାଜ୍ୟରେ ଏବେ ୬୭,୧୧୭ ଗୋଦର ବ୍ୟକ୍ତିମାନଙ୍କୁ ଏମ୍‌ଏଡିପି କିଟ୍ ପ୍ରଦାନ କରାଯାଇଛି। ସେହିପରି ରାଜ୍ୟରେ ୩୨,୭୯୦ ହାଇଡ୍ରୋସିଲ୍ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଗତବର୍ଷ କେବଳ ୧୭୪୫ଜଣଙ୍କୁ ଅସ୍ତ୍ରୋପଚାର କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି, ଫାଇଲେରିଆ ଦୂରୀକରଣ କ୍ଷେତ୍ରରେ ଓଡ଼ିଶା ବେଶ୍ ଭଲ ପ୍ରଦର୍ଶନ କରିଛି। ନିକଟରେ ଯେଉଁ ୭ଟି ଜିଲ୍ଲା ତୃତୀୟ ପର୍ଯ୍ୟାୟ 'ଟାସ୍' ଉତ୍ତୀର୍ଣ୍ଣ ହୋଇଛନ୍ତି ସେସବୁ ଜିଲ୍ଲାକୁ ଫାଇଲେରିଆ ମୁକ୍ତ ସାର୍ଟିଫିକେଟ୍ ପ୍ରଦାନ କରିବା ଲାଗି କେନ୍ଦ୍ର ସରକାରଙ୍କୁ ଆବଶ୍ୟକ କାଗଜପତ୍ର ପ୍ରଦାନ କରାଯିବ। ଅନ୍ୟ ଜିଲ୍ଲାଗୁଡ଼ିକ ସ୍ଥିତିରେ ସୁଧାର ଆଣିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ଜୁନ ୧୯ ଓ ୨୬ରେ ସମବାୟ ସମିତି ନିର୍ବାଚନ

**ଭୁବନେଶ୍ୱର:** ଆସନ୍ତା ଜୁନ ୧୯ ଓ ୨୬ ତାରିଖରେ ୭୦୭୬ ପ୍ରାଥମିକ ସମବାୟ ସମିତି ପାଇଁ ନିର୍ବାଚନ ହେବ ବୋଲି ରାଜ୍ୟ ସମବାୟ ନିର୍ବାଚନ କମିସନର ସୁନ୍ଦରଲାଲ ସିଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଥିରୁ ୧୫ଜଣ ନିର୍ଦ୍ଦେଶକ ନିର୍ବାଚିତ ହୋଇ ୧୩୨ଟି ସେଣ୍ଟ୍ରାଲ ସମବାୟ ସମିତିକୁ ଯିବେ। ସେଥିରୁ ୧୫ଜଣ ନିର୍ଦ୍ଦେଶକ ଆପେକ୍ସ ବଡିକୁ ଯାଇ ୨୧ ଜଣ ନିର୍ଦ୍ଦେଶକ ନିର୍ବାଚିତ କରିବେ। ପ୍ରାଥମିକ ସମବାୟ ସମିତି ନିର୍ବାଚନର ତିନି ମାସ ପରେ ସେଣ୍ଟ୍ରାଲ ସମବାୟ ସମିତି ନିର୍ବାଚନ ଓ ତା ୩ ମାସ ପରେ ଆପେକ୍ସ ବଡି ନିର୍ବାଚନ ହେବ। ପ୍ରାଥମିକ, ସେଣ୍ଟ୍ରାଲ ଓ ଆପେକ୍ସକୁ ମିଶାଇ ରାଜ୍ୟରେ ସମୁଦାୟ ୭୨୨୯ ସମବାୟ ସମିତି ଅଛି। ଯେଉଁଥିରେ ରାଜ୍ୟ ସରକାରଙ୍କ ୫ଟି ବିଭାଗ ରହିଛି। ଏଥିରେ ସମବାୟର ୪୧୫୨, ହସ୍ତତନ୍ତ ଓ ବୟନଶିଳ୍ପର ୮୦୩, ମତ୍ସ୍ୟ ସମ୍ପଦର ୧୯୧୨, ଏମଏସଏମଇର ୨୦୮ ଓ ଆୟୁଷର ଗୋଟିଏ ସମବାୟ ସମିତି ଅଛି। ଏ ଯାଏ ୩୦,୦୯,୧୦୫ ଚାଷୀ ଭୋଟର ଅଛନ୍ତି। କେତେକଙ୍କ ଭୋଟର ଲିଷ୍ଟ ଅପଡେଟ ନ ଥିବାରୁ କଟିବ। ଆସନ୍ତା ଦୁଇ ମାସ ଭିତରେ ୩୮୯୨ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେଇ ଟ୍ରେନିଂ ଦେବେ ଜିଲ୍ଲା ସମବାୟ ନିର୍ବାଚନ ଅଧିକାରୀ। ଏହି ନିର୍ବାଚନ ଅଧିକାରୀମାନେ ସମବାୟ ସମିତିସ୍ତରରେ ବିଜ୍ଞପ୍ତି ପ୍ରକାଶ କରିବେ। ନୋଟିସକୁ ପ୍ରଚାର ପ୍ରସାର ପାଇଁ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଲଗାଯିବ। ସେମାନେ ନୂଆ ଭୋଟରଙ୍କଠାରୁ ତଥ୍ୟ ମାଗିବାଠାରୁ ଆରମ୍ଭ କରି ନିର୍ବାଚନର ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ। ନିର୍ବାଚନରେ ଦଳୀୟ ଚିହ୍ନ ରହିବ ନାହିଁ। ଶେଷରେ ୧୫ଦିନ ପରେ ସମବାୟ ସମିତିର ସଭାପତି ଓ ଉପସଭାପତି ପାଇଁ ନିର୍ବାଚନ ହେବ।

## ରାଜ୍ୟ ସରକାରଙ୍କୁ ଝଟକା

# ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ ଉପରେ ଲାଗିଲା ରୋକ୍

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କୁ ଲାଗିଲା ଜୋରଦାର ଝଟକା। ଲିଙ୍ଗରାଜ ମନ୍ଦିର ଓ ଆଖପାଖରେ ଥିବା ଆଉ ୮ଟି ମନ୍ଦିରକୁ ଗୋଟିଏ ସ୍ୱତନ୍ତ୍ର ଆଇନ ପରିସରକୁ ଆଣିବା ଲାଗି ରାଜ୍ୟ ସରକାରଙ୍କ ଅଧ୍ୟାଦେଶ ଉପରେ କେନ୍ଦ୍ର ସରକାର ରୋକ ଲଗାଇଛନ୍ତି। ଏଭଳି ଏକ ଅଧ୍ୟାଦେଶ ଆଣିବା ରାଜ୍ୟ ସରକାରଙ୍କ କ୍ଷମତା ପରିସର ନୁହଁ ବୋଲି କେନ୍ଦ୍ର କହିଥିବା ନେଇ ଖବର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାଫଳରେ କେନ୍ଦ୍ର ପ୍ରଣୀତ ଆଇନ ଓ ରାଜ୍ୟ ସରକାରଙ୍କ ଆଇନ ମଧ୍ୟରେ ବିଭେଦ ସୃଷ୍ଟି ହେବ ବୋଲି କେନ୍ଦ୍ର ସରକାର ଦର୍ଶାଇଛନ୍ତି। ଲିଙ୍ଗରାଜ ମନ୍ଦିର ଓ ଆଖପାଖରେ ଥିବା ଆଉ ୮ଟି ମନ୍ଦିରକୁ ସ୍ୱତନ୍ତ୍ର ଆଇନ ଭିତରେ ରଖିବା ଲାଗି ଅଧ୍ୟାଦେଶ ଆଣିଥିଲେ ରାଜ୍ୟ ସରକାର। ଏହାଦ୍ୱାରା ପୁରୀ ଜଗନ୍ନାଥ ମନ୍ଦିର ଭଳି ଲିଙ୍ଗରାଜ ମନ୍ଦିର ଓ ଆଖପାଖ ମନ୍ଦିରକୁ ଲିଙ୍ଗରାଜ ମନ୍ଦିର ପରିଚାଳନା ସମିତି ଅଧୀନକୁ ଆଣିଥାନ୍ତେ। ଏନେଇ ଓଡ଼ିଶା ବିଧାନସଭାରେ ଅଧ୍ୟାଦେଶ ପାରିତ ହେବା ପରେ କେନ୍ଦ୍ରକୁ ପଠାଯାଇଥିଲା। ତେବେ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏହି ଅଧ୍ୟାଦେଶର ଅନେକ ଅନୁଚ୍ଛେଦ ଉପରେ ଆପତ୍ତି ଉଠାଇଥିଲେ। ଅଧ୍ୟାଦେଶଟି



ପ୍ରାଚୀନ ଐତିହ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ଆଇନ-୧୯୫୮ର ପରିପନ୍ଥୀ ବୋଲି କେନ୍ଦ୍ର ସରକାର ଦର୍ଶାଇଛନ୍ତି। ସରକାର ଆହୁରି କହିଛନ୍ତି ଯେ, ଲିଙ୍ଗରାଜ ମନ୍ଦିର ପାଖରେ ନିର୍ମାଣ କାର୍ଯ୍ୟ କରି ସରକାର ଏହି ଆଇନର ଉଲ୍ଲଂଘନ କରିସାରିଛନ୍ତି। ଏହି ଆଇନ ଅନୁସାରେ ମନ୍ଦିରର ୧୦୦ ମିଟର ଅଞ୍ଚଳ ସୁରକ୍ଷିତ ଅଞ୍ଚଳ ଓ ଏଠାରେ କୌଣସି ନିର୍ମାଣ କାମ ହେବନି। ସେହିପରି ୨୦୦ ମିଟର ଅଞ୍ଚଳରେ କାମ କରିବାକୁ ହେଲେ ଅନୁମତି ଆଣିବାକୁ ହେବ। ଏଣୁ ରାଜ୍ୟ ସରକାରଙ୍କ ଅଧ୍ୟାଦେଶ ଏହାର ଉଲ୍ଲଂଘନ କରିବ ବୋଲି ସରକାର କହିଛନ୍ତି। ଏନେଇ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟପାଳଙ୍କୁ ଜଣାଯାଇଥିଲା। ଏହା ଉପରେ ସ୍ପଷ୍ଟୀକରଣ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ରାଜଭବନ ପକ୍ଷରୁ କୁହାଯାଇଛି। ତେବେ ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷ ସ୍ପଷ୍ଟ ହୋଇନାହିଁ।

# ଖଣି ପାଇଁ ୧୦ ବର୍ଷରେ ୧୦୬୪ ଆଦିବାସୀ ପରିବାର ବିସ୍ଥାପିତ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଖଣି ଖନନ କାର୍ଯ୍ୟ ପାଇଁ ବର୍ଷ ବର୍ଷ ଧରି ଜଙ୍ଗଲ ଅଞ୍ଚଳରେ ବସବାସ କରି ରହିଥିବା ଗରିବ ଆଦିବାସୀଙ୍କୁ ନିଜ ଭିଟାମାଟି ହରାଇବାକୁ ପଡ଼ିଛି। ଖଣି କମ୍ପାନୀଗୁଡ଼ିକ ଏସବୁ ଖଣିରୁ ମାଲେମାଲ୍ ହେଉଥିବାବେଳେ ଗରିବ ଆଦିବାସୀ ପରିବାର ନିଜର ଭିଟାମାଟି ଛାଡୁଥିଲେ ମଧ୍ୟ ସେମାନଙ୍କୁ ସର୍ବାଧିକ ପ୍ରାୟ ୧୪ଲକ୍ଷ ଟଙ୍କା ଭିତରେ କ୍ଷତିପୂରଣ ଦେଇ ସରକାର ଚୁପ୍ ବସି ପଡୁଛନ୍ତି। ଏହି ଆଦିବାସୀ ଗରିବ ପରିବାରମାନେ ଶହ ଶହ ବର୍ଷର ଭିଟାମାଟି ଛାଡୁଥିଲେ ମଧ୍ୟ ସେମାନଙ୍କୁ ସରକାର ଆଶାନୁରୂପ କ୍ଷତିପୂରଣ ଦେଉନଥିବା ଜଣାପଡ଼ିଛି। ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାର ୩ଟି ଜିଲ୍ଲାର ମୋଟ ୧୦୬୪ଟି ଆଦିବାସୀ ପରିବାରକୁ ଏହି ଖଣି ଖନନ ପାଇଁ ବିସ୍ଥାପିତ ହେବାକୁ ପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଗତ ୧୦ ବର୍ଷ ମଧ୍ୟରେ ଖଣି ଖନନ ନାଁରେ ଝାରସୁଗୁଡ଼ା ଜିଲ୍ଲାରେ ସର୍ବାଧିକ ୫୨୯ଟି ଆଦିବାସୀ ପରିବାର ବିସ୍ଥାପିତ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ଅଂଚଳରେ ମହାନଦୀ କୋଲଫିଲଡ୍ସ ଲିଃର ଖନନ କାର୍ଯ୍ୟ ନିମନ୍ତେ ୪୦୬ଟି ଆଦିବାସୀ ପରିବାର ଓ ଆଇବି ଭ୍ୟାଲି ଅଞ୍ଚଳରେ ୧୨୩ଟି ପରିବାରକୁ ବିସ୍ଥାପିତ ହେବାକୁ ପଡ଼ିଛି। ସେହିପରି ଗତ ୧୦ବର୍ଷ



ମଧ୍ୟରେ ଅନୁଗୋଳ ଜିଲ୍ଲାର ବଳରାମ, କଣିହାଁ, ଅନନ୍ତ, ଭରତପୁର ଓ ଭୁବନେଶ୍ୱରୀ ଖଣି ଅଞ୍ଚଳରେ ୧୭୯ଟି ଆଦିବାସୀ ପରିବାର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଏନଟିପିସିର ଡୁଲଙ୍ଗ କୋଇଲା ଖଣି ପ୍ରକଳ୍ପ ଓ ଓପିସିଏଲର ମନୋହରପୁର କୋଇଲା ଖଣି ଅଂଚଳରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ୩୫୬ଟି ଆଦିବାସୀ ପରିବାରକୁ ବିସ୍ଥାପିତ ହେବାକୁ ପଡ଼ିଛି। ଏହି ସମସ୍ତ ଆଦିବାସୀ ପରିବାରକୁ ଓଡ଼ିଶା ସରକାର ନିଜର ପୁର୍ନବାସ ଓ ଥଇଥାନ ନୀତି-୨୦୦୬ ଅନ୍ତର୍ଗତ କ୍ଷତିପୂରଣ ଦେଇଥିବା କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ଲୋକସଭାରେ କେନ୍ଦ୍ର ଆଦିବାସୀ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ, ଖଣି ମନ୍ତ୍ରଣାଳୟରୁ ମିଳିଥିବା ତଥ୍ୟ ଅନୁସାରେ ଏମଏମଡିଆର ଆକ୍ଟ-୧୯୫୭ର ପ୍ରାବଧାନ ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ଖଣିର ସୀମା ନିର୍ଦ୍ଧାରଣ ଓ ମିନେରାଲ କନସେସନ୍ ପ୍ରଦାନ କରାଯାଇଥାଏ। ତେଣୁ ଖଣି ଯୋଗୁ ଆଦିବାସୀମାନେ ବିସ୍ଥାପିତ ହେବାର ସୂଚନା କେନ୍ଦ୍ର ସରକାର ରଖନ୍ତି ନାହିଁ। ଭୂସମ୍ପଦ ବିଭାଗ ମଧ୍ୟ ଏହି ତଥ୍ୟ ରଖନ୍ତି ନାହିଁ ବୋଲି କହିଛନ୍ତି। କାରଣ ରାଜ୍ୟ ସରକାର ଦ୍ୱାରା ଜମି ଅଧିଗହଣ ଓ ପୁନର୍ବାସ କାର୍ଯ୍ୟ କରାଯାଇଥାଏ। ଖଣି ଖନନ ପାଇଁ ବିସ୍ଥାପିତ ହେଉଥିବା ଆଦିବାସୀ ପରିବାରକୁ ରୋଜଗାର ବାବଦରେ(ସମସ୍ତ କୃଷି ଜମି ହରାଇଥିବା ପରିବାର)କୁ ସର୍ବାଧିକ ୯.୧୦ଲକ୍ଷ ଟଙ୍କା, ବାସଘର ନିମନ୍ତେ ଅଢ଼େଇ ଗୁଣ୍ଠ ଜାଗା ନଚେତ୍ ୯୧ହଜାର ଟଙ୍କା, ଗୃହ ନିର୍ମାଣ ପାଇଁ ୨.୭୩ଲକ୍ଷ ଟଙ୍କା ଅବା ବିସ୍ଥାପିତ କଲୋନୀରେ ରହିବା, ଅସ୍ଥାୟୀ ବାସଗୃହ ପାଇଁ ୧୮୨୦୦ଟଙ୍କା, ଘରର ଆସବାବପତ୍ର ସ୍ଥାନାନ୍ତର ପାଇଁ ୩୬୪୦ଟଙ୍କା ଓ ଜିଲ୍ଲାପାଳଙ୍କ ଦ୍ୱାରା ଚୟନିତ ଆଦିବାସୀ ପରିବାରକୁ ପ୍ରତି ମାସରେ ୩୬୪୦ଟଙ୍କା ସହାୟତା ମିଳିଥାଏ। ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି-୨୦୦୬ ଅନ୍ତର୍ଗତ ଏହି କ୍ଷତିପୂରଣ ଦିଆଯାଇଥାଏ। ତେବେ ପ୍ରଶ୍ନ ଉଠୁଛି, ଦୀର୍ଘ ବର୍ଷ ଧରି ନିଜର ବାସଘରୁ ବିସ୍ଥାପିତ ହେଉଥିବା ନିରୀହ ଆଦିବାସୀ ପରିବାରଗୁଡ଼ିକ ପାଇଁ ଏହି ପ୍ୟାକେଜ୍ କ'ଣ ସତରେ ପର୍ଯ୍ୟାପ୍ତ। ରାଜ୍ୟ ସରକାର ମାନବିକତା ଦୃଷ୍ଟିକୋଣରୁ ଏଦିଗରେ ବିଚାର କରିବା କଥା ନୁହେଁ କି?

# ମନରେଗା: ଗଞ୍ଜାମ ଦେଶରେ ଟପର୍




**ଛତ୍ରପୁର:** ମନରେଗା ଯୋଜନାର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ରେକର୍ଡ଼ ସୃଷ୍ଟି କରିଛି। ବିଗତ ବର୍ଷ ଗୁଡ଼ିକରେ ଏହି ସଫଳତା ପାଇଁ ଗଞ୍ଜାମ ଜିଲ୍ଲା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଆସିଛି। ପୁଣି ୨୦୨୧-୨୨ ଆର୍ଥିକ ବର୍ଷରେ ଗଞ୍ଜାମ ଜିଲ୍ଲା ମନରେଗା ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଶୀର୍ଷ ସ୍ଥାନରେ ରହିଥିବାବେଳେ ଶହେ ଦିନିଆ କାମ ଯୋଗାଇବାରେ ସମଗ୍ର ଦେଶରେ ଅନ୍ୟ ଜିଲ୍ଲାମାନଙ୍କ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ଶ୍ରମ ଦିବସ ସୃଷ୍ଟି କରିବାରେ ଗଞ୍ଜାମ ଜିଲ୍ଲା ଦେଶର ଶ୍ରେଷ୍ଠ ଜିଲ୍ଲାମାନଙ୍କ ମଧ୍ୟରେ ଚତୁର୍ଥ ସ୍ଥାନରେ ରହିଛି। ଗତବର୍ଷ ଏପ୍ରିଲ୍ରୁ ଆଜି ସୁଦ୍ଧା ୨ କୋଟି ୯୮ ଲକ୍ଷ ୯୮ ହଜାର ୮୦୨ ଶ୍ରମ ଦିବସ ସୃଷ୍ଟି ହୋଇପାରିଛି। ସେହିପରି, ୨୦୨୧-୨୨ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୬୮ ହଜାର ୪୫ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ୧୪ ହଜାର ୯୧୫ଟି ପ୍ରକଳ୍ପର କାମ ସଂପୂର୍ଣ୍ଣ ହୋଇଥିବାବେଳେ ବାକି ପ୍ରକଳ୍ପ କାମ ଚାଲୁ ରହିଛି। ମଜୁରି ଏବଂ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସାମଗ୍ରୀ ବାବଦରେ ମୋଟ ୬୩୫ କୋଟି ୭୪ ହଜାର ଟଙ୍କା ଖର୍ଚ୍ଚ କରିବାରେ ଗଞ୍ଜାମ ଜିଲ୍ଲା ସଫଳ ହୋଇପାରିଛି। ୧ ଲକ୍ଷ ୨୯ ହଜାର ୧୮୩ ଜଣ ପରିବାରକୁ ଶହେ ଦିନିଆ କାମ ଯୋଗାଇ ଗଞ୍ଜାମ ଜିଲ୍ଲା ସାରାଦେଶରେ ପ୍ରଥମ ସ୍ଥାନରେ ରହିଛି। ସେହିପରି ୮୯୪ ଜଣ ଦିବ୍ୟାଙ୍ଗଙ୍କୁ ଏହି ଯୋଜନାରେ କାମ ଯୋଗାଇ ଦିଆଯାଇଥିଲା।

# ପ୍ରହସନ ପାଲଟିଛି କେନ୍ଦ୍ରୀୟ ଅନୁଦାନ; ରାଜ୍ୟ କୃଷି ବିଭାଗକୁ ୭୮% ମିଳିଲାନି

**ଭୁବନେଶ୍ୱର :** ରାଜ୍ୟ କୃଷି ବିଭାଗ ହରାଇଲା ୧୦୩୬ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ। ଅର୍ଥାତ କୃଷି କ୍ଷେତ୍ରରେ ଓଡ଼ିଶା ସମୁଦାୟ ବଜେଟର ୭୮% କେନ୍ଦ୍ରୀୟ ଅନୁଦାନ ହରାଇଛି। ସେଥିରେ ପୁଣି ୧୪୧ କୋଟିର ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ, ୧ କୋଟି ୮୩ ଲକ୍ଷର ପ୍ଲାଣ୍ଟ୍ ପ୍ରୋଟେକ୍ସନ(ଚାରା ସୁରକ୍ଷା), ୧୨ କୋଟିର ସିଡ୍ ଆଣ୍ଡ ପ୍ଲାଣ୍ଟିଂ (ବିହନ ଓ ରୋପଣ), ୩୦ କୋଟିର ସଏଲ ହେଲ୍ଥ କାର୍ଡ (ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ), ୩୫ କୋଟିର ପରମ୍ପରାଗତ କୃଷି ବିକାଶ ଯୋଜନା, ୫ କୋଟିର ପିଏମ କୁସୁମ, ୫ କୋଟିର ଜାତୀୟ ଖାଦ୍ୟ ସୁରକ୍ଷା ମିସନ-ଅଏଲ ଫାର୍ମ ଭଳି ୭ଟି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ଯୋଜନାକୁ ଅନୁଦାନ ଶୂନ ରହିଛି। ଏଥିଯୋଗୁଁ ରାଜ୍ୟର ସର୍ବାଧିକ ଅବହେଳିତ ବର୍ଗ କୁହାଯାଉଥିବା ଚାଷୀମାନେ ହିଁ କ୍ଷତିଗ୍ରସ୍ତ ହେଲେ। ଆଶ୍ଚର୍ଯ୍ୟ ଯେ ଓଡ଼ିଶା ଚାଷୀଙ୍କ ପ୍ରତି କେନ୍ଦ୍ର ସରକାର ଏତେ ବଡ଼ ଅନ୍ୟାୟ କଲେ ଅଥଚ ରାଜ୍ୟ ସରକାର, କୃଷି ବିଭାଗ କିମ୍ବା ସଂସଦରେ ପ୍ରତିନିଧିତ୍ୱ କରୁଥିବା ଉଭୟ ବିଜେପି, ବିଜେଡିର କୌଣସି ସାଂସଦ ଏନେଇ ଥରୁଟିଏ ମଧ୍ୟ ପ୍ରଶ୍ନ କଲେନାହିଁ। ରାଜ୍ୟ କୃଷି ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ସମୁଦାୟ ୧୫ଟି କେନ୍ଦ୍ରୀୟ କୃଷି ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୧ ମସିହାରେ ୧୩୩୪ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ରହିଥିଲା। ୨୦୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାକୁ ମାତ୍ର ୨୯୮ କୋଟି ଟଙ୍କା ମିଳିଲା। ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ଟଙ୍କା ଖର୍ଚ୍ଚର ହିସାବ ରାଜ୍ୟକୁ ଦେବାକୁ ହୋଇଥାଏ। ମାତ୍ର ମାର୍ଚ୍ଚ ୮ ତାରିଖ ସୁଦ୍ଧା ରାଜ୍ୟକୁ ସମୁଦାୟ ବଜେଟର ମାତ୍ର ୧୦ ପ୍ରତିଶତ ଟଙ୍କା ମିଳିଥିଲା। ଅର୍ଥାତ ବାକି ୧୨ ପ୍ରତିଶତ ଟଙ୍କା ମାର୍ଚ୍ଚ ଶେଷ ବେଳକୁ ମିଳିଲା। ଆହୁରି ଆଶ୍ଚର୍ଯ୍ୟକର କଥା ଯେ ଜଳଛାୟା ଅମଳ ଯୋଜନା ପାଇଁ ୯୬ କୋଟି ଟଙ୍କା ମାର୍ଚ୍ଚ ୩୦ ତାରିଖ ରାତିରେ ପହଞ୍ଚିଥିଲା। କେତେ ଗୁରୁତ୍ୱ ଦେଇ କୃଷି ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି ଏହାଠାରୁ ବଡ଼ ଉଦାହରଣ କଣ ଥାଇପାରେ। ଅନୁଦାନ ଟଙ୍କା ବିଳମ୍ବ ହେବାର



ପ୍ରମୁଖ କାରଣ ହେଲା ୨୦୨୧ ମସିହାରେ ପ୍ରଥମ କରି କାର୍ଯ୍ୟକାରୀ ହୋଇଥିବା ସିଙ୍ଗିଲ ନୋଡାଲ ଆକାଉଣ୍ଟ ବ୍ୟବସ୍ଥା। ଏଥିରେ ଏଭଳି ବ୍ୟବସ୍ଥା ହୋଇଛି ଯାହା ଜରିଆରେ କେନ୍ଦ୍ରୀୟ ଅନୁଦାନର ଖର୍ଚ୍ଚ କେନ୍ଦ୍ର ସିଧାସଳଖ ତଦାରଖ କରିପାରିବେ। ଏଥି ଅନ୍ତର୍ଗତରେ କେନ୍ଦ୍ର ସରକାର ଦେଉଥିବା ଟଙ୍କାର ତିନି-ଚତୁର୍ଥାଂଶ ରାଜ୍ୟଗୁଡ଼ିକ ଖର୍ଚ୍ଚ କରି ବିନିଯୋଗ ପତ୍ର ଦାଖଲ କଲେ ବାକି ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି। ଅର୍ଥାତ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଟଙ୍କା ଖର୍ଚ୍ଚ ନହୋଇ ମିଛ ବିନିଯୋଗ ପତ୍ର ଦାଖଲରେ ଏହି ପ୍ରକ୍ରିୟା ଜରିଆରେ ଲଗାମ ଲଗାଯାଇ ପାରିବ। ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଥମତଃ ଏହି ଆକାଉଣ୍ଟ ରୂପରେଖ ଏବଂ ଏହାର ଖୋଲିବା ପ୍ରକ୍ରିୟା ନେଇ ଅନେକ ସମୟ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଖୋଲାଯିବା ପରେବି ଟଙ୍କା ଠିକ ସମୟରେ ଆସିଲା ନାହିଁ। ସମ୍ଭବତଃ ଏହି ପ୍ରକ୍ରିୟାରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଭୁଲ ଥିବାରୁ ସିଙ୍ଗିଲ ନୋଡାଲ ଆକାଉଣ୍ଟ ବ୍ୟବସ୍ଥାରେ ବିଳମ୍ବରେ ଅନୁଦାନ ଆସିବା ନେଇ ଉଭୟ ସରକାର ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି। କୃଷି ଯୋଜନାଗୁଡ଼ିକ ସଙ୍କୁଚିତ ହେବାରେ ଲାଗିଲା। ଏହାର ଲାଭ ପାଇଁ ଚାଷୀ ଆବେଦନ କରି ହିନସ୍ତା ହେଲେ। ଯେଉଁ ଗୁରୁତ୍ୱପୂର୍ଣ୍ଣ ଯୋଜନାର ଅନୁଦାନ ହ୍ରାସ ଯୋଗୁଁ ଚାଷୀ ସର୍ବାଧିକ କ୍ଷତିଗ୍ରସ୍ତ ହେଲା ତାହା ହେଲା ୨୦୧୫ ମସିହାରେ ପ୍ରତି କ୍ଷେତକୁ ପାଣି ଯୋଗାଇ କୃଷିଜାତ ଉତ୍ପାଦନ ବୃଦ୍ଧି, ପାଣି ଅପଚୟ ବନ୍ଦ ଲକ୍ଷ୍ୟରେ ପ୍ରସ୍ତୁତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୧୪୧ କୋଟି ଟଙ୍କାର ବଜେଟ ଥିଲା। ଚଳିତ ବର୍ଷ ଟଙ୍କା ନଆସିବାରୁ ଏହାର ଲାଭ ପାଇଁ ଚାଷୀ ଆବେଦନ କରି ନିରାଶ ହେଲା। ୪୫୦ କୋଟିର କୃଷି ଏବଂ ଏହାର ଆନୁସଙ୍ଗିକ କ୍ଷେତ୍ର ବିକାଶ ଲକ୍ଷ୍ୟରେ ପ୍ରସ୍ତୁତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପାଇଁ ୪୫୦ କୋଟି ଟଙ୍କାର ବଜେଟ ପ୍ରସ୍ତୁତ ହୋଇଥିଲା। ଏଥିରୁ ମାତ୍ର ୮୨ କୋଟି ଟଙ୍କା ରାଜ୍ୟକୁ ମିଳିଛି। ୧୦ କୋଟି ବଜେଟ ଥିବା ଇ-ଗଭର୍ଣ୍ଣାନ୍ସ ପାଇଁ ୬୮ ଲକ୍ଷ, ୧୮୦ କୋଟିର କୃଷି ଯନ୍ତ୍ରପାତି ଯୋଜନାରେ ୧୭ କୋଟି ୧୫ ଲକ୍ଷ, ୧୪୪ କୋଟି ଟଙ୍କାର ଜାତୀୟ ଖାଦ୍ୟ ସୁରକ୍ଷା ମିସନ-୧ଯୋଜନା ପାଇଁ ୫୦ କୋଟି, ୩୪ କୋଟିର ଜାତୀୟ ଖାଦ୍ୟ ସୁରକ୍ଷା ମିସନ ଯୋଜନାର ୮ କୋଟି ୮୩ ଲକ୍ଷ, ୩୦ କୋଟିର ମାଟି ସଂରକ୍ଷଣ ଯୋଜନାରେ ୧୧ କୋଟି ୩୭ ଲକ୍ଷ, ୬ କୋଟି ୬୬ ଲକ୍ଷର କୃଷି ଜଙ୍ଗଲ ଯୋଜନାରେ ୨ କୋଟି ୮୮ ହଜାର, ୧୭୬ କୋଟି ବଜେଟ ଥିବା ଆତ୍ମା ସମ୍ପ୍ରସାରଣ ଯୋଜନାରେ ୬୦ କୋଟି ଟଙ୍କା ଆସିଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୧ - ୧୭ ଏପ୍ରିଲ, ୨୦୨୨

# ଶ୍ରୀଲଙ୍କା ଅବସ୍ଥା ନହେଉ

ଲୋକଙ୍କୁ ମାଗଣା ଦେବାର ଅଛି ତ, ସ୍ୱାସ୍ଥ୍ୟ, ଶିକ୍ଷା ମାଗଣା ଦିଅ। ଭୋଟ ପାଇଁ ମାଗଣା ଦେଇ ଦେଶକୁ ଦୁର୍ବଳ କର ନାହିଁ। ଶ୍ରୀଲଙ୍କା ଓ ପାକିସ୍ତାନର ଅବସ୍ଥା ଦେଖିଲେ ଏହା ଭଲ ଭାବେ ଅନୁମାନ କରିହେବ। ଭୋଟ ରାଜନୀତି ଯୋଗୁ ଜନତାଙ୍କୁ ବିଭିନ୍ନ ଯୋଜନା ଜରିଆରେ ସବୁକିଛି ମାଗଣା ଯୋଗାଇଦେଲେ ଗାଦିରେ ବସିଥିବା ସରକାର ପାଇଁ ହୁଏତ ଲାଭ ହୋଇପାରେ। ମାତ୍ର ଦେଶର ଅର୍ଥନୀତି ପ୍ରତି ଏହା ବିପଦ ସୃଷ୍ଟି କରିବ। ଶ୍ରୀଲଙ୍କାର ସାମ୍ପ୍ରତିକ ସ୍ଥିତି ଦେଖିଲେ ଯେକୌଣସି ଲୋକ ବିଚଳିତ ହୋଇପଡିବ। କାରଣ ଗୋଟିଏ ଦେଶର ଜନତା ଯେତେବେଳେ ମୁଠେ ଭାତ ପାଇଁ ନିଜ ଭିତରେ ସଂଘର୍ଷ କରୁଛନ୍ତି, କିଲେ ଚାଉଳ ୫୦୦ ଟଙ୍କାରେ ମଧ୍ୟ ମିଳୁନାହିଁ ସେଭଳି ପରିସ୍ଥିତିରେ ଦେଶ ବଞ୍ଚିଛି ବୋଲି କହିହେବ କି! ଶ୍ରୀଲଙ୍କାର ବୈଦେଶିକ ମୁଦ୍ରା ଭଣ୍ଡାର ଖାଲି ପ୍ରାୟ। ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଅର୍ଥ ନାହିଁ। ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ମିଳୁନି। ପ୍ରତ୍ୟେକ ସାମଗ୍ରୀର ଦର ଆକାଶ ଛୁଆଁ ହୋଇ ମଧ୍ୟ ଉପଲବ୍ଧ ନାହିଁ। ଅନ୍ୟ ଦେଶର ଦୟା ଉପରେ ନିର୍ଭର କରି ଶ୍ରୀଲଙ୍କାର ନାଗରିକ ଦେଶ ଛାଡି ପଳାୟନ କରୁଛନ୍ତି। ପରିସ୍ଥିତି ଏଭଳି ଯେ, ଛୋଟ ପିଲାଙ୍କପାଇଁ କ୍ଷୀର ଟିକେ ବି ମିଳୁନି। ଋଣ କରି ଘିଅ ଖାଇଲେ ପରିବାର ଯେଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହୁଏ, ଆଜି ଶ୍ରୀଲଙ୍କାର ଅବସ୍ଥା ସେଭଳି ହୋଇପଡିଛି। ଚୀନର ବିସ୍ତାରବାଦୀ ମାୟାରେ ପଡି ଯେଉଁମାନେ ସେଠାରୁ ଋଣ କରିଥିଲେ ସବୁ ଦେଶର ଅବସ୍ଥା ସମାନ। ସବୁଠି ଏଭଳି ସଙ୍କଟ ଉପୁଜିଛି। ତେଣୁ ଉତ୍ତମ ଶାସନ ବା ଶାସକ ସର୍ବଦା ବିଚାର କରିବା କଥା ଯେ, ଯୋଗ୍ୟତା ଭିତ୍ତିରେ ଲୋକଙ୍କୁ କାମ ଯୋଗାଇଦେଲେ ଦେଶ ସୁଦୃଢ଼ ହୋଇଥାଏ। ଭୋଟ ହାତେଇବା ପାଇଁ ମାଗଣଆଖିଆ ସୃଷ୍ଟି କରି ସେମାନଙ୍କୁ ଅଳସୁଆ କରିଚାଲିଲେ ପରବର୍ତ୍ତୀ ସମୟରେ ରାଜକୋଷ ଖାଲି ହୋଇଯିବା ସହ ଏହାର ସିଧା ପ୍ରଭାବ ସମସ୍ତଙ୍କ ଉପରେ ପଡିବ। ଦେଶ ହିତ ପାଇଁ କାର୍ଯ୍ୟ କରିବା ବଦଳରେ ଶାସନ କ୍ଷମତାରେ ଥିବା ସରକାର ଲୋକଙ୍କୁ କେବଳ ଭୋଟର ମନେକରି ଯୋଜନାର ପ୍ରଲୋଭନରେ ପକାଇ ଚାଲିଲେ ଋଣ ବଢିଚାଲିବା ସ୍ୱାଭାବିକ। ସରକାର ବିକାଶ ନାଁରେ କରୁଥିବା ଯୋଜନା ଗୁଡିକୁ ଭଲ ଭାବେ ତର୍ଜମା କରିବାର ଆବଶ୍ୟକତା ରହିଛି। ଯେଉଁଥିରେ ସର୍ବକାଳୀନ ଏବଂ ସମସ୍ତଙ୍କ ପାଇଁ ଉନ୍ନତିର ବିଚାରଧାରାକୁ ପ୍ରୟୋଗ କରିବାକୁ ପଡିବ। ଅନ୍ୟଥା କିଛି ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଖୁସି କରିବାକୁ ଯାଇ ଅନ୍ୟ ବର୍ଗଙ୍କୁ କ୍ଷତି ପହଞ୍ଚାଇବା ଆଦୌ ଗ୍ରହଣୀୟ ନୁହଁ। ଶିଳ୍ପ କାରଖାନା ଗଢି ଲୋକଙ୍କ ହାତକୁ କାମ ଦେବା ବଦଳରେ ଯେତେବେଳେ ଗୋଟେ ନିର୍ବାଚିତ ସରକାର କେଉଁ ଯୋଜନା କଲେ ଭୋଟ ଅଧିକ ମିଳିବ ବିଚାର କରେ ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ବୋଲି ବୁଝିବାକୁ ହେବ। ମାଗଣା ଯୋଜନା କାହିଁକି ଓ କେଉଁଥିପାଇଁ? ଯେଉଁଠି ସ୍ୱାସ୍ଥ୍ୟ ଓ ଶିକ୍ଷା ଅତ୍ୟନ୍ତ ମହଙ୍ଗା ସେଠାରେ ଲୋକ ମାଗଣା ଖାଇ କର୍ମକୋଢ଼ି ବା ଅଳସୁଆ ହେଲେ ବିକାଶ ହେବ କିପରି? କୃଷି, ଜଳ ସେଚନ ଭଳି ଯୋଜନାକୁ ହତାଦର କରି ଭେଳିକି ଥିବା ଯୋଜନାର ଅର୍ଥ ରାଶି ଲୋକଙ୍କୁ ଦେବା ଆଦୌ ଗ୍ରହଣୀୟ ନୁହେଁ। ଦେଶ ହେଉ କି ରାଜ୍ୟ ଯେପର୍ଯ୍ୟନ୍ତ ଶିଳ୍ପ ସମୃଦ୍ଧ ନହୋଇଛି ସେ ପର୍ଯ୍ୟନ୍ତ ବିକାଶ ହୋଇଛି ବୋଲି କହି ହେବ କି! ନା, କାରଣ ବୈଷୟିକ ବିକାଶ ସହ ଗବେଷଣା ଲବ୍ଧ ଜ୍ଞାନର ପ୍ରୟୋଗ ମାଧ୍ୟମରେ ଯେଉଁ ବିକାଶ ହୋଇଥାଏ ତାହାର ସୁଫଳ ସମସ୍ତଙ୍କୁ ମିଳେ। ତୁଷ୍ଟିକରଣ ରାଜନୀତି ଜରିଆରେ କିଛି ଲୋକଙ୍କୁ ଛତା ଜୋତା କମ୍ବଳ ବାଣ୍ଟିଲେ ଏଥିରେ ବିକାଶ ଦିଗହରା ହୁଏ। କୃଷି କ୍ଷେତ୍ରକୁ ସଶକ୍ତ କଲେ ଆତ୍ମନିଯୁକ୍ତିର ସୁଯୋଗ ବଢିବ। ଲୋକଙ୍କୁ ଘରେ ବସାଇ ଖାଇବାକୁ ଦେଲେ ଲୋକ ଧୀରେ ଧୀରେ କର୍ମ ବିମୁଖ ହୋଇପଡିବେ। ପ୍ରତ୍ୟେକ କ୍ଷେତ୍ରରେ ନିଜେ ସ୍ୱାବଲମ୍ବୀ ହେବା ପାଇଁ ଯେଉଁ ପ୍ରୟାସ ଦରକାର ତାହା ସରକାର କରିବା ଉଚିତ। ବାଣ୍ଟିବା ପାଇଁ ଋଣ କରିବା କୌଣସି ଶାସନର ଭଲ ଲକ୍ଷଣ ନୁହେଁ। ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢୁଥିଲା ବେଳେ ସରକାର ଯଦି ସେମାନଙ୍କୁ ନିଯୁକ୍ତି ଦେଇନପାରିବେ ସେଠାରେ ଭଲ ଶାସନ ଚାଲିଛି ବୋଲି କିପରି କହିହେବ। ବିଜ୍ଞାନର ଅଗ୍ରଗତି ତୁଳନାରେ ଏହାର ପ୍ରୟୋଗାତ୍ମକ ଦିଗ ପ୍ରତି ଉଦାସୀନ ହେବା ବିକାଶର ପରିପନ୍ଥୀ। କାରଣ ଶିଳ୍ପ ହେଉ କି କୃଷି ସବୁଠି ଅଧିକ ଉତ୍ପାଦନର ଲକ୍ଷ୍ୟ ରହିବା ଦରକାର। ନଚେତ ସମସ୍ତେ ଦେବାଳିଆ ହୋଇଯିବେ। ଆତ୍ମନିର୍ଭରଶୀଳ ଦେଶ, ରାଜ୍ୟ ବିକାଶ ହିଁ କରିପାରେ। ଯେପର୍ଯ୍ୟନ୍ତ ଅନ୍ୟ ଉପରେ ନିର୍ଭର କରିବାକୁ ପଡିବ ସେ ପର୍ଯ୍ୟନ୍ତ ସବୁଥିରେ ଆମେ ପଛୁଆ ବୋଲି ପରିଗଣିତ ହେବା। ସହର ସହିତ ଗ୍ରାମାଞ୍ଚଳର ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦେବା ଦରକାର। କାରଣ ଲୋକ ଯେତେବେଳେ ନିଜ ଅଞ୍ଚଳରେ ରହି ରୋଜଗାର କରିପାରିବେ ସେମାନେ ଆଉ ସହର ମୁହାଁ ହେବେନାହିଁ। ହେଲେ ଭିନ୍ନ ଭିନ୍ନ ସମୟରେ ସରକାର ବିଭିନ୍ନ ମାଗଣା ଯୋଜନା କରି କିଛି ଭାଗ ଲୋକଙ୍କୁ କାରଣ ବିହୀନ ସହାୟତା ପ୍ରଦାନ କରିଚାଲିଛନ୍ତି। ଏହାର ଏକମାତ୍ର ଲକ୍ଷ୍ୟ ହେଉଛି ମାଗଣା ଯୋଜନାରୁ ସୁଫଳ ପାଉଥିବା ଲୋକ ଏକ ନିର୍ଦ୍ଦିଷ୍ଟ ଦଳ ସପକ୍ଷରେ ରହି ତୃଣମୂଳ ସ୍ତରରେ ତାଙ୍କର ଜୟଗାନ କରିବେ। ସେମାନଙ୍କୁ ନେଇ ସରକାର ନିଜ ଭୋଟ ସହଜରେ ଆକଳନ କରିପାରିବେ। ଗ୍ରାମ୍ୟ ସ୍ତରରେ ରହୁଥିବା ଦଳୀୟ କର୍ମୀ ଏହାର ତଦାରଖ କରିବା ଭଳି ଭୂମିକା ନିର୍ବାହ କରିବା ସହ ନେତାଙ୍କ ସେହି ଅଞ୍ଚଳ ଗସ୍ତ ବେଳେ ଏହାର ପ୍ରମାଣ ଦେବେ। ଏହା ହେଉଛି ଏକ ଅଦ୍ଭୁତ କୌଶଳ। ଏଥିରେ ଦେଶ ବା ରାଜ୍ୟର ବିକାଶ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ତୁଷ୍ଟିକରଣ ବର୍ଗଙ୍କୁ ହିଁ ସବୁକିଛି ଦେଇଦେବେ। ରାଜକୋଷର କ୍ଷତି ଲାଭ ପରିବର୍ତ୍ତେ ନିଜ ଦଳ ପାଇଁ କେତେ ଲାଭ ହୋଇପାରିବ ତାହାର ଆକଳନ କରି ପୁଣି ନୂଆ କିଛି ମାଗଣା ଯୋଜନାର ନକ୍ସା ଆଙ୍କିବେ। ନୂଆ ନକ୍ସା ଆଙ୍କିବାରେ କାହାର ଆପତ୍ତି ନାହିଁ, ହେଲେ ଏଭଳି ମାଗଣା ଯୋଜନା କରି ଲୋକଙ୍କୁ ପଙ୍ଗୁ କରିବାର ଯେଉଁ ଅପଚେଷ୍ଟା ଚାଲିଛି ତାହା ଶୁଭଙ୍କର ନୁହେଁ। କାରଣ ଟିକସ ଦେଉଥିବା ବର୍ଗଙ୍କ ଟିକସ ଅର୍ଥ ଅବାଟରେ ଖର୍ଚ୍ଚ ହେବ ଓ ଏଥିରେ କାହାର କିଛି ବିକାଶ ପରିଲକ୍ଷିତ ହୁଏନାହିଁ। ବରଂ ମାତ୍ରାଧିକ ଅସନ୍ତୋଷ ଏବଂ ବିଦ୍ରୋହର ସୂତ୍ରପାତ ହୋଇପାରେ। ଦୀର୍ଘବର୍ଷ କ୍ଷମତାରେ ରହିବାର ନିଶା ଗଣତନ୍ତ୍ରକୁ ଦୁର୍ବଳ ହିଁ କରିଥାଏ। ସୁସ୍ଥ ସମାଜ ଗଠନ, ବିକଶିତ ଦେଶ, ରାଜ୍ୟ ଗଠନ ନିମନ୍ତେ ସମସ୍ତଙ୍କ ହାତକୁ କାମ ଯୋଗାଇଦେବା ଏବଂ ଉତ୍ତମ ସ୍ୱାସ୍ଥ୍ୟ ସେବା ସହିତ ଭଲ ଶିକ୍ଷା ମାଗଣା ଦେଇପାରିଲେ ସମସ୍ତଙ୍କର ଲାଭ ହୋଇପାରିବ। ନିୟମ ମଧ୍ୟ ସମାନ ଲାଗୁହେବା ଦରକାର ଯେଉଁଥିରେ ସମସ୍ତଙ୍କର ସମାନ ଅଧିକାର ଥିବା ପ୍ରତୀୟମାନ ହୋଇପାରିବ। ବର୍ତ୍ତମାନ ଶ୍ରୀଲଙ୍କାର ଅବସ୍ଥାକୁ ଦେଖିଲେ ମାଗଣା ଯୋଜନାର କୁଫଳ ଜଳଜଳ ଦିଶୁଛି। ମାଗଣା ବିଜୁଳି, ପାଣି, ଔଷଧ, ରାସନ ଦେଇ ଶ୍ରୀଲଙ୍କାର ରାଷ୍ଟ୍ରପତି ନିଜ ଦେଶକୁ ଧ୍ୱଂସ କରିଦେଲେ ତାହା ଚିନ୍ତାର ବିଷୟ। ଖର୍ଚ୍ଚ ଚଳାଇବାକୁ ଋଣ ଆଣି ମାଗଣା ବାଣ୍ଟିଲେ ପରିଣତି ଏଭଳି ହୋଇଥାଏ। ତେଣୁ ଭାରତରେ ଯେଉଁ କେତୋଟି ରାଜ୍ୟ ମାଗଣା ଯୋଜନା କରିଛନ୍ତି ସେମାନଙ୍କ ଆର୍ଥିକ ଅବସ୍ଥା ବର୍ବାଦ ହୋଇଯାଉଛି। ଓଡ଼ିଶାରେ ପାଞ୍ଚବର୍ଷ ମଧ୍ୟରେ ମାଗଣା ଛତା, ଜୋତା, କମ୍ବଳ, ଚାଉଳ, ଔଷଧ, ପିଠା, କାଳିଆ ଆଦିରେ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ କେବଳ ପୁଳାଏ ମାଗିଖିଆ ଓ ମାଗଣାଖିଆ ସୃଷ୍ଟି କରାଯାଇଛି। ଏବେଠାରୁ ସତର୍କ ନହେଲେ ଆଗକୁ ଶ୍ରୀଲଙ୍କା ଅବସ୍ଥା ଭୋଗିପାରେ ଓଡ଼ିଶା।

ସମ୍ପାଦକୀୟ



ତାରକ ମହାନ୍ତି

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କହିବ କାହାକୁ ଶୁଣିବ କିଏ ?

ଗୋଲଖ ଚନ୍ଦ୍ର ଦାସ

ଆମେ ଗାଁରୁ ଭୁବନେଶ୍ୱର ଗଲେ, ସେଠାରେ ଯେଉଁ ସ୍ଥାନରେ ରହୁଛୁ ତାର ଅଳ୍ପ ଦୂରରେ ଥିବା ବସ୍ତିରେ ଏକ ମସଜିଦ ଗଢି ଉଠିଛି । ଆଉ ସେହି ମସଜିଦରେ ପ୍ରତିଦିନ ସକାଳୁ ମାଇକ୍‌ରେ ଆଜାନ କରାଯାଉଛି । ସେଠାକୁ ଏହି ଗୋଟିଏ ମସଜିଦର ଆଜାନର ସ୍ୱର କେବଳ ଶୁଭୁନାହିଁ, ଲକ୍ଷ୍ମୀସାଗର ଓ ୟୁନିଟ ୪ ଅଂଚଳରେ ଥିବା ମସଜିଦର ନମାଜର ସ୍ୱର ମଧ୍ୟ ଶୁଭୁଛି । ଏହି ଆଜାନର ସ୍ୱର ଏତେ ତୀବ୍ର ଯେ ଆମର ନିଦ ଭାଙ୍ଗି ଯାଉଛି । ଆଉ ଶୋଇ ହେଉ ନାହିଁ । ଆମ ଘରେ ଥିବା ଛୋଟ ପିଲାମାନଙ୍କ ନିଦ ଭାଙ୍ଗିଗଲାପରେ ସେମାନେତ ଶୋଇବାର ନାଁ ଧରୁନାହାଁନ୍ତି । ଏହି ଆଜାନର ଶବ୍ଦ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି । ଯାହାଦ୍ୱାରା ଲୋକମାନଙ୍କୁ ଚିଡଚିଡା, ଅନିଦ୍ରା ଏବଂ ଡିପ୍ରେସନର ଶିକାର ହେବାକୁ ପଡୁଛି । ଏତେ ଅସୁବିଧା ହେଉଥିଲେ ମଧ୍ୟ ଲୋକମାନେ ଖୋଲି କରି କହିପାରୁନାହାଁନ୍ତି । କହିବ କାହାକୁ ଶୁଣିବ କିଏ ? ଯଦି କାହାକୁ କହୁଛୁ ସେମାନେ କହୁଛନ୍ତି ତମେ ଅନ୍ୟ ଧର୍ମ ଉପରେ ହସ୍ତକ୍ଷେପ କରୁଛ । ତୁମେ ସାଂପ୍ରଦାୟୀକ ବ୍ୟକ୍ତି । ଆମ କଥା କେହି ବୁଝୁନାହାଁନ୍ତି,ଆମେ କଣ କହିବାକୁ ଚାହୁଁଛୁ । ଆମେତ ନମାଜ କରିବା ପାଇଁ ବିରୋଧ କରୁନାହୁଁ , ଆମେ କହୁଛୁ ସେମାନେ ୫ ଥର କାହିଁକି ଦିନକୁ ୨୫ ଥର ବିନା ମାଇକ୍‌ରେ ନମାଜ କରନ୍ତୁ ଆମର କିଛି ଆପତି ନାହିଁ । ମାଇକ୍‌ରେ ଯେଉଁ ଆଜାନ ଦେଉଛନ୍ତି ତାହା ଦ୍ୱାରା ଶବ୍ଦ ପ୍ରଦୂଷଣ ହୋଇ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି ।

ଯାହାହେଉ ଆମେ ଯେଉଁ କଥା ଭାବୁଥିଲୁ ଏବେ ସେହି ବିଷୟକୁ ନେଇ ଦେଶର ବିଭିନ୍ନ ଭାଗରେ ତାବିରୋଧରେ ସ୍ୱର ଉଠିବା ଆରମ୍ଭ କଲାଣି । ଗତ ଏପ୍ରିଲ ୨ ତାରିଖ ଦିନ ମହାରାଷ୍ଟ୍ର ନବନିର୍ମାଣ ସେନାର ଅଧକ୍ଷ ରାଜ୍ ଠାକ୍‌ରେ ଶିବାଜୀ ପାର୍କଠାରେ ଏକ ସଭାକୁ ସମ୍ବୋଧିତ କରିବା ସମୟରେ କହିଥିଲେ ଯେ, ସେ କୌଣସି ଧର୍ମକୁ ବିରୋଧ କରନ୍ତି ନାହିଁ । କିନ୍ତୁ ସେ ନମାଜ ପାଠ ସମୟରେ ମାଇକ୍ ବଜାଇବାକୁ ବିରୋଧ କରୁଛନ୍ତି । ନମାଜ ପାଠ ସମୟରେ ମାଇକ୍ ବଜାଇବାର କ'ଣ ଯଥାର୍ଥ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏବେ କର୍ଣ୍ଣାଟକର ହାସନରେ ମାଇକ୍‌ରେ ନମାଜ ପାଠକୁ ବିରୋଧ ଘଟଣା ତୀବ୍ର ହେବାରେ ଲାଗିଛି । କିଛି ସଂଗଠନ ଏହା ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ରାଜ୍ ଠାକ୍‌ରେ କହିଛନ୍ତି ଯଦି ସରକାର ମସ୍‌ଜିଦ୍‌ରେ ମାଇକ୍‌କୁ ବଜାଇବାକୁ ନିୟନ୍ତ୍ରଣ ନକରନ୍ତି ତେବେ ତାଙ୍କ ଦଳର କର୍ମୀମାନେ ମସଜିଦ୍ ସମ୍ମୁଖରେ ହନୁମାନ ଚାଳିଶା ପାଠ କରିବେ। କର୍ଣ୍ଣାଟକରେ ମଧ୍ୟ ମାଇକ୍‌ରେ ନମାଜ ପାଠକୁ ବିରୋଧ କରୁଥିବା ସଂଗଠନ ଗୁଡିକ ମନ୍ଦିର ପରିଚାଳନା କମିଟିକୁ ଅନୁରୋଧ କରିଛନ୍ତି ଯେ, ପ୍ରତିଦିନ ସକାଳ ସାଢେ ପାଂଚଟା ବେଳେ ମାଇକ୍ ମାଧ୍ୟମରେ ମନ୍ତ୍ରୋଚାରଣ କରାଯାଉ। କର୍ଣ୍ଣାଟକରେ ହିଜାବ, ହଲାଲ ମାଂସ ଏବଂ ମୁସଲମାନ ଦୋକାନକୁ ବହିଷ୍କାର ଘଟଣାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଏବେ ମାଇକ୍‌ରେ ନମାଜ ପାଠ ଘଟଣା ପ୍ରଶାସନ ପାଇଁ ଏକ ନୂଆ ସମସ୍ୟା ସୃଷ୍ଟି ହେବାକୁ ଯାଉଛି।

ଏ ଘଟଣାକୁ ନେଇ ମହନ୍ତ ଋଷି କୁମାର କହିଛନ୍ତି ଯେ, ଯଦି ମସଜିଦ୍‌ରେ ମାଇକ୍ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ନିଆନଯାଏ ତେବେ କର୍ଣ୍ଣାଟକରେ ହିନ୍ଦୁମାନେ ଅସୁବିଧାରେ ପଡିବେ । ନେଡିଗୁଡ କହୁଣିକୁ ବୋହିବା ପୂର୍ବରୁ ସମସ୍ତେ ସଚେତନ ହେବା ଆବଶ୍ୟକ । ଆପଣ ଜାଣିଛନ୍ତି କାଶ୍ମୀରରେ କ'ଣ ଘଟିଛି । ମାଇକ୍‌ରେ ଘୋଷଣା କରାଯାଇଥିଲା କାଫେରଙ୍କୁ ହତ୍ୟାକର । ଏହି ଘଟଣା କର୍ଣ୍ଣାଟକରେ ମଧ୍ୟ ହୋଇପାରେ । ଏଥିପାଇଁ ବେଶୀ ସମୟ ଲାଗିବ ନାହିଁ । ଲୋକମାନଙ୍କୁ ମାରିବାକୁ କର୍ଣ୍ଣାଟକର ମସଜିଦ୍‌ରୁ ଘୋଷଣା ହେବା ପୂର୍ବରୁ ସରକାର ମସଜିଦର ମାଇକ୍ ଗୁଡିକୁ ବନ୍ଦ କରନ୍ତୁ ।

ଇତ୍ତେହାଦ ଉଲେମା-ଏ - ହିନ୍ଦ ର ରାଷ୍ଟ୍ରୀୟ ଉପାଧକ୍ଷ ଏବଂ ମଦରସା ଜାମିଆ ଶେଖୁଲର ମୌଲାନା ମୁଫତି ଅସଦ କାସମୀ ଏ ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି - ନମାଜ ପାଠ କରିବା ଆମର ସାମ୍ବିଧାନିକ ଅଧିକାର । ହିନ୍ଦୁସ୍ତାନ ଏକ ଧର୍ମନିରପେକ୍ଷ ଦେଶ । ଏହି ଦେଶର ସମ୍ବିଧାନ ଏଠାରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କର ଧର୍ମ ପାଳନ କରିବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛି । ରାଜ ଠାକରେଙ୍କ ବୟାନ ସମ୍ବିଧାନ ବିରୋଧୀ ।

ମୌଲାନା କାସମୀ ବୋଧେ ରାଜଠାକରେଙ୍କ ବିବୃତିକୁ ଭଲ ଭାବରେ ବୁଝି ପାରିନାହାଁନ୍ତି। ରାଜ ଠାକରେ ନମାଜକୁ ବିରୋଧ କରିନାହାଁନ୍ତି। ମାଇକ୍‌ରେ ନମାଜ ପାଠକୁ ବିରୋଧ କରିଛନ୍ତି। କର୍ଣ୍ଣାଟକର ଯେଉଁ ସଗଂଠନ ଗୁଡିକ ଏହା ବିରୋଧରେ ଅଭିଯାନ ଚଳାଇଛନ୍ତି ସେମାନେ ମଧ ନମାଜକୁ ବିରୋଧ କରୁନାହାଁନ୍ତି, ସେମାନେ ମଧ ମାଇକ୍‌ରେ ନମାଜ ପାଠକୁ ବିରୋଧ କରୁଛନ୍ତି। ତେଣୁ ମୁସଲମାନ ଯଦି ମାଇକ୍‌ରେ ନମାଜ ପାଠ କରିବେ ସେମାନେ ମନ୍ଦିର ଗୁଡିକରେ ପ୍ରତିଦିନ ସକାଳେ ମାଇକ୍‌ରେ ଭଗବାନଙ୍କ ନାମ ଜପ କରିବେ।

ମାଇକ୍‌ରେ ନମାଜ ପାଠକୁ ବିରୋଧ, ଏହା ନୁଆ ଘଟଣା ନୁହେଁ । ଏହା ପୂର୍ବରୁ ଅନେକ ଥର ବିରୋଧ ହୋଇଛି। ଏହା ପୂର୍ବରୁ ୨୦୧୭ରେ ପ୍ରସିଦ୍ଧ ଗାୟକ ସୋନୁ ନିଗମ ମଧ୍ୟ ବିରୋଧ କରିଥିଲେ । ଆହ୍ଲାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଂଗୀତା ଶ୍ରୀବାସ୍ତବ ବରିଷ୍ଠ ଅଧିକାରୀଙ୍କୁ ଏକ ଚିଠି ଲେଖି କହିଥିଲେ ଯେ, ମସଜିଦ୍‌ର ମାଇକ୍‌ରେ ହେଉଥିବା ଆଜାନ ଯୋଗୁଁ ତାଙ୍କର ନିଦରେ ବ୍ୟାଘାତ ସୃଷ୍ଟି ହେଉଛି । ସେ କମିଶନର, ଆଇଜି, ଜିଲ୍ଲା ମାଜିଷ୍ଟ୍ରେଟ ଓ ଏସ୍‌ପିଙ୍କୁ ଚିଠି ଲେଖିଥିଲେ। ଏହା ସହିତ ସେ ସିଭିଲ ଲାଇନ୍ସ ପ୍ରୟାଗରାଜରେ 'ଶବ୍ଦ ପ୍ରଦୁଷଣ' ସମ୍ବନ୍ଧୀୟ ଅଭିଯୋଗ ମଧ୍ୟ ଦାଖଲ କରିଥିଲେ। ୨୦୨୧ ମାର୍ଚ୍ଚ ୧୦ରେ ପ୍ରଫେସର ଶ୍ରୀବାସ୍ତବ ଏହି ଚିଠି ଲେଖିଥିଲେ। କିନ୍ତୁ ଏହା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ କହିଥିଲେ - ବିନା ଅନୁମତିରେ ଲାଉଡ ସ୍ପିକର ବ୍ୟବହାର କରିବା ଭୁଲ ଅଟେ । ମସଜିଦ୍‌ରେ ମାଇକ୍ ମଧ୍ୟରେ ନମାଜ ଇସଲାମର ଅଂଶ ନୁହେଁ। ଯେକୌଣସି ମସଜିଦ୍‌ରୁ ଲାଉଡ ସ୍ପିକର ମାଧ୍ୟମରେ ଆଜାନ ଅନ୍ୟ ଲୋକଙ୍କ ଅଧିକାର ଉପରେ ହସ୍ତକ୍ଷେପ କରୁଛି । ଯେଉଁ ମସଜିଦ୍ ଗୁଡିକ ନିକଟରେ ମାଇକ୍ ବଜାଇବାର ଅନୁମତି ଅଛି ସେହିମାନେ କେବଳ ଏହାର ବ୍ୟବହାର କରିପାରିବେ । ପ୍ରଶାସନର ବିନା ଅନୁମତିରେ ଲାଉଡ ସ୍ପିକର ମାଧ୍ୟମରେ ଆଜାନ ଦିଅନ୍ତୁ ନାହିଁ ।

୨୦୨୨ ମସିହା ଜାନୁଆରୀ ୧୦ ତାରିଖରେ ମଧ୍ୟପ୍ରଦେଶ ଇନ୍ଦୋରର ଆଇନଜୀବୀମାନେ ଶବ୍ଦ ପ୍ରଦୁଷଣକୁ ନେଇ କମିଶନରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ୩୦୦ ଆଇନଜୀବୀଙ୍କ ଦସ୍ତଖତ ଥିବା ସ୍ମାରକପତ୍ରରେ ଉଲ୍ଲେଖ ଥିଲା ଯେ, ମସଜିଦ୍‌ର ମାଇକ୍ ଦ୍ୱାରା ହେଉଥିବା ଶବ୍ଦ ପ୍ରଦୁଷଣ ସାଂଘାତିକ ଏବଂ ସାଧାରଣ ଜନତାଙ୍କୁ ଏହି କାରଣରୁ ବହୁ କଷ୍ଟ ଭୋଗିବାକୁ ପଡୁଛି । ସ୍ୱଚ୍ଛତା ଦୃଷ୍ଟିରୁ ଇନ୍ଦୋର ଦେଶରେ ଏକ ନମ୍ବର ଅଟେ । ବର୍ତମାନ ସହରକୁ ଶବ୍ଦ ପ୍ରଦୂଷଣ ମୁକ୍ତ କରିବାର ଆବଶ୍ୟକତା ଅଛି । ସହରର ଜନବହୁଳ ଅଂଚଳମାନଙ୍କରେ ଦିନକୁ ଅନେକବାର ମାଇକ୍ ମାଧ୍ୟମରେ ଉଚ୍ଚ ଆବାଜରେ ଆଜାନ ଦିଆଯିବା କାରଣରୁ ସାଧାରଣ ଜନତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ମସଜିଦ୍ ମାଇକ୍‌ରୁ ବାହାରୁଥିବା ଶବ୍ଦ ଅଧିକ ହାରରେ ଶବ୍ଦ ପ୍ରଦୁଷଣ କରୁଛି। ଆଇନଜୀବୀମାନେ ଭାରତୀୟ ସମ୍ବିଧାନର ଧାରା ୧୯(୧) ଏ ଏବଂ ଧାରା ୨୧ର ଜୀବନର ଅଧିକାର ବିଷୟରେ ଉଲ୍ଲେଖ କରିଛନ୍ତି । ସମ୍ବିଧାନରେ ଜୀବନ ଅଧିକାରକୁ ମୌଳିକ ଅଧିକାର ଶ୍ରେଣୀରେ ରଖାଯାଇଛି। ଏଥିସହିତ ଧାରା ୫୧-ଏ(ଜି) ରେ ଥିବା ପରିବେଶ ସୁରକ୍ଷା ବ୍ୟକ୍ତିର ଏକ ମୌଳିକ କର୍ତବ୍ୟ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ମୌଲାନା ମୁଫତି ସୟିଦ ବନାମ କୋଲକାତା ହାଇକୋର୍ଟର ନିଷ୍ପତି ବିଷୟରେ ମଧ୍ୟ ସୂଚିତ କରାଯାଇଛି । କୋଲକାତା ହାଇକୋର୍ଟ ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ କହିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିର ଧର୍ମ ପାଳନ କରିବାର ଅଧିକାର ରହିଛି, କିନ୍ତୁ ତାଙ୍କୁ ଶବ୍ଦ ପ୍ରଦୂଷଣ ବିସ୍ତାର କରିବାର ଅଧିକାର ମିଳି ନାହିଁ ।

ସ୍ମାରକପତ୍ରରେ କୁହାଯାଇଛି ଯେ ଆଇପିସିର ଧାରା ୨୬୮ ଅନୁଯାୟୀ ଶବ୍ଦ ପ୍ରଦୂଷଣ ବିସ୍ତାର କରିବା ସାର୍ବଜନିକ ଉପଦ୍ରବ ଅଟେ । ଏଥି ସହିତ ଆଇପିସିର ଧାରା ୨୯୦ରେ ଦଣ୍ଡର ବ୍ୟବସ୍ଥା ମଧ୍ୟ କରାଯାଇଛି। ଧାରା ୧୩୫ ଅନୁଯାୟୀ ମାଜିଷ୍ଟ୍ରେଟଙ୍କର ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ରହିଛି। ସ୍ମାରକପତ୍ରରେ ସାଉଦି ଆରବ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ସେଠାରେ ୯୪,୦୦୦ ମସଜିଦ ଅଛି, କିନ୍ତୁ ମାଇକ୍ ବ୍ୟବହାର ଉପରେ ସାଉଦି ସଂସ୍କୃତି ମନ୍ତ୍ରଣାଳୟ କଟକଣା ଲଗାଇଛନ୍ତି। ଶବ୍ଦ କମାଇବା ପାଇଁ ଏହି ପ୍ରତିବନ୍ଧକ ଲଗାଯାଇଛି।

ଇଣ୍ଡୋନେସିଆ ବିଶ୍ୱର ମୁସଲମାନ ବହୁଳ ଦେଶ ଅଟେ । ମସଜିଦ୍‌ରେ ମାଇକ୍ ଦ୍ୱାରା ଆଜାନକୁ ନେଇ ଏହି ଦେଶ ଏକ ବିରାଟ ଉଦାହରଣ ସୃଷ୍ଟି କରିଛି। ଏହି ଦେଶରେ ଆଜାନ ଏକ କିଲୋମିଟରରୁ ଅଧିକ ଦୂରକୁ ଶୁଣା ଯାଉଥିଲା । ଯାହା ଦ୍ୱାରା ସାଧାରଣ ଜନତା ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଥିଲେ। ବିଦ୍ୟାଳୟର ପିଲାମାନେ ଅଧ୍ୟୟନରେ ଧାନ ଦେବା କଷ୍ଟକର ହୋଇ ପଡୁଥିଲା । ଛୋଟ ପିଲାମାନେ ଏହି ଆଜାନ ହେବା ଦ୍ୱାରା ବିଶ୍ରାମ କରି ପାରୁନଥିଲେ। ଆଜାନର ଉଚ୍ଚ ସ୍ୱର ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରୁଥିଲା । ଏହା ଦ୍ୱାରା ଅଧିକାଂଶ ଲୋକ ଚିଡଚିଡା, ଅସନ୍ତୋଷ ଏବଂ ଉଦାସୀନତାର ଶୀକାର ହେଉଥିଲେ । ଇଣ୍ଡୋନେସିଆର ମସଜିଦ୍ ପରିଷଦର ସୁପାରିଶ ପରେ ଏହି ଘଟଣାରୁ ଆରାମ ମିଳିଛି। 'ଜାକର୍ତାପୋଷ୍ଟ'ର ରିପୋର୍ଟ ଅନୁସାରେ ପ୍ରଥମେ ଗ୍ରେଟର ଜାକର୍ତାରେ ଆରମ୍ଭ ହୋଇ ବର୍ତମାନ ଦେଶର ୭୦ ହଜାର ମସଜିଦ୍‌ର ମାଇକର ସ୍ୱରକୁ କମ୍ କରି ଦିଆଯାଇଛି। ଦେଶର ସମସ୍ତ ସ୍ଥାନରେ ଏହି ପ୍ରକ୍ରିୟା ଚାଲୁ ରହିଛି । ଆଜାନର ଉଚ୍ଚ ସ୍ୱର ବିଷୟରେ ସ୍ଥାନୀୟ ଲୋକମାନେ ଅନଲାଇନ ମାଧ୍ୟମରେ ବାରମ୍ବାର ଅଭିଯୋଗ କରିବା ଫଳରେ ଏହି ସମସ୍ୟାର ସମାଧାନ ହେଲା ।

ଏବେ ପ୍ରଶ୍ନ ଉଠୁଛି ଯଦି ମୁସଲମାନ ବହୁଳ ଦେଶରେ ଏପରି ହୋଇ ପାରୁଛି, ତେବେ ଭାରତରେ କାହିଁକି ହୋଇ ପାରିବ ନାହିଁ ? ମାଇକ୍ ରେ ଆଜାନ ଦ୍ୱାରା କେବଳ ହିନ୍ଦୁ, ଖ୍ରୀଷ୍ଟିଆନ କି ବୌଦ୍ଧ ମତପନ୍ଥର ଲୋକମାନେ ଅସୁବିଧାର ସମ୍ମୁଖିନ ହେଉନାହାଁନ୍ତି, ମୁସଲମାନମାନେ ମଧ୍ୟ ଏ ଅସୁବିଧାର ଶିକାର ହେଉଛନ୍ତି। ଆସନ୍ତୁ, ଜାତି, ବର୍ଣ୍ଣ, ଧର୍ମ,ପନ୍ଥ, ଭାଷା ଭେଦଭାବର ଉପରକୁ ଉଠି ସମସ୍ତେ ମିଳିମିଶି ଏ ଦିଗରେ ଚିନ୍ତା କରିବା । ଶବ୍ଦ ପ୍ରଦୁଷଣରୁ ଦେଶକୁ ରକ୍ଷା କରିବା। ଚିଡଚିଡା, ଅସନ୍ତୋଷ ଏବଂ ଉଦାସୀନତା ଆଦି ରୋଗ ସୃଷ୍ଟି କରୁଥିବା ଏହି ଶବ୍ଦ ପ୍ରଦୂଷଣକୁ ବନ୍ଦ କରିବା ପାଇଁ ଜନଜାଗରଣରେ ସାମିଲ ହେବା।

*ଘିଗିଡିଆ, ବାରୁଅ, କେନ୍ଦ୍ରାପଡା*
*ଦୂରଭାଷ : ୯୮୬୧୦୨୮୫୫୩*



ଭବାଶିଷ ଦାସ

# ସବୁ ନାମ ତାଙ୍କରି

ଭଗବାନ ଶ୍ରୀ ସତ୍ୟସାଇ ବାବା କହନ୍ତି, 'ମୋର କୌଣସି ନିର୍ଦ୍ଦିଷ୍ଟ ନାମ ନାହିଁ ସେ କେବଳ ସେଇ ନାମରେ ଡାକିଲେ ମୁଁ ଉତ୍ତର ଦେବି। ଯେକୌଣସି ନାମରେ ଡାକିଲେ ମୁଁ ଉତ୍ତର ଦିଏ। ସବୁଯାକ ନାମ ମୋରି, ଅନ୍ୟ ଭାବରେ କହିଲେ ମୋତେ କି ନାମ ଦେବ ତାକୁ ତୁମେ ହିଁ ଠିକ କରିଥାଅ।' କଳି ଯୁଗରେ ଈଶ୍ୱର ଉପଲବ୍ଧିର ସବୁଠାରୁ ଭଲ ମାର୍ଗ ନାମଯୋଗ, ମାତ୍ର ଆଜିକାଲି ଲୋକେ ଏହାକୁ ଗୋଟାଏ ବୃଥା କସରତ କହି ଉପେକ୍ଷା କରୁଛନ୍ତି। ସ୍ୱାମୀ ପଚାରନ୍ତି 'ଶ୍ୱାସ ପ୍ରଶ୍ୱାସ କ'ଣ କେବେ ଗୋଟାଏ ନିରର୍ଥକ କସରତ ହୋଇପାରେ?' ସୋହଂ ବା ସାଇରାମ କିମ୍ବା ଏପରି କୌଣସି ନାମ ଶ୍ୱାସ ପ୍ରଶ୍ୱାସ ପରି ଅଖଣ୍ଡ ଭାବରେ ଉଚ୍ଚାରିତ ହେଉଥିବା ଉଚିତ। ସ୍ୱାମୀ ଘୋଷଣା କରିଛନ୍ତି, 'ନାମ ସ୍ମରଣ ହିଁ ବର୍ତ୍ତମାନ ଯୁଗ ଧର୍ମପଦ୍ଧତି। ମୋର ଅବତାର ଗ୍ରହଣ କରିବାର ଅନ୍ୟତମ ଲକ୍ଷ୍ୟ ହେଲା ଲୋକଙ୍କ ମନରେ ନାମ ପ୍ରତି ବିଶ୍ୱାସ ଜାଗ୍ରତ କରିବା।'

ମାତ୍ର ଯେଉଁ ନାମକୁ ନିରନ୍ତର ସ୍ମରଣ ରଖିବାକୁ ଆମେ ବାଛିବା, ତାକୁ ଅବହେଳା ବା ଅବମାନନା କିମ୍ବା ବିକୃତ ନକରିବା ପାଇଁ ସ୍ୱାମୀ ଆମକୁ ସତର୍କ କରି ଦେଇଛନ୍ତି। ନାମ ସ୍ମରଣ ମାର୍ଗରେ ମଧ୍ୟ ଆମକୁ ଅନେକ ଖାଲ, ଢ଼ିପ ଆଡ଼େଇ ଆଗକୁ ଯିବାକୁ ହେବ। ଆମେ ଏ ସାଧନାରେ ରତ ଥିଲାବେଳେ ଅନ୍ୟ କୌଣସି ନାମର ସାଧକଙ୍କୁ ତୁଚ୍ଛ ଭାବ ଦେଖାଇବାକୁ ହେବନାହିଁ। ଅନ୍ୟ ନାମ ଗ୍ରହଣ କରିଥିବା ସାଧକଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବାକୁ ହେବ ନାହିଁ। ଯେଉଁମାନେ ଆମକୁ ଏ ସାଧନା ଗ୍ରହଣ କରିବାକୁ ପ୍ରବର୍ତ୍ତାଇଛନ୍ତି ଅନୁପ୍ରାଣିତ କରିଛନ୍ତି, ସେମାନଙ୍କୁ ଅସମ୍ମାନ କରିବା ନିଷେଧ। ଶାସ୍ତ୍ର ଓ ପୁରାଣ ଗୁଡ଼ିକୁ ହତାଦର କରିବା ଏକାନ୍ତ ଅନୁଚିତ। ନାମ ସ୍ମରଣ ଓ ନାମ କୀର୍ତ୍ତନ, ପବିତ୍ର ବାତାବରଣରେ କରିବାକୁ ହେବ। ଅନ୍ୟ ନାମକୁ ନ୍ୟୂନ ବିଚାରିବାର ପ୍ରଲୋଭନକୁ ସର୍ବତୋ ଭାବେ ବର୍ଜନ କରିବା ପରି ଏ ନାମକୁ ବି ଯଥେଚ୍ଛା ବ୍ୟବହାର କରି ଏହାର ମୂଲ୍ୟ ହ୍ରାସ କରିବା ସମ୍ପର୍କରେ ଆମକୁ ଯଥେଷ୍ଟ ସତର୍କ ରହିବାକୁ ପଡ଼ିବ। ପବିତ୍ର ନାମ ସ୍ମରଣ ସହ, ଦୁର୍ଭାବନା, ଦୁର୍ଭାଷା ଓ ଦୁଷ୍କର୍ମ ସାମଞ୍ଜସ୍ୟ ରଖେ ନାହିଁ। ଆମକୁ ଭାବିବାକୁ ହେବ ନାହିଁ ଯେ ନାମଟି ଆମର ବ୍ୟକ୍ତିଗତ ସମ୍ପତ୍ତି। ଆମକୁ ଆମର ସାଧନା ଓ ସିଦ୍ଧିକୁ ପ୍ରଦର୍ଶନ କରିବା ଠାରୁ ସର୍ବଦା ଦୂରେଇ ରହିବାକୁ ପଡ଼ିବ।

ଉପରୋକ୍ତ ପ୍ରମାଦରୁ ମୁକ୍ତ ହୋଇ ନାମ ସାଧନା ସ୍ୱାଭାବିକ ଭାବରେ ଅନ୍ତରରେ ପ୍ରତିଷ୍ଠିତ ହେବା ଦରକାର। ଏହା ଅଖଣ୍ଡ ଓ ବିନା ବାଧାରେ ଚାଲିବା ଦରକାର। ହରିଙ୍କ ପାଇଁ ଆକୁଳତା ବିରହ ବେଦନାରେ ପରିଣତ ହେଲେ ଯାଇ ପୂର୍ଣ୍ଣ ଶାନ୍ତି ମିଳିବା ସମ୍ଭବ। ବାଙ୍ଗାଲୋରରେ ଚବିଶ ଘଣ୍ଟା ଅଖଣ୍ଡ ନାମ କୀର୍ତ୍ତନ କରିଥିବା ଦଳେ ଭକ୍ତଙ୍କୁ ବାବା କହିଥିଲେ, ନାମ ସ୍ମରଣ ହିଁ ଯଥେଷ୍ଟ। ତ୍ରେତା ଯୁଗର ନାମ ଥିଲା ସୀତାରାମ। ଦ୍ୱାପର ଯୁଗର ନାମ, ରାଧେଶ୍ୟାମ। ଆଉ କଳି ଯୁଗରେ ସବୁ ନାମ ସମାନ ଭାବରେ ସମର୍ଥ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ*
*ଦୂରଭାଷ : ୯୮୬୧୧୧୮୬୭୩*

# ଅଂଶୁଘାତରୁ ମୁକ୍ତି ପାଇବାର ପ୍ରାକୃତିକ ଉପାୟ



ବିଜୟ କୁମାର ପୁଷ୍ଟି

ସୂର୍ଯ୍ୟଙ୍କ ପ୍ରଖର ତାପ ଦିନକୁ ଦିନ ବଢ଼ି ଚାଲିଛି। ସମସ୍ତଙ୍କର ଗୋଟିଏ ଚିନ୍ତା - ଏ ପ୍ରଚଣ୍ଡ ରୁଦ୍ରତାପରୁ ମୁକ୍ତି ମିଳିବ କିପରି? ଗରମ ଦିନରେ ସାଧାରଣତଃ କମ ଭୋକ, ଅଧିକ ଶୋଷ ଏବଂ ଅତ୍ୟଧିକ ଝାଳ ବୋହିଥାଏ। ପାଖାପାଖି ଶରୀରରୁ ୨ରୁ ୨.୫ ଲିଟର ଅର୍ଥାତ ୧୦ଗ୍ଲାସ ଜଳୀୟ ଅଂଶ ଶରୀରରୁ ନିର୍ଗତ ହୁଏ। ତେଣୁ ଅତି କମରେ ଏହି ୧୦ ଗ୍ଲାସ ଜଳ ପ୍ରତ୍ୟହ ପିଇବା ଏକାନ୍ତ ଜରୁରୀ। ଏହିଭଳି ଶରୀରର ଉପଯୁକ୍ତ ଯତ୍ନର ଅଭାବ ହେଲେ ବଦହଜମୀ, ଅଜୀର୍ଣ୍ଣଝାଡ଼ା, ନାଳଝାଡ଼ା, କୋଷ୍ଠବଦ୍ଧତା ଏପରିକି ଝାଡ଼ାବାନ୍ତି ପରି ତୀବ୍ର ସମସ୍ୟା ଦେଖାଦେଇ ଥାଏ। ଅବଶ୍ୟ ଏହା ବୟସର ଭିନ୍ନତା, ଶରୀରର ଶକ୍ତି, ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନ ପ୍ରଣାଳୀର ତାରତମ୍ୟ ହେତୁ ହୋଇଥାଏ। ତେଣୁ ଗ୍ରୀଷ୍ମଋତୁର ପ୍ରଚଣ୍ଡ ରୁଦ୍ରତାପ ଅର୍ଥାତ୍ ଅଂଶୁଘାତରୁ ରକ୍ଷା ପାଇବାକୁ ହେଲେ କେତେକ ଜରୁରୀ ବିଷୟ ପ୍ରତି ଧ୍ୟାନ ଦେବାକୁ ହୁଏ, ଫଳରେ ଶରୀର ସବୁବେଳେ ଥଣ୍ଡା ରହିଥାଏ। ପ୍ରଥମତଃ ଖରାଦିନରେ ଅନ୍ତତଃ ୧୫ ଗ୍ଲାସ ପାଣି ପିଇବା ଜରୁରୀ। ଏକାଥରକେ ଅଧିକ ପାଣି ପିଇବା ଅନୁଚିତ। ଅଳ୍ପ ଅଳ୍ପ ପାଣି ଅଧିକ ଥର ପିଇଲେ ଭଲ। କେବଳ ସକାଳେ ଉଠି ୨/୩ ଗ୍ଲାସ ଉଷାପାନ କରିବା ବିଧେୟ। ଚା ପିଇବା ଭଳି ପାଣି ପିଆଯାଏ। ସବୁଠୁ ନିରାପଦ ହେଉଛି ଯୁଆଡ଼େ ଗଲେ ମଧ୍ୟ ପାଣି ବୋତଲ ଟିଏ ସାଥିରେ ରହିବା ଉଚିତ। ଦ୍ୱିତୀୟରେ ସାଧାରଣତଃ ଦେଖାଯାଏ, ଗରମ ସମୟରେ ବିଭିନ୍ନ ପ୍ରକାର ଆଧୁନିକ ଥଣ୍ଡା ପାନୀୟ ଦିଆଯାଏ, ଯାହାକି ଅତି ବିପଦ ଜନକ। ଯଥା - ଆଇସକ୍ରିମ, ଆଧୁନିକ ଆକର୍ଷିତ ବିଭିନ୍ନ ଥଣ୍ଡା ପାନୀୟ, ପ୍ରାୟ ସମସ୍ତଙ୍କ ଫ୍ରିଜରେ ଭରପୁର ଥାଏ। ଏସବୁ ଆଧୁନିକ ଯୁଗର ନୂଆ ସଭ୍ୟତା ଏବଂ ନୂଆ ଫୂର୍ତ୍ତି। ଆପଣ ଜାଣନ୍ତି ଏ ଆଇସକ୍ରିରେ କ'ଣ ଅଛି ? ସିନ୍ଥେଟିକକେମିକାଲ, ଡାଇଏଥିଲ ଗ୍ଲାଇକଲ (ଯେଉଁଥିରେ ରଙ୍ଗ ସଫା ହୁଏ), ଆଲଡିହାଇଡେ, ସି-୧୭ (ଯଥା ଲୁଗା ରଙ୍ଗ, ପ୍ଲାଷ୍ଟିକ ଏବଂ ରବରେ ମିଶାଯାଏ), ପାଇପୋରନଲ ଇଥାଇଲ ଏସିଟାଟେ (ଯାହା ଚମଡ଼ା ଓ କପଡ଼ା କାରଖାନାକୁ ସଫା କରିବାରେ ବ୍ୟବହୃତ ହୁଏ) ବେଞ୍ଜିଲ ଏବଂ ବହୁ ପ୍ରକାର ଅପ୍ରାକୃତିକ ସୁଗନ୍ଧ ଦିଆଯାଏ। ଏହା ବ୍ୟତୀତ ବିଭିନ୍ନ ଥଣ୍ଡା ମୃଦୁପାନୀୟରେ ଚିନି ଶର୍କରା, ବିଭିନ୍ନ ଫଳରସର ସୁଗନ୍ଧିତ ରସ, ଗ୍ଲୁକୋଜ ପାଣି, ଅପ୍ରାକୃତିକ ରଙ୍ଗ, କାଫିନ୍, ଅମ୍ଳଜାତୀୟ ପଦାର୍ଥ, ରାସାୟନିକ ପଦାର୍ଥ, ଫେଣ ସୃଷ୍ଟି କାରୀ ପଦାର୍ଥ, କାର୍ବୋନିକ ଏସିଡ଼, ଫସଫୋରିକ ଏସିଡ଼ ଇତ୍ୟାଦି ବହୁ କ୍ଷତିକାରକ ପଦାର୍ଥ ଥାଏ ଯାହାକି ପାଟିକୁ ସୁଆଦ ଲାଗେ ସତ କିନ୍ତୁ ପେଟକୁ ବିଷାକ୍ତ କରେ। ଏଗୁଡ଼ିକ ଶରୀରର ଅଧିକ ତାପ ସୃଷ୍ଟିକାରୀ ରାସାୟନିକ ପଦାର୍ଥ ଯାହା ଶରୀର ମଧ୍ୟରୁ ରକ୍ତ ଶୋଷି ନିଏ ଏବଂ ବିଭିନ୍ନ ଅଂଶରେ ଅତି ମାରାତ୍ମକ ଭାବେ କୁପ୍ରଭାବ ପକାଇଥାଏ। ଅଧିକାଂଶ ବ୍ୟକ୍ତି ହୁଏତ ଏହାର ଭୟାବହତା ଜାଣି ନଥାନ୍ତି କିମ୍ବା ଜାଣି ମଧ୍ୟ ଏକଥାକୁ ହେ ଜ୍ଞାନ ମନେକରନ୍ତି। ପ୍ରତ୍ୟେକ ବ୍ୟକ୍ତି ତାତ୍ତ୍ୱିକ ଦୃଷ୍ଟିରୁ ଏହାର ପ୍ରସ୍ତୁତ ଜ୍ଞାନ କୌଶଳ ଜାଣିବା ବାଞ୍ଛନୀୟ। ଏ ଭଳି ପାନୀୟ ବ୍ୟବହାର ଠାରୁ ଦୂରେଇ ରହିଲେ ହୁଏତ ଶରୀର ଥଣ୍ଡା ରହିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ମଧ୍ୟ ଅତୁଟ ରହିବ।

ତୃତୀୟତଃ ପ୍ରାକୃତିକ ଉପାୟରେ ଗ୍ରୀଷ୍ମଋତୁରେ ଥଣ୍ଡା ରହିବାର ବହୁତ ଉପାୟ ରହିଛି। ପ୍ରଥମେ ଖାଦ୍ୟକୁ ନିୟନ୍ତ୍ରଣ କରିବା ଉଚିତ। ଅତିରିକ୍ତ ମସଲାଯୁକ୍ତ ଖାଦ୍ୟ ଭଜା ବା ଛଣା ଖାଦ୍ୟ, ଅଧିକ ତେଲଯୁକ୍ତ ଖାଦ୍ୟ ହଜମ ନହୋଇ ଅଧିକ ଅମ୍ଳ ସୃଷ୍ଟି ହୁଏ ଫଳରେ ଶରୀରରେ ତାପ ବୃଦ୍ଧି ହୁଏ। ବରଂ ଯେଉଁ ଖାଦ୍ୟ ହଜମ କରାଏ ଏବଂ ଥଣ୍ଡା ରଖେ ଯଥା - ସାଲାଡ଼, ବିଭିନ୍ନ ଋତୁ ଫଳ, ସନ୍ତୁଳା, ଅକାଣ୍ଡିଆ ଚାଉଳର ଭାତ, ଚୋକଡ଼ଯୁକ୍ତ ଅଟାର ରୋଟି, ଗଜାମୁଗ, ଗଜାବୁଟ ଏବଂ ପାନୀୟ ମଧ୍ୟରେ ପରିବା ସିଝା ଝୋଳ, ସବୁଜ ଗହମ ଘାସ ରସ, ଦହିବରା, ସବୁଠାରୁ ଉପକାରୀ। ପରିବା ମଧ୍ୟରେ ଗାଜର, ବିଟ, ମୂଳା, ବିଲାତି ଏବଂ ସବୁଜ ଶାଗ ମଧ୍ୟରେ ପାଳଙ୍ଗ, ମେଥି, କୋଷଳା, ଥାଲକୁଡ଼ି, ଯେଉଁଥିରେ ଜଳୀୟ ଅଂଶ ଅଧିକ ଥାଏ ଏବଂ ପ୍ରାକୃତିକ ଖାଦ୍ୟସାର ଓ ଖଣିଜ ପଦାର୍ଥ ମିଳିବା ସହ ଅଧିକ ବନସ୍ପତୀୟ ରାସାୟନିକ ପଦାର୍ଥ ଏବଂ ପ୍ରାକୃତିକ ରଙ୍ଗ, ରସ ମଧ୍ୟ ଭରପୁର ଥାଏ, ସେହିଭଳି ଫଳ ମାନଙ୍କ ମଧ୍ୟରେ ଫୁଟି କାକୁଡି, ତରଭୁଜ, ଖାରଭୁଜ, ବେଲ, ସପୁରୀ, କମଳା, ମିଠା ଲେମ୍ବୁ ବହୁ ପରିମାଣରେ ଖାଇଲେ ଶରୀର ଥଣ୍ଡା ରହିଥାଏ। ଏ ସମୟରେ ଜ୍ୱର କିମ୍ବା ଅଜୀର୍ଣ୍ଣଝାଡ଼ା ହେଲେ କେବଳ ପାଣିରେ ଲେମ୍ବୁରସ, ପଇଡ଼ ପାଣି କିମ୍ବା ଦହି ଚଲା ଦିନେ ଦୁଇଦିନ ପିଇ ରହିଲେ ଜ୍ୱର କମିବା ସହ ଶରୀର ମଧ୍ୟ ଥଣ୍ଡା ରହେ।

ଆଧୁନିକ ସଭ୍ୟତାରେ ଅପ୍ରାକୃତିକ ଥଣ୍ଡା ପାନୀୟ ଏବଂ ମୃଦୁପାନୀୟ ଅପେକ୍ଷା ସବୁଠୁ ଉତ୍କୃଷ୍ଟ ହେଉଛି ପଇଡ଼ ପାଣି, ତରଭୁଜ ରସ, କମଳା ରସ, ଗାଜର ରସ, ଆଖୁରସ କିମ୍ବା ଲେମ୍ବୁରସ ସହ ମହୁ ଇତ୍ୟାଦି ଯାହାକି ସ୍ୱାସ୍ଥ୍ୟପକ୍ଷେ ହିତକର। ଗରମ ପାନୀୟ ଚା, କଫି ପରିବର୍ତ୍ତେ ବନସ୍ପତୀୟ ଚା କିମ୍ବା ଲେମ୍ବୁ ଚା, ଆଇସକ୍ରିମ ବଦଳରେ କଷ୍ଟାର୍ଡ ଫ୍ରୁଟ, ଫଳ ସାଲାଡ଼ ଏବଂ ବସା ଦହି। ଏସବୁ ଖାଦ୍ୟ ଦ୍ୱାରା ଶରୀର ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଥଣ୍ଡା ମଧ୍ୟ ରହିଥାଏ। ଏହା ବ୍ୟତୀତ ଅଂଶୁଘାତରୁ ମୁକ୍ତି ପାଇବା ପାଇଁ କେତେକ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରିବାକୁ ପଡ଼ିଥାଏ। ଯଥା ପ୍ରତ୍ୟହ ୨/୩ ଥର ଥଣ୍ଡା ଜଳରେ ସ୍ନାନ କରିବା ବିଧେୟ। ସପ୍ତାହରେ ଥରେ ନିମ୍ବ ପାଣିରେ ସ୍ନାନ କଲେ ଶକ୍ତି ମିଳିବା ସଙ୍ଗେ ସଙ୍ଗେ ଶରୀରରେ ରୋପ ପ୍ରତିଷେଧକ ଶକ୍ତି ବୃଦ୍ଧି ହୋଇଥାଏ। ଖରା ସମୟରେ ବାହାରକୁ ଗଲେ ଧଳାକନାର ପ୍ୟାଣ୍ଟ ସାର୍ଟ ଓ ଟୋପି କିମ୍ବା ପଗଡ଼ି ବ୍ୟବହାର ସବୁଠାରୁ ନିରାପଦ। ଟାଣ ଖରାରେ ନବାହାରିବା ଭଲ। ଯଦି ଯାଆନ୍ତି, ମୁଣ୍ଡରେ ଓଦା ଗାମୁଛା ସହ ଟୋପି କିମ୍ବା ଛତା ସହ ପାଣି ବୋତଲ ସାଥିରେ ନେବା ଉଚିତ। ଯଥେଷ୍ଟ ପାଣି ପିଇ ବାହାରକୁ ଯିବା ଉଚିତ ଏବଂ ଆଖିରେ ସବୁଜ ରଙ୍ଗର ଚଷମା ପିନ୍ଧିଲେ ଭଲ। ଦେହ ଅବଶ ଲାଗିଲେ ଗଛ ଛାଇ କିମ୍ବା ଥଣ୍ଡା ଯାଗାରେ ବିଶ୍ରାମ ନେବା ଉଚିତ। ଏଥି ସହିତ ଶରୀରରେ ଅଧିକ ଗରମ ବୋଧ ହେଲେ ସଙ୍ଗେ ସଙ୍ଗେ 'ଶୀତଳୀ' ଓ 'ଶୀତ୍କାରୀ' ପ୍ରାଣାୟମ କଲେ ତାପମାତ୍ରା କମିଯାଏ। ପ୍ରତି ଘଣ୍ଟାରେ ଥରେ ପାଣି ପିଇ ମୁହଁ ହାତ ଥଣ୍ଡା ପାଣିରେ ଧୋଇ ଆଖିକୁ ମଧ୍ୟ ପାଣିଛିଟା ମାରିବା ଉଚିତ। ରାତିରେ ଖୋଲା ଯାଗାରେ କିମ୍ବା ଘର ଭିତରେ ଝରକା ଖୋଲି ଶୋଇବା ଅନୁଚିତ। ଘରର କବାଟ ଏବଂ ଝରକାରେ ଖସ ଖସ ବ୍ୟବହାର କରି ପାଣି ପକାଇଲେ ଥଣ୍ଡା ମିଳିବା ସଙ୍ଗେ ସଙ୍ଗେ ସୁଗନ୍ଧି ମିଳିଥାଏ। ଖରାଦିନେ ଆଖି ଥଣ୍ଡା ପାଇଁ କାକୁଡ଼ିକୁ କାଟି ଆଖି ଉପରେ ଲଗାନ୍ତୁ କିମ୍ବା ତୁଳାକୁ ଥଣ୍ଡା କରି ଆଖିରେ ଦେଲେ ମଧ୍ୟ ଉପକାର ମିଳେ। ତଳିପେଟରେ ଜଳପଟି କିମ୍ବା ପ୍ରତ୍ୟହ କଟି ସ୍ନାନ କରିବା ଉଚିତ। ମନେ ରଖନ୍ତୁ ପ୍ରକୃତିର ଋତୁଫଳ ଓ ପରିବା ଖାଆନ୍ତୁ - ଅଂଶୁଘାତରୁ ମୁକ୍ତି ପାଆନ୍ତୁ।

*ସଂପାଦକ, ନିରାମୟାଃ, ସିଡ଼ିଏ, ସେକ୍ଟର-୯, କଟକ*
*ଦୂରଭାଷ : ୯୮୬୧୪୬୪୯୩୨*

## ଧାରାବାହିକ ଉପନ୍ୟାସ

ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୨




*(ପୂର୍ବପ୍ରକାଶ ଉତ୍ତାରୁ)*

ଅଣନିଶ୍ୱାସୀ ଲାଗେ ତାକୁ। ସେ ପରୀ ରାଣୀଙ୍କୁ ଅନୁରୋଧ କରେ..ତାର ଏ ଅଳୀକ ସୁଖ ଲୋଡା ନାହିଁ। ପୁରୁଣା ଜୀବନ ହିଁ ଚାହେଁ ସେ ନିବିଡ ଭାବରେ। ସେଇ ପୁରୁଣା ଜୀବନର ରୀତିନୀତି ସହିତ ବାନ୍ଧିହେବାକୁ ଇଚ୍ଛା କରେ। ସେସବୁ ବିନା ସେ ବଂଚିବ କିପରି? ସେଇଠି ଅଛି ତାର ପ୍ରାଣ, ହୃଦୟ ଆଉ ଚେତନା। ସେ ସ୍ୱର୍ଗକୁ ଛାଡି କୁଆଡେ ବି ସେ ରହିବାକୁ ଚାହେଁନା।

ଏମିତିକି ପରୀ ରାଜ୍ୟ ବି ତାକୁ ସମସ୍ତ ସୁଖ ଦେଇପାରେନା। ସାମୟିକ ସମୟ ପାଇଁ ସେ ପରୀରାଜ୍ୟରେ ଆତ୍ମବିସ୍ମୃତ ହୋଇପାରେ। ନିଜକୁ ଭୁଲି ଆତ୍ମହରା ହୋଇ ପାରେ! ହେଲେ କିଛି ସମୟ ପରେ ପୁଣି ମନେପଡେ ତା ଘର ଅଗଣା, ଫୁଲବଗିଚା, ତାକୁ କେନ୍ଦ୍ର କରି ଉଡିବୁଲୁଥିବା ଛୋଟ ଛୋଟ ପ୍ରଜାପତି, ଜାଜିଜାତିକା କଙ୍କି ଓ ତାର ଅତିପ୍ରିୟ ଜେଜେମା' ଏବଂ ସାନବାବୁ..। ସେମାନଙ୍କୁ ଛାଡି ସେ କୁଆଡେ ବି ରହିବାକୁ ଚାହେଁନା। ସତସତିକା ସ୍ୱର୍ଗରେ ବି ନୁହଁ। ଏମିତି ଅନେକ ସ୍ୱପ୍ନରେ ବିଭୋର ହେଉ ହେଉ ରାତି ପାହି ସକାଳ ହୋଇଯାଇଥାଏ। ପ୍ରତ୍ୟୁଷର ପବିତ୍ରତା ନେସି ହୋଇଯାଇଥାଏ ସାରା ଦୁନିଆଁରେ..ପତ୍ରଫୁଲରେ।

ସେତେବେଳକୁ ଅଳସେଇ ପଡିଥାଏ ଲୀନା ବିଛଣାରେ। ଜେଜେମା' ଡାକଦିଏ। ଆଖିରୁ ନିଦର ପରଦା ଏତେ ଶୀଘ୍ର ହଟିବାକୁ କୁଣ୍ଠା କରୁଥାଏ। ସ୍ୱପ୍ନମାନେ ଚକ୍କର କାଟୁଥାନ୍ତି ଆଖି ଚାରିପଟେ। "ହୁଁ"ଟିଏ ମାରି ଲୀନା ତକିଆରେ ମୁହଁ ଜାକି ପଡିରହେ।

ଜେଜେମା' ପୁଣି ଡାକେ- ଆଲୋ, ଉଠିଯା; ଫୁଲ ତୋଳିବୁନି? ଆଖି ମିଟିମିଟି କରି ଚାହେଁ ଲୀନା। ସୂର୍ଯ୍ୟ ଉଇଁ ଆସିଲେଣି। ସେ ଶୀଘ୍ର ନଉଠିଲେ ଜେଜେମା' ସବୁ ଫୁଲ ତୋଳି ଅଜାଡି ଦେବ ଠାକୁରଘର ଫୁଲ ଡାଲାରେ। ସଂପୂର୍ଣ୍ଣ ଫୁଲଡାଲାଟିରେ ତ ମାଲିକାଣୀଙ୍କ ଅଧିକାର। ତାଙ୍କୁ ନପଚାରି ସେ ମନଇଚ୍ଛା କେମିତି ଆଣିବ ତା ଲୋଭନୀୟ ଫୁଲ..! ଭୟରେ ତା ମନଲାଖି ଫୁଲ ତ ଆଣିପାରିବନି।

ଆଉ କଥା ମାନି ଉଠିନଥିବାରୁ ପସ୍ତେଇ ହେବ। ଦିନଟା ନଷ୍ଟ ହୋଇଯିବ ତାର। ସେହି ଭୟ ଓ ଚିନ୍ତାରେ ତା ନିଷ୍ପାପ ଆଖିଯୋଡିକୁ ଦୁଇ ହାତପାପୁଲିରେ ଭଲକରି ମଳି ସେ ଚାହିଁବ ବାହାରକୁ। ଖରା ପଡି ନଥିଲେ ବି ସେ ଶେଯରୁ ଉଠି ଜେଜେମା' ହାତରୁ ଫୁଲ ଚାଙ୍ଗୁଡି ଛଡେଇ ଧାଇଁବ ମୁହଁ ଧୋଇବାକୁ। ଜେଜେମା' ତାକୁ ଚାହିଁ ହସି ଉଠିବ। କାରଣ ସେ ଜାଣେ- ଫୁଲ ତୋଳିବା କଥା କହିଦେଲେ ଲୀନା ଶୀଘ୍ର ଉଠିଯାଏ। କୁନିଚଢେଇଟିଏ ପରି ଡେଇଁ ଡେଇଁ ତୋଳୁଥାଏ ଜାତି ଜାତିକା ଫୁଲ.. କିଛି ଠାକୁରଙ୍କ ପାଇଁ ଓ ଆଉ କିଛି ତା ସାନବାବୁଙ୍କ ପାଇଁ।

ସେପଟେ ମାଲିକାଣୀ ବଡପାଟିରେ ଡାକପକାନ୍ତି- ଲୀନା..ଏ ଲୀନା..ଉଠିଲୁଣି ନା ନାହିଁ? ତୁ କେତେବେଳେ ଫୁଲ ଦବୁ ଆଉ ମୋର ଦିଅଁପୂଜା ହେବେ କିଲୋ?

ସକାଳଟାରୁ କାହିଁ ଏତେ ମଠେଇ ହଉଚୁ? ଦେଖି ଦେଖି ସବୁତକ ଫୁଲ ତୋଳିବୁ। ଯେମିତି ତଳେ ନପଡିବ । ଆଉ ହଁ ଚୁଟିତକ ବାନ୍ଧି ପକାଇବୁ। ନହେଲେ ଫୁଲରୁ ଚୁଟି ବାହାରିଲେ ସବୁ ଫୁଲ ମାରା ହେବ! ତେଣେ ଅନେକ କାମ..ପଡିଛି। ମାଲିକ ଏଯାଏଁ ତାଙ୍କ ମର୍ଣ୍ଣିଂୱାକ୍‌ରୁ ଫେରି ନାହାନ୍ତି। ସେ ଛୋଟିଆ କାମିନୀ ଗଛ ଓ କୁସୁମ ଚାରା ମାନଙ୍କରେ ପାଣି ଦେଇଦେବୁ। ଆଉ ହଁ ଘର ଆଡେ ନିଘା ରଖିଥିବୁ। ତୋ ଜେଜେମାଆର ଉପର ଘର ପୋଛିବ! ଲୀନା ତରବରରେ ଯାଉଯାଉ ଝୁଣ୍ଟିପଡେ ପଥରରେ। ଭିତରୁ ଯନ୍ତ୍ରଣାଟିଏ ଉକୁଟି ଆସିଲେ ବି ସେଆଡକୁ ନଜର ନଦେଇ ସେ ଦୌଡେ ଫୁଲ ବଗିଚାକୁ।

ତା ଯିବା ବାଟକୁ ଚାହିଁ ଜେଜେମାଆର ମନ ଓଦା ହୋଇଯାଏ ଦୁଃଖରେ। ତା କଅଁଳ ପାଦଟା ପଥରରେ ଝୁଣ୍ଟି କେତେ କଷ୍ଟ ପାଇଥିବ! ତେବେ ବି ଓଠରେ ଆହା ପଦେ କହିବାକୁ ତର ନାହିଁ ବାୟାଣୀଟାର! ଭାବୁଭାବୁ ତା ମୁହଁ ଅଜସ୍ର ଚିନ୍ତାରେ ଭାରି ହୋଇଉଠେ। ସେ ଭାବେ ତାର ଏକମାତ୍ର ନାତୁଣୀ ଲୀନା କଥା..ତା ବର୍ତ୍ତମାନ ଓ ଭବିଷ୍ୟତ କଥା। ତା ଭିତରେ ଆଶ୍ଳେଷି ରହିଥିବା ଅଜସ୍ର ସ୍ୱପ୍ନମାନଙ୍କ ଗାଥା। ଗୋଟେ ଦରିଦ୍ର ବୁଢୀ ମା'ର ନିଷ୍ପାପ ଓ ନିରୀହ ନାତୁଣୀର ହୃଦର ବ୍ୟଥା..।

ଏତେ ଛୋଟରୁ ଅଯାଚିତ ଭାବେ ସ୍ନେହ ଆଦର କିପରି ବାଂଟି ଦେଇପାରେ! ଯେଉଁ ବୟସରେ ସାଙ୍ଗମାନଙ୍କ ସହିତ ଧୂଳି ଖେଳ ରଚିବା କଥା,ସେ ବୟସରେ ସେ ସମସ୍ତଙ୍କ ବୋଲହାକ କରେ। ତା ଜେଜେମା' ହାତରୁ କାମ ଛଡାଏ। ଗୁଣ୍ଡୁଚି ମୂଷାଟିପରି ସେତୁ ବାନ୍ଧିବା ପଣରେ ସତେଯେପରି ସେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଅଭିଭୂତ କରିବାକୁ ବ୍ୟାକୁଳିତ! କିପରି ଏତେ ବୁଦ୍ଧିନେଇ ଜନ୍ମହୋଇଛି କେଜାଣି?

ଦିନଟା ସାରା ସେ କେବଳ ଅନ୍ୟପାଇଁ ଚିନ୍ତା କରେ, କାମ କରେ, ଦୁଃଖରେ ଅଭିଭୂତା ହୁଏ ଆଉ ଖୁସିରେ ଆତ୍ମହରା ବି ହୁଏ। ହେଲେ ତା ଭାଗ୍ୟରେ କଣ ଲେଖା ଅଛି? ସେ ବି କଣ ତା'ଭଳି ପରଦୁଆରେ କାମ କରିକରି ତାର ସଂପୂର୍ଣ୍ଣ ଜୀବନଟା ବିତାଇ ଦେବ!

*(କ୍ରମଶଃ)*

## ବିଶେଷ କବିତା

### ରାଧା ପାଦ



ତୃପ୍ତିରଞ୍ଜନ ଦାସ

ତମକୁ ଛୁଇଁବି ବୋଲି ଦିନେ ହାତ ବଢ଼େଇଲି...
ଛୁଇଁବି ଛୁଇଁବି ଭାବି ଗୋଟାପଣେ ଥରୁ ଥିଲି
ହଠାତ୍ ମାଡି ଆସିଲା ଝଡ ଟିଏ, କେଉଁ ଦିଗରୁ କେଜାଣି ?
'ମୁଁ ତୁମର କିଏ ?' ପ୍ରଶ୍ନ ରେ ଯେବେ ଓଦା ହେଲି...
ସେତିକି ବେଳେ ନିଜକୁ ଭୁଲି, ତୁମ ପାଦ ଛୁଇଁ ଦେଲି
ତମେ କୁହ ପରା;
ତମ ପାଖେ 'ମୁଁ', 'ମୁଁ' ନୁହଁ
'ଗୋଟିଏ ଅଭିମାନ ଖଞ୍ଜା ଦେହ ଟିଏ'
ସାରାରାତି ତୁମ ପାଦରେ ମଥା ରଖି ଚେଇଁ ସୁଏ....
ତମେ ଆଉଜି ରୁହ କାହ୍ନୁକୁ
ନାନା ଅବୁଝା ପ୍ରହେଳିକା, କୁଞ୍ଜର କଳଙ୍କ,
ଦହି ବିକାର ହିସାବ, ଆମ ଜନ୍ମର ରହସ୍ୟ
ସବୁ ସେମିତି ଅସମାହିତ ହେଇ ରୁହେ
ତମେ କାଢିନିଅ ମୋ ମୟୂର ଚନ୍ଦ୍ରିକା
ହାତରୁ ଅଲଗା କରି ନିଅ ବଂଶୀ
ମୋ ଶ୍ୟାମଳ ଅଙ୍ଗକୁ ମାଆ ପରି ଆଉଁସୁ ଥାଅ
ଗୋଟିଏ ଦୀର୍ଘନିଃଶ୍ୱାସରେ ଉଡି ଯାଆନ୍ତି,
ନାନା ହତୋତ୍ସାହିତ ମାନ..
ସେମିତି ମୁଁ କାଟି ଦେଇଛି ଅନେକ ରାତି
ତୁମ ପାଦରେ ମଥା ରଖି
କଅଣ ଦେଖୁଛ ?
ଏ ହଳେ ଆଖିରେ ଆଉ ଲୁହ ନାହିଁ
ନାଲି ରଙ୍ଗ ମାଡି ଆସେ ରକ୍ତ ହେଇ ଡୋଳାରେ..
ଆସ..ସଜେଇ ଦେବି ତୁମକୁ
ସବୁ ନାଲି ବୋଳି ତୁମ ପାଦରେ, କେଶ ବାନ୍ଧି ଦେବି
ଗୋପ ଦାଣ୍ଡରୁ ଅନ୍ଧାର ଆଣି ତୁମ ଆଖିରେ ନେସିବି..
ତୁମ ପାଦ ପଖାଳି, ଘୁଙ୍ଗୁର ବାନ୍ଧିବି
ପୁଣି ଆମେ ଫେରିବା ନିନ୍ଦା ନଗରକୁ,
କାଲି ସକାଳର ଖରା ମାଟିକୁ ଛୁଇଁବା ପରେ
ଜାଣେ, ସେତିକି ବେଳେ ତମେ ହସିବ ପୃଥିବୀର ସୁନ୍ଦର୍ ହସ
ଦୁନିଆ ପାଖରେ ହାରି....
ମୋ ପାଖରେ ଜିତିବାର ଚିର ଉଲ୍ଲାସରେ।

*କଦୁଅପଡ଼ା, ଜଗିସଂହପୁର*

## ଅଳକା ନଈର କୂଳେ ....


ଡଃ ସ୍ମୃତି ପଟ୍ଟନାୟକ



ବର୍ଷକ ତଳେ ପଣା ସଂକ୍ରାନ୍ତିର ଆଗ ଦିନ ବିଗ୍ ବଜାରର ଭିତରେ ଅଚାନକ ଦେଖା ହୋଇଗଲା ରାଜୁ ଭାଇଙ୍କ ସାଙ୍ଗରେ, ମୁଁ ତାଙ୍କୁ ହଠାତ୍ ଚିହ୍ନି ପାରିଲିନି ଭାରି ଶୁଖିଲା ଦିଶୁଥାନ୍ତି, ସେ ମୁହଁରେ ମାସ୍କ ଥାଏ। କରୋନା ଭାଇରସ୍‌ର ପ୍ରଭାବରେ ସମସ୍ତ ଙ୍କର ଜୀବନ ଯାତ୍ରା ଅଟକି ଯାଇଥିଲା ଯେମିତି ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ। ମାସ୍କ ଓ ସାନିଟାଇଜର୍ ଭିତରେ ଜୀବନ ଆଗେଇ ଚାଲିଥିଲା ତା ନିଜସ୍ୱ ଢଙ୍ଗରେ। ସେ ମୋତେ ଚିହ୍ନି ପାରିଲେ ଦେଖି ଭାରି ଖୁସି ହେଲେ। କହିଲେ ପଚାରିଲେ, ସୋମା ତୋ ଘର ଏଇ ପାଖରେ କେଉଁଠି ବା? ମୁଁ ହଁ କହିଲି, ସେ କହିଲେ ଚାଲିଲୁ ତୋ ଘରକୁ ଯିବା। ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲି ତାଙ୍କୁ। କହିଲେ ତୋର କଣ ବିଶ୍ୱାସ ହଉନି? ମୁଁ ତୋ ଘରକୁ ଯିବି ବୋଲି?

ନାଇଁ ଯେ ଆପଣ ସତରେ କହୁଛନ୍ତି ତ? ତତେ କଣ ମୋ କଥା ମିଛ ଲାଗୁଚି? ତା ପରେ ଆମେ ଦୁହେଁ ଆସିଲୁ ଘରକୁ। ରାଜୁ ଭାଇଙ୍କର ଦୁଇଟା ବଡ ବଡ ବ୍ୟାଗ୍, ଡ୍ରାଇଭରକୁ କହିଲି ସେ ନେଇ କାରର ଡିକି ଭିତରେ ରଖିଲା। ମୋର ବି ମାର୍କେଟିଂ ସରିଯାଇଥିଲା ଅଳ୍ପ ଜିନିଷ ଥିଲା। ଡ୍ରାଇଭର ପାଖରେ ଫ୍ରଣ୍ଟ ସିଟ୍‌ରେ ରଖିଦେଲି। ଆମେ ଦୁହେଁ ପଛ ସିଟ୍‌ରେ ବସିଲୁ। ରାଜୁ ଭାଇ ତାଙ୍କ ଆଡୁ କଥା ଆରମ୍ଭ କଲେ କହିଲେ ତୁ ଅଳକା କଥା ଜାଣିଛୁ? ମୁଁ ମୁଣ୍ଡ ହଲେଇ ନାଇଁ କଲି, ଅଳକା ଅପା ଏବେ କେଉଁଠି ଅଛି? ଏବେ ସେ ଗାଁରେ ଅଛି, କଣ କରୁଛି? କଣ ଆଉ କରିବ? ଗୋଟାଏ ଅନ୍ଧାରୁଆ ଘର ଭିତରେ ସେମିତି ମୁହଁ ମାଡି ବସି ରହୁଛି। ଇଚ୍ଛା ହେଲେ କଣ ଟିକେ ଖାଉଛି ନହେଲେ ସବୁ ଫୋପାଡୁଛି। କାଇଁ ତାର କଣ ହୋଇଛି କି? ଆଉ କଣ ହେବ କହି ଦୀର୍ଘଶ୍ୱାସ ନେଲେ ରାଜୁ ଭାଇ। କିଛି ସମୟର ନୀରବତା, ତା ପରେ ଆରମ୍ଭ କଲେ ଅଳକା ଅପାର କାହାଣୀ। ଖୁବ୍ ହସଖୁସିରେ ତା ସଂସାର ଚାଲିଥିଲା। କିନ୍ତୁ ହଠାତ୍ ସବୁ କିଛି ବଦଳି ଗଲା ତା ପାଇଁ। ତାର ସ୍ୱାମୀ ଆକାଶ ବାବୁ ଜଣେ ଅମାୟିକ ଭଦ୍ର ବ୍ୟକ୍ତି ଥିଲେ। ରାଜ୍ୟ ସରକାରଙ୍କ ଅଧିନରେ ଚାକିରୀ କରୁଥିଲେ। ହଠାତ୍ ତାଙ୍କୁ ଜ୍ୱର ହେଲା। ଜମା ଛାଡିଲାନି ବହୁ ଦିନ ଧରି। ପ୍ରଥମେ କିଛି ଜଣା ପଡିଲାନି। ମେଡିକାଲ ଟେଷ୍ଟ୍ ସବୁ ସରିଲା ପରେ ଜଣା ପଡିଲା ତାଙ୍କୁ ବ୍ଲଡ୍ କ୍ୟାନସର୍। ଟାଟା ମେମୋରିଆଲ କ୍ୟାନସର୍ ହସ୍ପିଟାଲରେ ଅନେକ ଦିନ ଟ୍ରିଟ୍‌ମେଣ୍ଟ ହେଲା ପରେ ଚାଲିଗଲେ। ତା ପର ଠାରୁ ଅଳକା ଅବସ୍ଥା ଆଉ ନ କହିବା ଭଲ। ତୁ ଶୁଣି ପାରିବୁନି, ସେ ବଂଚିକି ମରିବା ସହ ସମାନ। ମୁଁ ରାଜୁ ଭାଇଙ୍କ ପାଖରୁ ସବୁ ଶୁଣିଲା ପରେ ମୂକ ପାଲଟି ଯାଇଥିଲି। ମୁଁ ଭାବୁଥିଲି କେତେ ବିଚିତ୍ର ଏଇ ସମୟର ଖେଳ। ମନେ ପଡିଯାଉଥିଲା ପୁରୁଣା ସ୍ମୃତି, ଅଳକା ଅପାର କଲେଜ୍ ବେଳର କଥା। ସେତେବେଳେ ମୁଁ ହାଇସ୍କୁଲରେ ପଢୁଥିଲି। ଅଳକା ଅପା ସାଙ୍ଗରେ ଥରେ ତା କଲେଜ୍‌କୁ ଯାଇଥିଲି। ଦୋଳ ପୂର୍ଣ୍ଣିମାର ପୂର୍ବ ଦିନ। ସେ ତା କଲେଜ୍‌ରେ କଲେଜ୍ କୁଇନ୍ ଭାବେ ଖୁବ୍ ଚର୍ଚ୍ଚିତ ଚେହେରା ଥିଲା। ଭାରି ସୁନ୍ଦରୀ ଓ ଆଉଟ୍ ସ୍ପୋକନ୍ ଥିଲା। ପାଠ ବି ବହୁତ ଭଲ ପଢୁଥିଲା। ମୋଟ ଉପରେ କହିବାକୁ ଗଲେ ସର୍ବଗୁଣସଂପନ୍ନା ଝିଅ ଟିଏ ଥିଲା। ସମସ୍ତେ ତାକୁ ଖୁବ୍ ଭଲପାଉଥିଲେ। ସେଦିନ ମୁଁ ଗୋଟିଏ କଥା ଲକ୍ଷ୍ୟ କରିଥିଲି। ସମସ୍ତେ ସେଦିନ ହୋଲି ଉତ୍ସବ ଆଗୁଆ ମନାଉ ଥିଲେ କଲେଜ୍‌ରେ। ସାଙ୍ଗ ମାନେ ମିଶି କରି ରଙ୍ଗ ଖେଳିଥିଲେ। ଅଳକା ଅପା ବି ରଙ୍ଗରେ ବୁଡି ଯାଇଥିଲା। ସୁନ୍ଦର ଗୀତ ବୋଲି ଥିଲା, ତାର ସୁଲଳିତ କଣ୍ଠରେ। ସମସ୍ତେ କିଛି ସମୟ ପାଇଁ ବିମୋହିତ ହୋଇ ପଡିଥିଲେ। ଏକ ଶାଶ୍ୱତ ପ୍ରେମର ବାତାବରଣ ଖେଳି ବୁଲୁଥିଲା କଲେଜ୍ ଭିତରେ। ଅଳକା ଅପା ଯେମିତି ଲାଗୁଥିଲା ସ୍ୱୟମ୍ ରାଧାଙ୍କ ଅବତାର ପରି। ସତରେ ସେଦିନର ଅବିସ୍ମରଣୀୟ ଅନୁଭୂତି ଭାବିଲେ ଶରୀର ରୋମାଞ୍ଚିତ ହୋଇଯାଏ। ମୋର ଅଳକା ଅପା ସହ ସଂର୍ପକର ଆରମ୍ଭ ହେଇଥିଲା ସେଇ ସମୟରୁ ଯେଉଁ ସମୟରେ ବାପା ଜଗନ୍ନାଥପୁର ଗାଁରେ ଚକବନ୍ଦୀ ଅଫିସର୍ ଥିଲେ। ଅଳକା ଅପା ପଦ୍ମଲୋଚନ ମଉସାଙ୍କର ଏକମାତ୍ର ଝିଅ ଥିଲା। ମଉସା ବ୍ଲକ୍ ଚେୟାରମ୍ୟାନ୍ ଥିଲେ। ଅପା ଖୁବ୍ ଗେହ୍ଲାରେ ବଢିଥିଲା। କିନ୍ତୁ କଣ ହେଲା କେଜାଣି କେହି ବି ଜାଣି ପାରିଲେନି। ଅପା କଲେଜ୍‌ରେ ଇତିହାସ ସାର୍‌ଙ୍କୁ ପ୍ରେମ କଲା ଆଉ ଦିନେ କାହାକୁ କିଛି ନ ଜଣାଇ ତାଙ୍କ ସହ ଲୁଚି ପଳାଇଲା କୁଆଡେ। ପଦ୍ମଲୋଚନ ମଉସା ପୂରା ଚୁପ୍ ହୋଇଯାଇଥିଲେ। ମାଉସୀ ଦିନ ରାତି ଆଖିରୁ ଲୁହ ଗଡାଉଥିଲେ। ଦିନେ ମଉସା ହାର୍ଟ୍ ଆଟାକ୍‌ରେ ଚାଲିଗଲେ। ତା ପର ଠାରୁ ମାଉସୀ ପଥର ମୂର୍ତ୍ତିଟିଏ ପରି ଗୋଟିଏ ଜାଗାରେ ସେମିତି ବସି ରହୁଥିଲେ। ଘରେ ଯେତେ ଲୋକ ଥିଲେ ବି ତାଙ୍କର କିଛି ବି ଫରକ୍ ପଡୁନଥିଲା।

*(କ୍ରମଶଃ)*



## ଶତାବ୍ଦୀଟେ ଗଲା ଅପସରି



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ୍



ଭଲଲାଗେ ହୃଦୟ ମୋ ମେଲିଦେବା ଲାଗି
ନରମ ଯେଉଁ ଗବାକ୍ଷେ ତୁମେ ଆତଯାତ,
ଭଲ ଲାଗେ, ପଢ଼େ ସେଇ ଟୁକୁରା କାଗଜ
ଅବିନାଶୀ ହଜିଲା ସେ ପ୍ରୀତିର ଅତୀତ।
ସହର ଶୋଇଲା ପରେ ସେଇଠି ଆରମ୍ଭେ
ଗୋପନ ପ୍ରଣୟ ଆମ ନିଶି ଆସାଦ୍ୟରେ,
ପିଆଲା ଓଠରେ ତୁମ ଚୁପି ଚୁପି କଥା
ଅନ୍ତର୍ମନ ମୋର ଜିଣିନିଏ ନିଃସର୍ତ୍ତରେ।
ତୁମ ପ୍ରେମ ସଞ୍ଚିଥିଲା ଶ୍ୟାମଳ ସପନ
ଗଢୁଥିଲି ବାଲିଘର ରାତିର ତନ୍ଦ୍ରାରେ,
ଅଭିଶପ୍ତ ଥିଲା କି ସେ ମିଳନ ଅଧ୍ୟାୟ
ଭଗ୍ନ ଆଜି ଆଶା କାହା ନିର୍ମମ ପ୍ରହାରେ।।
ସ୍ମୃତି ଚିହ୍ନ ହୃଦୟରେ ସାଇତିବା ଲାଗି
ଲହୁକୁ କରିଛି ଲୁହ, ପାରିନାହିଁ ମାରି,
ତୁମେ ଗଲା ପରେ ଦୂରେ ଜାଣ କି ସେଦିନୁଁ
ଶତାବ୍ଦୀ ଟେ କ୍ଷଣକେ ମୋ ଗଲା ଅପସରି।।


*ସହଦେବଖୁଣ୍ଟା, ବାଲେଶ୍ୱର*

## କବିତାର କଥା

(ଭାଗ-୬୪)



ଉମାକାନ୍ତ ରାଉତ



## ଠିକଣା ବଦଳେଇ ଦେ'ରେ କବି

ଏବେ ଆମେ ଯିବା ସମୟର ଉପକଣ୍ଠକୁ। ସ୍ଥାନ-କାଳ-ପାତ୍ର ପରିପ୍ରେକ୍ଷୀରେ ସମୟର ଦାବି କ'ଣ? ସୃଷ୍ଟାଟିଏଠାରୁ କ'ଣ ଲୋଡିବାର ଯୁକ୍ତି ରଖେ ଆଜିର ପରିସ୍ଥିତି-ପରିବେଶ। ଅବଶ୍ୟ କାହାକୁ ବାଧ କରେନା ସମୟ। ସିଏ ତା' ବାଟରେ ଗଡି ଚାଲିଥାଏ ପ୍ରବାହମାନ ସରଣୀଟିଏ ଭଳି। ଯିଏ ତା'ସହ ସ୍ରୋତରେ ଗଡି ଗଡି ଯାଏ ତା'ର ମହାସମୁଦ୍ରରେ ଲୀନ ହେବାର ସମ୍ଭାବନା ଥାଏ। ଯିଏ କେଉଁଠି ଅଟକି ଲାଖି ରହିଯାଏ (ସଂକୀର୍ଣ୍ଣମନା) ତା' ଦେହରେ ଶିଉଳି ଜମିଯାଏ, ଯାହା ଉପରେ ପାଦ ଥାପିଲେ ଗୋଡ ଖସିବା ହିଁ ସାର ହୁଏ।

ଏବେ ତ ପ୍ରତାରଣାର ଆନନ୍ଦବଜାରରେ ଅଇଁଠା ନିର୍ମାଲ୍ୟ ବିକି ବଡପଣ୍ଡା ସାଜୁଛି ବେପାରୀ। ନିର୍ମାଲ୍ୟର ନିର୍ମାଲ୍ୟତ୍ୱ ଏବଂ ବଡପଣ୍ଡାର ପଣ୍ଡାପଣ ହୋଇପଡିଛି ଗୌଣ। ମୁଖ୍ୟ ହିଁ ବେପାର। ତଥାକଥିତ ସଭ୍ୟତାର ଅଳିଆ ସ୍ତୁପ ଭିତରୁ କୁକୁର ପରି ଧକେଇ ଧକେଇ ଜୀବନ ଖୋଜୁଛି ପାଦେ ମାଟି; ରକ୍ତ ଶୋଷିବାର କଳଙ୍କିତ ଆଦର୍ଶନାମାରେ ତଥାକଥିତ ପ୍ରେମ କବିତାର ଘୁଣପୋକ କଣା କରି କରି ବିଦୀର୍ଣ୍ଣ କରୁଛି, ଯୌବନ; ଜୀବନର ଦର୍ଶନ କୁଶବିଦ୍ଧ। ଏଭଳି ପରିସ୍ଥିତିରେ ପ୍ରେମର ପରିଭାଷା କ'ଣ ହେବା ଦରକାର?

ଏବେ ତ ସନ୍ତ୍ରାସର ଆର୍ତ୍ତନାଦରେ ନଇଁପଡୁଛି ମାନବତାର ଅର୍ଜ୍ଜୁନ, ସ୍ୱାର୍ଥର ଖୁଚୁରା ଦୋକାନରେ କିଲୋଦାମରେ ନିଲାମ ହେଉଛନ୍ତି ସମାଜ ସେବକ; ସ୍ୱାମୀ-ସ୍ତ୍ରୀର ପବିତ୍ର ପ୍ରଣୟ ଭିତରକୁ ଧସେଇ ପଶିଆସୁଛି ଉପଭୋକ୍ତାବାଦର ବଜାର।

ଏହିଭଳି ଏକ ବିସ୍ଫୋଟକ ପରିସ୍ଥିତିରେ ସବୁ ଭାତହାଣ୍ଡିର ବିଷ, ସବୁ ଯୀଶୁଙ୍କ ବେକରୁ କ୍ରୁଶ, ସବୁ ଚୂଲୀରୁ ବାରୁଦ ଏବଂ ସବୁ ନିର୍ମାଲ୍ୟରୁ ନର୍କ ଉଦ୍ଧାର କରିବାର ଦାୟିତ୍ୱ କାହାର?

ଯାର ଉତ୍ତର ପ୍ରେମ ନୁହେଁ ତ ଆଉ କ'ଣ....?

ସେଥିପାଇଁ ତ ପ୍ରେମିକ କବି ଦଣ୍ଡପାଣି ମିଶ୍ର ପ୍ରେମ ଜୁଡୁବୁଡୁ କଣ୍ଠରେ ଗାଇ ଉଠିଲେ-

"ଦେଖିକି ପାରୁନ ପ୍ରିୟା ପୂର୍ବାଶାରେ ସିନ୍ଦୁରା ଫାଟିଛି

କିଛି ଗୋଟେ ମଉଳିଲା ବେଳେ, କିଛି ଗୋଟେ ପୁଷ୍ପିତ ହେଉଛି।

ପୁରାତନ ପରେ ଦେଖ ଲାଗି ଲାଗି ଅଜସ୍ର ଶିଉଳି

ଲେଖିବନି ଆଉ ପ୍ରେମ ଚିଠି, ମୋ ଠିକଣା ଯାଇଛି ବଦଳି।

ସୁତରାଂ, ଠିକଣା ବଦଳେଇ ଦେଏରେ କବି। ପ୍ରିୟ କବି ମୋ'ର। ମୋର ଏଇ ବିନତି ଟିକେ ଶୁଣ ...

ଅତଏବ ବିନତୀ ହେ କବି!
ଭାବପ୍ରବଣେ ମାପନା
ଭଲ ଓ ଭଲ ଲାଗୁଛି ଏକା ତଉଲରେ
ପ୍ରେୟ ପାଇଁ ଲେଖେନା କବିତା
ଶ୍ରେୟ ସାଜୁ ତୋ' ଗୀତି ବାରତା
ତେବେ କବି, ତୁ ବଞ୍ଚିବୁ କବିତାରେ
ତୁ' ଚାଲିବୁ କବିତା ରାସ୍ତାରେ
ଅଜାଣତେ ସାଜିଯିବୁ ତୁ'ରେ
ପ୍ରିୟା ଆଉ ପ୍ରେୟ ଚିନ୍ତାଶୂନ୍ୟ ଏକ ସମ୍ପୂର୍ଣ୍ଣା କବିତା
ଯାହାର ଚିନ୍ତା ନଥିବ କବିତାର ପାଇଁ ...।

ଏହି ଦୃଷ୍ଟିକୋଣରୁ, ବେଳେବେଳେ ଦେହବାଦୀଙ୍କ ଦ୍ୱାରା "ପ୍ରେମ କବିତା"ର ଉଚ୍ଚାରଣ ମୋତେ "ସଇତାନର ବେଦପାଠ" ଭଳି ଲାଗେ। ପ୍ରେମର ଗୋପନ କଥା ଏମାନେ ବୁଝନ୍ତି? ବଇଁଶୀ ସ୍ୱରର ମୂର୍ଚ୍ଛନାରେ କେତେ କୋକିଳର କୁହୁଥାଏ, ସେ ରହସ୍ୟ ଭେଦି ଅନୁଭବ କରିବାର ସାମର୍ଥ୍ୟ ଏମାନଙ୍କର ଥାଏ କି? ପୋକଖିଆ ଚେତନା ଓ ବିକଳାଙ୍ଗର ଭାଷାକୁ ନେଇ ପ୍ରେମ ରାଇଜର ମାନସରୋବରରେ କେହି କ'ଣ ସନ୍ତରଣ କରିପାରେ? ସେତିକି ଯିଏ ବୁଝିଛି, ଖୋଜି ଖୋଜି କ୍ଳାନ୍ତ ହେଲାପରେ ବିଶ୍ୱପ୍ରେମିକ ବ୍ରଜନାଥଙ୍କ ଭଳି ତା' କଲମ ମୂନରୁ ଗୁମୁରି ଉଠିଥା'ନ୍ତି। ଏହିଭଳି ଭଲପାଇବାର ପ୍ରଶସ୍ତ କବିତା-

"ଖୋଜି ଖୋଜି କେତେ କ୍ଳାନ୍ତ ହେଲିଣି
କଲମ ଯଦି ମୋ' ନ ଉଠିଲା ଝଳି
ଯୁଗ ଯୁଗ ଧରି ଖୋଜିବାରେ ମୋର
ଅନ୍ତ ନାହିଁ ଯେ ଆଜି;
ବନ୍ଦୀ ହୋଇ ମୁଁ ପଣତର ତଳେ
ଶିଶୁଟିଏ ଭଳି କାଳକାଳ ଖେଳେ
ଖୋଜିବାକୁ ଯାଇ, ହଜିଯାଏ ଧୀରେ
ପାରେନାହିଁ ତୋ'ତେ ବୁଝି
ଭାରତ ହେ ମୋ'ର ଜନନୀ ଭାରତ
ତଥାପି ଚାଲିଛି ଖୋଜି......।"

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ସହରାଞ୍ଚଳରେ ବୁଲା ପ୍ରାଣୀମାନଙ୍କ ନିମନ୍ତେ ଆନିମଲ ହେଲ୍ପ ଲାଇନ ସେବା ଲୋକାର୍ପିତ




**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତିର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତିର ଅଧ୍ୟକ୍ଷା ପାରୁଲ ପଟୱାରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଜଗତସିଂହପୁର ସହରାଞ୍ଚଳରେ ବୁଲା ଷଣ୍ଢ, ବୁଲା ଗୋରୁ, ଗାଈ ଓ ବୁଲା କୁକୁର ଆଦି ପ୍ରାଣୀମାନଙ୍କୁ ଜରୁରୀ କାଳୀନ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଆନିମଲ ହେଲପ୍ ଲାଇନକୁ ଲୋକାର୍ପିତ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଆନିମଲ ହେଲପ୍ଲାଇନ ପାଇଁ ଉଦ୍ଦିଷ୍ଟ ଗାଡିକୁ ପତାକା ଦେଖାଇ ଜୀବପ୍ରେମୀ ତଥା ଜୀବକଲ୍ୟାଣ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ । ସହରାଞ୍ଚଳରେ ବୁଲା ପ୍ରାଣୀଙ୍କ ମାଲିକ କେହି ନଥିବାରୁ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ବିକଳ୍ପ ପଦକ୍ଷେପ ସ୍ୱରୂପ ଆନିମଲ ହେଲପ୍‌ଲାଇନ ସେବା ଜିଲ୍ଲାରେ ଉପଲବ୍ଧ କରାଯାଇଛି । ଏଥିସହିତ ବୁଲା ଷଣ୍ଢ ଓ ବୁଲା ଗୋରୁଗାଈମାନଙ୍କୁ ଫାଟୁଆ ଏବଂ ଅନ୍ୟାନ୍ୟ ସଂକ୍ରାମକ ରୋଗର ପରିଷେଧକ ଟୀକା ଦିଆଯିବା ସହିତ ଜିଲ୍ଲା ତଥା ରାଜ୍ୟରୁ ମନୁଷ୍ୟଙ୍କୁ ବ୍ୟାପୁଥିବା ଜଳାତଙ୍କ ରୋଗର ନିୟନ୍ତ୍ରଣ ଓ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଜଳାତଙ୍କ ବିରୁଦ୍ଧରେ ବୁଲା କୁକୁରମାନଙ୍କୁ ପ୍ରତିଷେଧକ ଟୀକା ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆୟୋଜକ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ତଥା ଜିଲ୍ଲା ଜୀବେ ନିଷ୍ଠୁରତା ସମିତିର ସମ୍ମାନୀତ ସମ୍ପାଦକ ଡାଃ ବିରକିଶୋର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆନିମଲ ହେଲପ୍ ଲାଇନ ସେବା ଜିଲ୍ଲାର ସହରାଞ୍ଚଳରେ ପ୍ରଥମଥର ପାଇଁ ଶୁଭାରମ୍ଭ କରାଯାଇଛି । ଏହି ସେବା ପ୍ରତ୍ୟେକ ଦିନ ସକାଳ ୬ଟାରୁ ଅପରାହ୍ନ ୨ଟା ଏବଂ ଅପରାହ୍ନ ୨ଟାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଖୋଲାରହିବ । ବୁଲା ପ୍ରାଣୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଏକ ଟେଲିଫୋନ ନମ୍ବର ୦୬୭୨୪-୨୨୦୦୯୫ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ୨ଜଣ ବରିଷ୍ଠ ପ୍ରାଣୀ ଚିକିତ୍ସକ ଡାଃ ବିଦ୍ୟାଧର ଶତପଥୀ, ଡାଃ କୁଞ୍ଜବିହାରୀ ସ୍ୱାଇଁଙ୍କ ସମେତ ୨ଜଣ ଭୋକେସନାଲ ପ୍ରାଣୀ ଧନ ନୀରିକ୍ଷକ ଏବଂ ୨ଜଣ ସହାୟକ ନିୟୋଜିତ କରାଯାଇଛି ବୋଲି ଡାଃ ପରିଡା ପ୍ରକାଶ କରିଥିଲେ । ଖୁବ୍‌ଶୀଘ୍ର ଆଉ ଏକ ନିଶୁଳ୍କ ଟେଟିଫୋନ ନମ୍ବର ଏଥି ନିମନ୍ତେ ବ୍ୟବସ୍ଥା କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାଃ ପ୍ରେମାନନ୍ଦ ରାଉତ, ଜିଲ୍ଲା ପୌରନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଓ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଯଦୁନାଥ ପରିଡା, ଏଡିଭିଏ ଡାଃ ବିଭୁରଞ୍ଜନ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଶଶାଙ୍କ ଶେଖର ନାୟକ, ଜିଲ୍ଲା ପ୍ରଶିକ୍ଷଣ ଆବାହକ ଡାଃ ଶଶାଙ୍କ ଲେଙ୍କା, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାଃ ଲୋପାମୁଦ୍ରା ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀଧନ ନୀରିକ୍ଷକ ଓ ବିଭାଗୀୟ କର୍ମଚାରୀମାନେ ଯୋଗଦାନ କରିଥିଲେ । ଏତଦ୍‌ବ୍ୟତୀତ ଜୀବ କଲ୍ୟାଣ କାର୍ଯ୍ୟକ୍ରମରେ ବ୍ରତିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ପିପୁଲ ଫର ଆନିମଲ ଜଗତସିଂହପୁରର ମୁଖ୍ୟ ଅମୂଲ୍ୟ କୁମାର ନାୟକ, ଜୀବପ୍ରେମୀ ପ୍ରଦୀପ କୁମାର ମିତ୍ରଙ୍କ ସମେତ ବହୁ ଜୀବପ୍ରେମୀ ମାନେ ଯୋଗଦାନ କରି ସରକାରଙ୍କ ବୁଲା ପ୍ରାଣୀ ସ୍ୱାସ୍ଥ୍ୟ ସେବା ଉପଲବ୍ଧୀ ନିମନ୍ତେ ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଂଶସା କରିବା ସହିତ ଏପରି କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣ ଆଶ୍ୱସ୍ତି ଲାଭ କରିବେ ବୋଲି କହିଥିଲେ ।

# ସୌମ୍ୟା ମହାପାତ୍ର ନବରଙ୍ଗପୁର ପୌର ଉପାଧ୍ୟକ୍ଷା



**ନବରଙ୍ଗପୁର :** ଗୁରୁବାର ଶାନ୍ତି ଶୃଙ୍ଖଳାର ସହ ସମ୍ପୂର୍ଣ୍ଣ ହୋଇଯାଇଛି ନବରଙ୍ଗପୁର ପୌର ପରିଷଦ ଉପାଧ୍ୟକ୍ଷା ନିର୍ବାଚନ । ଏହି ପୌର ଉପାଧ୍ୟକ୍ଷା ନିର୍ବାଚନରେ ଉପାଧ୍ୟକ୍ଷା ପ୍ରାର୍ଥୀ ଭାବେ ବିଜେଡି ପକ୍ଷରୁ ନବରଙ୍ଗପୁର ପୌରପାଳିକାର ୧୭ନମ୍ବର ୱାର୍ଡର କାଉନସିଲର ସୌମ୍ୟା ମହାପାତ୍ର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ବିଜେପି ପକ୍ଷରୁ ୪ୱାର୍ଡର କାଉନସିଲର ଶର୍ମିଷ୍ଠା ଦେଓ ଉପାଧ୍ୟକ୍ଷା ପଦବୀ ପାଇଁ ନିଜ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ବିଜେପି ପ୍ରାର୍ଥୀନୀ ଶର୍ମିଷ୍ଠା ଦେଓ ୬ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀନୀ ସୌମ୍ୟା ମହାପାତ୍ର ମୋଟ ୧୦ ଖଣ୍ଡ ଭୋଟ ପାଇଥିଲେ । ତେବେ ବିଜେଡି ପ୍ରାର୍ଥୀନୀ ସୌମ୍ୟା ମହାପାତ୍ର ନିକଟତମ ବିଜେପି ପ୍ରାର୍ଥୀନୀ ଙ୍କ ଠାରୁ ୩ଖଣ୍ଡ ଭୋଟ ଅଧିକ ପାଇ ବିଜୟ ହାସଲ କରିଥିଲେ । ତେବେ ନବରଙ୍ଗପୁର ପୌରପାଳିକାର ୫ୱାର୍ଡର କାଉନସିଲର ଆଇ ମୁରଲୀ କ୍ରିଷ୍ଣା ମତଦାନ ପ୍ରକ୍ରିୟାରେ ଅନୁପସ୍ଥିତ ରହିଥିଲେ । ଓଡ଼ିଶା ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଆଜିର ପୌର ଉପାଧ୍ୟକ୍ଷା ନିର୍ବାଚନ ପ୍ରକ୍ରିୟା ସକାଳ ୧୦ଟାରୁ ଆରମ୍ଭ ହୋଇଥିଲା । ପ୍ରକ୍ରିୟା ସମାପ୍ତି ପରେ ନିର୍ବାଚନ ଅଧିକାରୀ ଅଭିମନ୍ୟୁ ମାଝୀ ବିଜୟ ଲାଭ କରିଥିବା ବିଜେଡି ପ୍ରାର୍ଥୀ ସୌମ୍ୟା ମହାପାତ୍ରଙ୍କ ନାମ ଘୋଷଣା କରିଥିଲେ । ବିଜୟ ପରେ ପୌର ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ଶତାଧିକ ବିଜେଡି କର୍ମୀଙ୍କ ସହ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ନଗର ସଭାପତି ପ୍ରମୋଦ ରଥ, ନବରଙ୍ଗପୁର ପୌରପାଳିକାର ୧ନମ୍ବର ୱାର୍ଡର କାଉନସିଲର ଗୀତାଞ୍ଜଳି ଯାଦବ, ୨ନମ୍ବର ୱାର୍ଡର କାଉନସିଲର ପୁରୁଷୋତ୍ତମ ହରିଜନ, ୬ନମ୍ବର ୱାର୍ଡର କାଉନସିଲର ପି କେଶବ, ୭ନମ୍ବର ୱାର୍ଡର କାଉନସିଲର ପି ଉଷାରଣୀ ରାଓ, ୮ନମ୍ବର ୱାର୍ଡର କାଉନସିଲର ସନ୍ତୋସି ଯାନୀ, ୯ନମ୍ବର ୱାର୍ଡର କାଉନସିଲର ବିଷ୍ଣୁ ସୌରା, ୧୨ନମ୍ବର ୱାର୍ଡର କାଉନସିଲର ଏମ ରାଜେଶ୍ୱରୀଙ୍କ ସମେତ ଶତାଧିକ ବିଜେଡି କର୍ମୀ ଏବଂ ନେତା ଉପସ୍ଥିତ ଥିଲେ ।

# ୮୬ତମ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ



**ଜଗତ୍‌ସିଂହପୁର:** ଆଦିକବି ଶାରଳା ଦାସ ସଂସ୍କୃତି ଭବନ ଠାରେ ୮୬ତମ ଜିଲ୍ଲାସ୍ତରୀୟ ଓଡିଶା ଦିବସ ୨୦୨୨ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ କହିଥିଲେ ଯେ ୧୯୩୨ମସିହା ଏପ୍ରିଲ ୧ତାରିଖରେ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା । ଉତ୍କଳ ଜନନୀର ବରପୁତ୍ର ମାନଙ୍କର ତ୍ୟାଗ, ତପସ୍ୟା, ନିଷ୍ଠା ଓ ଦେଶପ୍ରେମର ଅପୂର୍ବ ନିର୍ଦ୍ଦଶନ ସ୍ୱତନ୍ତ୍ର ଓଡିଶା ଗଠନ କରିବାରେ ସହାୟକ ହୋଇଥିଲା । ସେହି ଚିରନମସ୍ୟ ଓ ପ୍ରାତଃ ସ୍ମରଣୀୟ ଉତ୍କଳ ମାତାର କୃତି ସନ୍ତାନ ମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ.ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଆମେ ଓଡିଆ ବୋଲି ଗର୍ବ ଅନୁଭବ କରିବା, ଓଡିଆ ରାଜ୍ୟର ମାନ ରଖିବା । ଆଜି ଦିନଟି କଳା, ସାହିତ୍ୟ ଓ ସଂସ୍କୃତିର ମାଟି । ଏ ମାଟିରେ ଜନ୍ମଗ୍ରହଣ କରି ମୁଁ ଗର୍ବିତ । ଏହି ଉତ୍ସବରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ କହିଥିଲେ ଯେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ମହାମନିଷିଙ୍କର ତ୍ୟାଗ, ତପସ୍ୟା ଓ ସାଧନାର ଫଳ ସ୍ୱରୂପ ଓଡିଶା ଏକ ଭାଷା ଭିତିକ ରାଜ୍ୟ ଭାବେ ପରିଗଣିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ୮୬ତମ କୃତି ପାଳନ କରାଯାଇଛି । ମଧୁବାବୁ, ଗୋପବନ୍ଧୁ, ପାରଳା ମହାରାଜା, ଫକୀର ମୋହନ ସେନାପତି ଆଦି ମହାପୁରୁଷଙ୍କ ଅବଦାନ ଆଜି ଚିରସ୍ମରଣୀୟ ହୋଇ ରହିଛି । ଏହି ଉତ୍ସବରେ ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡିଶା ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ପ୍ରତ୍ୟେକ ଓଡିଆଙ୍କ ସହଯୋଗର କାମନା କରିଥିଲେ । ସାଧାରଣ ସଭାପରେ ଓଡିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସ୍ଥାନୀୟ ଲୋକ କବି ନାଟ୍ୟାଚାର୍ଯ୍ୟ ସ୍ମୃତି ପରିଷଦର କଳାକାର ମାନଙ୍କ ଦ୍ୱାରା ୧୨ଟି ଦେଶାତ୍ମକ ବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଓଡିଆ ବକ୍ତୃତା, ଜଣା ଅଜଣା ଓ ଦେଶାତ୍ମକ ବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରିଥିଲେ । ପ୍ରାତଃ କାଳରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ଅତିଥିମାନେ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସଂସ୍କୃତି ବିଭାଗର ଅଧିକାରୀ ଦିଲ୍ଲିପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ନ୍ୟାୟ ନମିଳିଲେ ଧାରଣାରେ ବସିବେ ଶିକ୍ଷୟିତ୍ରୀ

**ଭଦ୍ରକ :** ନିଜକୁ ନ୍ୟାୟ ନ ମିଳିଲେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବେ ବୋଲି କହିଛନ୍ତି ଜଣେ ଶିକ୍ଷୟିତ୍ରୀ । ତାଙ୍କ ସହ ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ ମଧ ଧାରଣାରେ ବସିବେ । ବିକାଶଙ୍କ ନିକଟରେ ଅଭିଯୋଗ ହୋଇଥିବା ଘଟଣାର ଅନେକ ତଥ୍ୟ ରହିଛି ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ, ବନ୍ତ ବ୍ଲକ ବିଇଓଙ୍କ ବିରୁଦ୍ଧରେ ମାଳମାଳ ଅଭିଯୋଗ । ହେଲେ କାର୍ଯ୍ୟାନୁଷ୍ଠାନ ଶୂନ୍ । କେଉଁ ମହାପ୍ରତାପୀ ଜଣେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ସହାୟତା ଦେଉଛନ୍ତି ତାକୁ ନେଇ ବ୍ଲକ ସାରା ଆଲୋଚନା ଚାଲିଛି । ବାରମ୍ବାର ଅଭିଯୋଗ ହେବା ପରେ ଭଦ୍ରକ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବନ୍ତ ବ୍ଲକ ବିଇଓଙ୍କ କାର୍ଯ୍ୟକଳାପକୁ ନେଇ ରିପୋର୍ଟ ତଲବ କରିଛନ୍ତି । ହେଲେ ବିଇଓ ମହାଶୟଙ୍କର କାହାକୁ ଡର ନଥିବା ଜଣାପଡିଛି । ନିକଟରେ ବନ୍ତ ବ୍ଲକରେ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଟୁନାବାଳା ଦାସ ଅଭିଯୋଗ ଅନୁସାରେ ବିଇଓ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ଯାହାକୁ ନେଇ ପୂର୍ବରୁ ଶ୍ରୀମତୀ ଦାସ ବାରମ୍ବାର ଅଭିଯୋଗ କରି ଆସିଛନ୍ତି । ହେଲେ ଏଥିରେ ବିଇଓ ନିଜ ବ୍ୟବହାରରେ କୌଣସି ପରିବର୍ତ୍ତନ ନ ଆଣିବାରୁ ବାଧ ହୋଇ ସେ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ବିଇଓ ଶ୍ରୀମତୀ ଦାସଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହିତ କାର୍ଯ୍ୟରେ ଅବହେଳା କରୁଥିବା ନେଇ ମିଥ୍ୟା ଅଭିଯୋଗ ଆଣିଛନ୍ତି । ତନ୍ମଧ୍ୟରେ ପ୍ରୋଗ୍ରାମ ଠିକ୍ ନଥିବା ଦର୍ଶାଇ ଶ୍ରୀମତୀ ଦାସଙ୍କୁ ଗାଳିଗୁଲଜ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏଥିସହିତ ଶ୍ରୀମତୀ ଦାସ କହିଛନ୍ତି ଯେ, ପ୍ରତି ପ୍ରୋଗ୍ରାମ ପାଇଁ ବିଇଓ ତାଙ୍କୁ ୧୫ଶହ ଟଙ୍କା ଲାଞ୍ଚ ମାଗୁଛନ୍ତି । ଲାଞ୍ଚ ଟଙ୍କା ନ ପାଇଲେ କୌଣସି ପ୍ରୋଗ୍ରାମ ବାବଦୀୟ ଅର୍ଥ ପେମେଣ୍ଟ କରୁନାହାନ୍ତି । ଯେଉଁଥିପାଇଁ ଶ୍ରୀମତୀ ଦାସ ମାନସିକ ସ୍ତରରେ ଖୁବ୍ ଭାଙ୍ଗିପଡିବା ସହିତ ବିଇଓଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଜଣାଇଥିଲେ । ଏହାପରେ ଜିଲ୍ଲାପାଳ ଆକ୍ସନ ମୁଡ୍‌କୁ ଆସି ଡିଇଓଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । କିନ୍ତୁ ସ୍ଥାନୀୟ ଲୋକମାନେ କହୁଛନ୍ତି ଏଭଳି ଜଣେ ବିଇଓଙ୍କୁ ତୁରନ୍ତ ଏଠାରୁ ବଦଳି କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସତ୍ୟପାଠ ଦାଖଲ ...

ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ. ମୁରଲୀଧର ଓ ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲିପ କୁମାର ବରାଳଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଆଜି ମାମଲାର ଶୁଣାଣି ସମୟରେ ଆବେଦନକାରୀ ଦର୍ଶାଇଥିଲେ ଯେ ଆନସିଆଣ୍ଟ ମନୁମେଣ୍ଟ ଆଣ୍ଡ୍ ଆର୍କିଓଲୋଜିକାଲ ସାଇଟ୍ସ ଆଣ୍ଡ ରିମେନ୍ସ ଆକ୍ଟ, ୧୯୫୮ର ଉଲ୍ଲଂଘନ କରି ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁଁ ଏହି ପୁରାତନ ମନ୍ଦିର ପ୍ରତି ବିପଦ ଦେଖା ଦେଇଛି । ଏପରି ନିର୍ମାଣ ଯୋଗୁଁ ମନ୍ଦିରର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହେଉଛି । ଏହି ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ ହେବା ଆବଶ୍ୟକ ।

### ଦେଉନାହାନ୍ତି ...

କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ବାଧ । କ୍ୟାବିନେଟ ନିଷ୍ପତ୍ତି ଅନୁସାରେ, ସରପଞ୍ଚଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ, ପିଅନ ଠାରୁ ଆରମ୍ଭ କରି ମୁଖ୍ୟ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦେବାକୁ ବାଧ । ଏହାକୁ ମଧ ଜନସାଧାରଣଙ୍କ ସୂଚନା ନିମନ୍ତେ ପବ୍ଲିକ ଡୋମେନରେ ରଖାଯିବ ଓ ଏହାର ଏକକିତା ନକଲ ମଧ ରାଜ୍ୟ ଲୋକାୟୁକ୍ତଙ୍କୁ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା । ହେଲେ ଏହି ନିଷ୍ପତ୍ତି ପାଳନ ହେଉନଥିବା ସ୍ପଷ୍ଟ ଜଣାପଡୁଛି । କ୍ୟାବିନେଟର ନିଷ୍ପତ୍ତିକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ମାନୁ ନଥିବାବେଳେ ଅନ୍ୟମାନଙ୍କୁ ଏହା ମଧ ଆଶା କରାଯାଇନପାରେ । ଉଲ୍ଲେଖଯୋଗ୍ୟ, ୨୦୨୦ ଡିସେମ୍ବର ୨୧ତାରିଖରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ରାଜ୍ୟ କାର୍ଯ୍ୟ ପରିଷଦ ବୈଠକକୁ ସମ୍ବୋଧିତ କରି ବିକାଶ କାର୍ଯ୍ୟରେ ଦୁର୍ନୀତି ସବୁଠୁ ବଡ଼ ପ୍ରତିବନ୍ଧକ ସାଜିଛି ବୋଲି କହିଥିଲେ । ତାଙ୍କ ସରକାର ରାଜ୍ୟରେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିବା ସହ ବିଜେଡିର ସମସ୍ତ ନିର୍ବାଚିତ ଲୋକପ୍ରତିନିଧି ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏପରିକି ଦଳର ସାଂସଦମାନେ ବି ସ୍ୱେଚ୍ଛାକୃତ ସମ୍ପତ୍ତି ବିବରଣୀ ଦାଖଲ କରି ଉଦାହରଣ ସୃଷ୍ଟି କରିବେ । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାର ଏକ ସପ୍ତାହ ନପୁରୁଣୁ ଅନୁରୂପ ପ୍ରସ୍ତାବ ରାଜ୍ୟ କ୍ୟାବିନେଟରେ ଅଣାଯାଇ 'ଦୁର୍ନୀତି ବିରୋଧରେ ଆମର ସାଲିସ ବିହୀନ ଲଢ଼େଇ ସାରା ଭାରତରେ ଆମ ରାଜ୍ୟ ପ୍ରତି ସୁନାମ ଆଣିଛି' ବୋଲି କୁହାଯାଇଥିଲା । ତେଣୁ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି (ସରପଞ୍ଚ, ବିଧାୟକ, ମନ୍ତ୍ରୀ) ଓ ପିଅନଠୁ ମୁଖ୍ୟ ସଚିବ ପର୍ଯ୍ୟନ୍ତ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବେ ବୋଲି ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିଲେ । ମାତ୍ର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ କ୍ୟାବିନେଟର ଏହି ନିଷ୍ପତ୍ତି ଯେ କେବଳ ଗଣମାଧ୍ୟମରେ ପ୍ରଚାରସର୍ବସ୍ୱ ଥିଲା, ତାହା ଏବେ ସ୍ପଷ୍ଟ ହୋଇଯାଇଛି ।

### ବିଚାରପତିମାନଙ୍କୁ ...

ଫେବ୍ରୁଆରି ୨୫, ୨୦୨୦ରେ ଏଫଆଇଆର ଦାଖଲ କରିଥିଲା । ଜନୈକ ଉଚିତ ଶର୍ମାଙ୍କ ଅଭିଯୋଗ ଆଧାରରେ, ଜଣେ ସାମାଜିକ ଏବଂ ଦୁର୍ନୀତି ନିରୋଧୀ କାର୍ଯ୍ୟକର୍ତ୍ତା, ଅମନ ସିଂ ଏବଂ ତାଙ୍କ ପତ୍ନୀ ୟାସମିନ ଦ୍ୱାରା ଜମା ହୋଇଥିବା ଆୟ ବର୍ହିଭୂତ ସମ୍ପତ୍ତିର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଆଗତ କରିଥିଲେ । ଫେବ୍ରୁଆରି ୨୮, ୨୦୨୦ରେ, ଛତିଶଗଡ଼ ହାଇକୋର୍ଟ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ନିର୍ଦ୍ଦେଶ ଦେଇଥିଲେ ଯେ ଏହି ଦମ୍ପତିଙ୍କ ବିରୋଧରେ କୌଣସି ବାଧତାମୂଳକ ପଦକ୍ଷେପ ନିଆଯିବ ନାହିଁ । ପରବର୍ତ୍ତୀ ସମୟରେ ଜାନୁଆରି ୧୦, ୨୦୨୨ର ଆଦେଶ ଅନୁଯାୟୀ, ଛତିଶଗଡ଼ ହାଇକୋର୍ଟ ଏଫଆଇଆରକୁ ରଦ୍ଦ କରି କହିଥିଲେ ଯେ ଆବେଦନକାରୀଙ୍କ ବିରୋଧରେ ଆରୋପିତ ସମସ୍ତ ଅଭିଯୋଗ ସମ୍ଭାବନା ଉପରେ ଆଧାର କରି ପ୍ରାଥମିକ ଅଟେ ଏବଂ ଏ ପରିସ୍ଥିତିରେ କୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ । ହାଇକୋର୍ଟ ତାଙ୍କ ଆଦେଶରେ ଏହା ମଧ ଉଲ୍ଲେଖ କରଥିଲେ ଯେ ଶର୍ମାଙ୍କ ଅଭିଯୋଗକୁ ନିଜେ ମୁଖ୍ୟମନ୍ତ୍ରୀ ସମର୍ଥନ କରିଥିଲେ । ଏହାପରେ ନଭେମ୍ବର ୧୧, ୨୦୧୯ରେ ସିଂଙ୍କ ବିରୋଧରେ ପ୍ରାଥମିକ ଅନୁସନ୍ଧାନ ଆରମ୍ଭ କରାଯାଇଥିଲା । ଉଭୟ ଶର୍ମା ଏବଂ ରାଜ୍ୟ ସରକାର ସୁପ୍ରିମ୍ କୋର୍ଟଙ୍କ ସମ୍ମୁଖରେ ହାଇକୋର୍ଟ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ । ଅପିଲଗୁଡିକ ଅନୁଧାନ କରିବା ସମୟରେ, ପ୍ରଧାନ ବିଚାରପତି ଏନଭି ରମଣା ବିରକ୍ତ ହୋଇ ଏହି ମନ୍ତବ୍ୟ ଦେଇଥିଲେ । ତେବେ, ପ୍ରକୃତରେ କୋର୍ଟକୁ କ'ଣ ବିରକ୍ତ କରିଥିଲା ତାହା ସ୍ପଷ୍ଟ ହୋଇପାରି ନାହିଁ ।

### ଦେଶରେ ବାଲ୍ୟ ...

ଓଡିଶାରେ ଆଦିବାସୀଙ୍କ ସଂଖ୍ୟା ଅଧିକ ଥିବାରୁ ଏଠାରେ ମଧ କାଁ ଭାଁ ଏପରି ଘଟଣା ସାମ୍ନାକୁ ଆସିଥାଏ । ସଚେତନତାର ଅଭାବ ଏକ ପ୍ରମୁଖ କାରଣ କୁହାଯାଉଥିବା ବେଳେ ଶିକ୍ଷିତ ଓ ସଚେତନ ବ୍ୟକ୍ତି ମଧ ଏଥିରେ ସମ୍ପୃକ୍ତି ଥିବା ଚିନ୍ତାର ବିଷୟ ପାଲଟିଛି । ସେପଟେ ବାଲ୍ୟ ବିବାହ ନିରୋଧ ଆଇନକୁ ସଂଶୋଧନ କରାଯାଇ କଡାକଡି କରାଯାଇଥିଲେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାରେ ରହିଛି ସମସ୍ୟା । ତେଣୁ ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ରଖିଛନ୍ତି ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ଡଃ ବେଣୁଧର ସେନାପତି ।

### ବଜାରରେ ...

ଲେମ୍ବୁ ରପ୍ତାନି କରାଯାଉଛି ବୋଲି ବୋଲି ମନ୍ତ୍ରୀ ଶ୍ରୀ ସାହୁ କହିଥିଲେ । କୃଷିମନ୍ତ୍ରୀଙ୍କ ବକ୍ତବ୍ୟର ସତ୍ୟତା ବଜାରକୁ ଗଲେ ଏବେ ହାଡେ ହାଡେ ହୃଦୟଙ୍ଗମ କରିହେଉଛି । ଗ୍ରୀଷ୍ମଦିନ ପାଇଁ ଯେଉଁଠି ଖାଉଟି ବ୍ୟାଗରେ ଗଣ୍ଡାଏ ଦିଗଣ୍ଡା ଲେମ୍ବୁ ପକାଉଥିଲା; ପରିବା କିଣିବା ପରେ କଞ୍ଚାଲଙ୍କା ଭଳି ବେପାରୀଟି ଗ୍ରାହକଙ୍କୁ ଗୋଟିଏ ଦୁଇଟି ଲେମ୍ବୁ ମାଗଣାରେ ଦେଉଥିଲା ସେ ସ୍ଥିତି ପୂରା ବଦଳିଯାଇଛି । ଏବେ ଗୋଟିଏ ଲେମ୍ବୁ କିଣିବାକୁ ମଧ ଜଣେ ଗ୍ରାହକ ଭୟ କରୁଛି । ରାଜ୍ୟର ପ୍ରମୁଖ ପରିବା ମଣ୍ଡି କୁହାଯାଉଥିବା ଛତ୍ରବଜାରରେ ବି ଲେମ୍ବୁ ଦର ଆକାଶଛୁଆଁ । ଯେଉଁଠି କିଲୋ ଦରରେ ଲେମ୍ବୁ ବିକ୍ରି ହେଉଥିଲା, ସେଠି ଏବେ ଗୋଟା ଗଣତିରେ ବିକ୍ରି କରାଯାଉଛି । ଖୋଲା ବଜାରରେ ଲେମ୍ବୁ ଗୋଟା ୧୦ ଟଙ୍କାରୁ ୧୨ଟଙ୍କାରେ ବିକ୍ରି ହେଉଛି । ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ପରିବା ସମେତ ଲେମ୍ବୁ ପାଇଁ ଓଡ଼ିଶା ପଡୋଶୀ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଉପରେ ନିର୍ଭର କରୁଥିଲା । ଆନ୍ଧ୍ରର କୁର୍ନୁର ଓ ବେଙ୍ଗାଲୁରୁରୁ ଲେମ୍ବୁ ଓଡ଼ିଶାକୁ ଆସୁଥିଲା । ରାଜ୍ୟର ବରଗଡ଼, ଅନୁଗୋଳ, କେନ୍ଦୁଝର ଆଦି ଅଞ୍ଚଳରେ ମଧ ଲେମ୍ବୁ ଚାଷ କରାଯାଉଛି । ପ୍ରତିଦିନ ଓଡ଼ିଶାର ଏହି ସବୁ ଅଞ୍ଚଳରୁ କେବଳ ଛତ୍ରବଜାରକୁ ୨୦୦ରୁ ୩୦୦ ବସ୍ତା ଲେମ୍ବୁ ଆସିଥାଏ । ଏହି ଲେମ୍ବୁ ଛତ୍ରବଜାରରୁ କଟକ ସମେତ ଉପକୂଳବର୍ତ୍ତୀ ଜିଲାଗୁଡିକୁ ଯୋଗାଣ କରାଯାଇଥାଏ । ଚଳିତବର୍ଷ ଛତ୍ର ବଜାରକୁ ବରଗଡ଼, ଅନୁଗୋଳ କିମ୍ବା କେନ୍ଦୁଝରରୁ ଲେମ୍ବୁ ଆସୁନାହିଁ । ଆନ୍ଧ୍ରପ୍ରଦେଶ କି ତେଲଙ୍ଗାନାର ଲେମ୍ବୁ ବି ଛତ୍ରବଜାରରେ ମିଳୁନାହିଁ । ଛତ୍ରବଜାରରେ ପର୍ଯ୍ୟାପ୍ତ ଲେମ୍ବୁ ମିଳୁ ନ ଥିବାରୁ ପ୍ରତିଦିନ ଲେମ୍ବୁ ଦର ବଢ଼ି ଚାଲିଛି । ସପ୍ତାହ ପୂର୍ବେ ଛତ୍ରବଜାରରେ ୨୦ ଟଙ୍କାରେ ୬ରୁ ୮ଟା ଲେମ୍ବୁ ମିଳୁଥିବାବେଳେ ଏବେ ଲେମ୍ବୁ ଗୋଟା ୮ ରୁ ୧୦ଟଙ୍କାରେ ବିକ୍ରି ହେଉଛି । ଖୋଲା ବଜାରରେ ଏହା ଗୋଟାକୁ ୧୨ଟଙ୍କାରେ ପହଞ୍ଚିଲାଣି । ଗ୍ରୀଷ୍ମକାଳରେ ଆଗନ୍ତୁକଙ୍କ ପାଇଁ ଲେମ୍ବୁ ସରବତ୍ ଅତିଥି ଚର୍ଚ୍ଚାର ଏକ ପାରମ୍ପରିକ ଧାରା ରହିଆସିଛି । ମାତ୍ର ଲେମ୍ବୁର ଭାଉ ଏତେ ବଢିଛି ଯେ, ଗୃହକର୍ତ୍ତା ଲେମ୍ବୁପଣା ପରିବର୍ତ୍ତେ ଏବେ ମୃଦୁ ପାନୀୟ (ଥଣ୍ଡା) ଦେବାକୁ ଉଚିତ ମଣିଲେଣି । ଖରାଦିନେ ଗରିବଠାରୁ ମଧ୍ୟବିତ୍ତଙ୍କ ପର୍ଯ୍ୟନ୍ତ ପସନ୍ଦଯୋଗ୍ୟ ଖାଦ୍ୟ ପଖାଳ ପାଇଁ ମଧ ଲେମ୍ବୁ ଅଭାବ ପଡିଛି । ଏମିତି ଆଳୁ ଓ ଅନ୍ୟାନ୍ୟ ସବୁଜ ପନିପରିବା ଦର ଆକାଶ ଛୁଇଁ ହୋଇଥିବାବେଳେ ପ୍ରତିଦିନ ଲେମ୍ବୁ ମୂଲ୍ୟ ଅହେତୁକ ଭାବେ ବଢୁଥିବାରୁ ସାଧାରଣ ଗ୍ରାହକ ମୁଣ୍ଡରେ ହାତ ଦେଇବସିଲାଣି ।


### ଓଡ଼ିଶାକୁ ...

ରାଜ୍ୟମାନଙ୍କୁ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଜୁନ ୯, ୨୦୨୧ରେ ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗ ପକ୍ଷରୁ ଆବଶ୍ୟକ ବିସ୍ତୃତ ମାର୍ଗଦର୍ଶିକା ଏବଂ ନିୟମାବଳୀ ଜାରି କରାଯାଇଥିଲା । ଅତିରିକ୍ତ ଋଣ ଉଠାଣ ନିମନ୍ତେ ବିଦ୍ୟୁତ କ୍ଷେତ୍ରରେ ରାଜ୍ୟ ସରକାରମାନଙ୍କୁ ବାଧତାମୂଳକ ସଂସ୍କାର କାର୍ଯ୍ୟକାରୀ କରିବାକୁ ହେବ ଏବଂ ନିର୍ଦ୍ଧାରିତ ପ୍ରଦର୍ଶନ ବେଞ୍ଚମାର୍କ ପ୍ରସ୍ତୁତ କରିବାକୁ ପଡ଼ିବ । ବିଦ୍ୟୁତ ବିତରଣ କମ୍ପାନିର ଘରୋଇକରଣ ପାଇଁ ରାଜ୍ୟମାନେ ବୋନସ ପ୍ରୋତ୍ସାହନ ପାଇବା ଲାଗି ଯୋଗ୍ୟ ହୋଇପାରିବେ । ରାଜ୍ୟମାନଙ୍କର ପ୍ରଦର୍ଶନ ଏବଂ ଅତିରିକ୍ତ ଋଣ ଉଠାଣ ଅନୁମତି ପାଇଁ ଯୋଗ୍ୟତା ଆକଳନ କରିବା ଲାଗି ଶକ୍ତି ମନ୍ତ୍ରଣାଳୟକୁ ନୋଡାଲ ମନ୍ତ୍ରଣାଳୟ ଭାବେ ନିୟୋଜିତ କରାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ମଧ ରାଜ୍ୟମାନେ ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ସହ ଜଡ଼ିତ ଅତିରିକ୍ତ ଋଣ ଉଠାଣ ସୁବିଧାର ଲାଭ ନେଇପାରିବେ । ଏଥିପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୧,୨୨,୫୫୧ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଉପଲବ୍ଧ ରହିଛି । ୨୦୨୧-୨୨ ଆର୍ଥିକ ବର୍ଷରେ ସଂସ୍କାର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିନଥିବା ରାଜ୍ୟମାନେ ଚଳିତ ଆର୍ଥିକ ବର୍ଷରେ ସଂସ୍କାର କାର୍ଯ୍ୟକାରୀ କରିପାରିଲେ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟବସ୍ଥା ହୋଇଥିବା ଅତିରିକ୍ତ ଋଣ ଉଠାଣର ଲାଭ ନେଇପାରିବେ ।

### ୩ ବର୍ଷରେ ...

ଦେଇ ଏହା କହିଛନ୍ତି । ଅନ୍ୟପକ୍ଷରେ, ରାଜ୍ୟରେ ବେଆଇନ ଖଣି କାରବାର ଚାଲିନି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାଠୁ ଆରମ୍ଭ କରି ବିଭିନ୍ନ ସମୟରେ ବାରମ୍ବାର ସଫେଇ ଦିଆଯାଉଥିବାବେଳେ ୨୦୨୧-୨୨ ମସିହାରେ କିଭଳି ଏତେ ସଂଖ୍ୟକ(୯୯ଟି) ବେଆଇନ ଖଣି ମାମଲା ପଦାକୁ ଆସିଛି ତାହା ଏବେ ଉଦବେଗର ବିଷୟ ହୋଇଛି । ରାଜ୍ୟର ପ୍ରାକୃତିକ ସମ୍ପଦକୁ ଲୁଟ୍ କରିବା ପଛରେ ରାଜ୍ୟ ବାହାର ଠିକାଦାର ଓ ଖଣି ମାଫିଆଙ୍କ ସମ୍ପୃକ୍ତି ଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ରାଜ୍ୟ ସରକାର ଏହି ବେଆଇନ ଖଣି କାରବାର ଉପରେ ଲଗାମ ଦେବାରେ ସକ୍ଷମ ହୋଇନାହାନ୍ତି । ଏପରିକି ବେଆଇନ ଖଣିକୁ ନେଇ ଆଇବିଏମକୁ ରିପୋର୍ଟ ପଠାଉଥିଲେ ମଧ ଜାହାରି ଜଣେ ବି ନାଁରେ ଥାନା କି କୋର୍ଟରେ ମାମଲା ରୁଜୁ ନହେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଯଦିଓ ବେଆଇନ ଖଣି କାରବାର ଉପରେ ଲଗାମ ଦେବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ମିଳିଛି । ଖଣି ମନ୍ତ୍ରଣାଳୟ ଅଧୀନସ୍ତ ଆଇବିଏମର ଏହି ତଥ୍ୟ ପରୋକ୍ଷରେ ରାଜ୍ୟ ପ୍ରଶାସନିକ କଳର ଅପାରଗତା ଓ ସଲାସୁତୁରାରେ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଭରପୂର ଲୁଟ୍ କରାଯାଉଥିବା ସ୍ପଷ୍ଟ ହୋଇଛି ।

# ବିଧବା ଭତ୍ତା ପାଇବାରୁ ବଞ୍ଚିତ ସୁବାଏ ଓ ଦୁର ଜାନି



**ନବରଙ୍ଗପୁର :** ଜନ ସାଧାରଣଙ୍କୁ ସାମିଜିକ ସୁରକ୍ଷା ଯୋଗାଇ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଅନେକ ଜନହିତକର ଯୋଜନା କରିଛନ୍ତି । ମାଳ ମାଳ ସରକାରୀ ଯୋଜନା ସତ୍ତ୍ୱେ, ଆଜି ମଧ ସମାଜର ଅନେକ ଲୋକ ଅବହେଳିତ ଜୀବନ ନିର୍ବାହ କରୁଛନ୍ତି । ଏମିତି ଏକ ଚିତ୍ର ଆସିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅଧୀନ ମେରଦାନଗୁଡା ଗ୍ରାମରୁ । ଏହି ଗ୍ରାମର ଦୁଇ ବିଧବା ମହିଳା ସୁବାଏ ଜାନି ଏବଂ ଅନ୍ୟ ଜଣେ ଦୁର ଜାନି ବିଧବା ହେବାର ବହୁ ଦିନ ବିତି ଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଏମାନଙ୍କୁ ବିଧବା ଭତ୍ତାରେ ସାମିଲ କରାଯାଇ ନ ଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ସୁବାଏଙ୍କ ସ୍ୱାମୀ ଅର୍ଜୁନ ଜାନିଙ୍କ ପାଞ୍ଚବର୍ଷ ତଳେ ମୃତ୍ୟୁ ଘଟିଛି । ସ୍ୱାମୀଙ୍କ ମୃତ୍ୟୁ ପରେ ସୁବାଏ ଜାନି ଓ ତାଙ୍କ ତିନି ଛୁଆ ଅତି କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି । ସେହିପରି ଆଉ ଜଣେ ମହିଳା ଦୁର ଜାନି, ସେ ମଧ ତାଙ୍କ ଦୁଇ କନ୍ୟାଙ୍କ ସହିତ ବଡ଼ କଷ୍ଟରେ ଚଳନ୍ତି । ପରିବାର ପ୍ରତିପୋଷଣ ପାଇଁ ଆୟର ମଧ କୌଣସି ମାଧ୍ୟମ ନାହିଁ । ଏମାନେ ବିଧବା ଭତ୍ତା ପାଇଁ ପଞ୍ଚାୟତର ସରପଞ୍ଚଙ୍କୁ ଅନେକ ଥର ଗୁହାରି କଲେ ମଧ ଏମାନଙ୍କ ଉପରେ କାହାର ଦୃଷ୍ଟି ପଡିନାହିଁ । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ମହିଳା ମାନଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ଉତ୍କଳର ବରପୁତ୍ର : ବିଜୁବାବୁ



ଅକ୍ଷୟ କୁମାର ରାଉତ



୧୯୩୬ ମସିହା, ଏପ୍ରିଲ୍ ପହିଲା। ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ। ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା। ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା।

ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା। ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ। ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ। ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ। ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିବ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ। କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା। ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ।

୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ।

ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ୍ୟ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ। ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ।

ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ। ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ। ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ। ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା।

କଟକ ରେଭେନ୍ସା କଲେରେ ଓୟାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି।

ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା। ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା। ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ। ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉଲକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ। ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ। ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି। ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି।

ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୃତ ଉନ୍ନତି ସାଧନ କରିଯାଇଛନ୍ତି। ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା। ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ। ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ। ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା।

ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ତୋଳି ଦେଲେ ଏ ଜାତିର ହାତରେ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା। ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ। ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ। ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣାପଡ଼ିଥିଲା। ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ। ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି। ବଢ଼ିଲା ନଈ। ଆକାଶରେ ଟାଣ ମେଘୁଆ ଖରା। ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା। ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା। ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା। ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି। ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା। କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ। ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ଟେଳିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ - ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ।

ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ - ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ। ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ। ଅନ୍ୟ ଏକ ଦିନର ଘଟଣା। ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ। ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ। ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ। ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ। ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ। ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ।

ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି। ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ। ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି। ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ। ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ। ଏହି ସ୍କୁଲ୍‌ରେ ଦିନକର ଘଟଣା। ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା। ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି। ଭୂଗୋଳ ପିରିୟଡ। ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଂ। ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି। ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା। ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି। ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି।

ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ। ଏତିକି କହି ବିଜୁବାବୁ ବସି ପଡ଼ିଥିଲେ। ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାବରଣ ସୃଷ୍ଟି କରିପାରିଥିଲେ। ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ। ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ। ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ।

*ପାରାଦ୍ୱୀପଗଡ, ଜିଲ୍ଲା-ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*









# ପୌର ନିର୍ବାଚନରେ ଉପାଧ୍ୟକ୍ଷ ପଦବୀକୁ ନେଇ ବିଜେଡି ଗଡରେ ବିଜେପି ଓ କଂଗ୍ରେସ ଖାତା ଖୋଲିଲା

**ଜଗତ୍‌ସିଂହପୁର (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ଓ ଜଗତସିଂହପୁର ପୌରନିର୍ବାଚନରେ ଅଧ୍ୟକ୍ଷ ପଦ ପାରାଦ୍ୱୀପ ଗଡରେ ବିଜେଡି ହାତରେ ଥିବା ବେଳେ ଜଗତସିଂହପୁର ଗଡଟି କଂଗ୍ରେସ ପୂର୍ବ ବର୍ଷପରି ଏଥର ବି କ୍ଷମତା ଦଖଲ କରିନେଇଛି। ଜିଲ୍ଲାର ୪ଗୋଟି ବିଧାନସଭା ଆସ ଓ ଏକ ସାଂସଦ ଆସନ ଶାସକ ଦଳ ଦଖଲରେ ଥିବା ବେଳେ ଚଳିତ ପୌରନିର୍ବାଚନରେ କଂଗ୍ରେସ ତାର ଦବଦବା ବଜାଇ ରଖି ପାରାଦ୍ୱୀପରେ ମଧ୍ୟ ଉପାଧ୍ୟକ୍ଷ ପଦବୀଟି ଶାସକ ଦଳ ହାତରୁ ଛଡାଇ ନେବାରେ ସକ୍ଷମ ହୋଇଛି। ପାରାଦ୍ୱୀପ ପୌରାଂଚଳର ୧୯ଗୋଟି କାଉନସିଲର ମଧ୍ୟରୁ ବିଜେଡି ୭ଜଣ, ବିଜେପି ୩ଜଣ, କଂଗ୍ରେସ ୧ଜଣ ଓ ଆମ ପାରାଦ୍ୱୀପ ଆମ ପ୍ରଗତି ସଂଗଠନର ମୁଖ୍ୟ ତଥା କଂଗ୍ରେସ ଦଳରୁ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ହେଉଥିବା ବାପି ସର୍କେଲ ୮ଜଣଙ୍କୁ କାଉନସିଲର ଭାବେ ଜିତାଇ ଦେଇ ନିଜ ଗଡର ଜିତ୍ ବଜାଇ ରଖିଥିଲେ। କଂଗ୍ରେସ ଦଳରେ ଅସନ୍ତୋଷ ପ୍ରକାଶ କରି ଶ୍ରୀ ସର୍କେଲ ନିଜ ଉଦ୍ୟମରେ ଆମ ପାରାଦ୍ୱୀପ ଆମ ପ୍ରଗତି ସଂଗଠନ ତିଆରି କରି ଖୁବ୍ ଚତୁରତାର ସହିତ ଓ ବିଜେଡି ଗଡରେ ରୋକ୍ ଲଗାଇବା ପାଇଁ କଂଗ୍ରେସର ଜଣେ କାଉନସିଲର ଓ ବିଜେପିର ୩ଜଣ କାଉନସିଲରଙ୍କୁ ହାତେଇ ନେଇ ୨ନଂ ୱାର୍ଡରୁ କାଉନସିଲର ଭାବେ ବିଜୟୀ ହୋଇଥିବା ଛବିଲତା ରାଉତଙ୍କୁ ଜିତାଇ ଦେଇ ବିଜେଡି ବିଧାୟକଙ୍କ ଉପରେ ଏକ ପ୍ରକାର ରାଜନୈତିକ ରୋକ୍ ଲଗାଇଦେବାରେ ସକ୍ଷମ ହୋଇଛନ୍ତି। ସେହିପରି ଜଗତସିଂହପୁର ପୌରାଧ୍ୟକ୍ଷା ପଦବୀଟା କଂଗ୍ରେସ ହାତେଇ ନେଇଥିବା ବେଳେ ସମୁଦାୟ ୨୧ ଗୋଟି କାଉନସିଲରଙ୍କ ମଧ୍ୟରୁ ଶାସକ ଦଳ ବିଜେଡି ହାତରେ ୯ଜଣ, କଂଗ୍ରେସ ହାତରେ ୭ଜଣ, ବିଜେପିର ୨ଜଣ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ୩ଜଣ ବିଜୟୀ ହୋଇଥିବା ବେଳେ ଉପାଧ୍ୟକ୍ଷ ପଦବୀଟି ବିଜେପିର ରାଜେନ୍ଦ୍ର କୁମାର ବିଶୋଇ ବିନା ପ୍ରତିଦ୍ୱନ୍ଦିତାରେ ବିଜୟୀ ହୋଇପାରିଛନ୍ତି। ଜିଲ୍ଲାରେ ଶାସକ ଦଳ ବିଜେଡି ନିଜର ପତିଆରା ବୃଦ୍ଧି କରି ଚାଲିଥିବା ବେଳେ ପୌରନିର୍ବାଚନରେ ଉପାଧ୍ୟକ୍ଷ ପଦବୀକୁ ନେଇ ୨ଗୋଟି ସ୍ଥାନରେ ପରାଜୟ ବରଣ କରିବାକୁ ପଡିଛି। ଜିଲ୍ଲାର ୪ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ମନ୍ତ୍ରୀ ଥିବାବେଳେ ଅନ୍ୟଜଣେ ବିଧାୟକ ବିଜେଡି ଜିଲ୍ଲା ସଭାପତି ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ଥିଲେ ବି ଜିଲ୍ଲାରେ ବିଜେଡିର ଗୋଷ୍ଠୀ କନ୍ଦଳ ପାଇଁ ଏପରି ସମଦଶା ଭୋଗିବାକୁ ପଡିଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। କେନ୍ଦ୍ରରେ ବିଜେପି ସରକାର ବିରୁଦ୍ଧରେ କଂଗ୍ରେସ ଖୋଲା ଆନ୍ଦୋଳନ କରିଚାଲିଥିବା ବେଳେ ପାରାଦ୍ୱୀପ ଓ ଜଗତସିଂହପୁର ପୌରନିର୍ବାଚନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶାସକ ଦଳ ବିଜେଡି ହାତରୁ କ୍ଷମତା ହାତେଇବା ପାଇଁ କଂଗ୍ରେସ ଓ ବିଜେପିର ଏହା ଏକ ଗଟ୍ ବନ୍ଧନ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି। ପାରାଦ୍ୱୀପ ପୌର ପରିଷଦର ଉପାଧ୍ୟକ୍ଷ ପଦବୀଟି କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେପି ସହଯୋଗର ହାତ ବଢାଇଥିବା ବେଳେ ଜଗତସିଂହପୁର ପୌରାଂଚଳରେ ବି ବିଜେପି ପ୍ରାର୍ଥୀକୁ କଂଗ୍ରେସ ବିଜୟର ହାତ ବଢାଇଦେଲା। ତେଣୁ ବିଜେପି କଂଗ୍ରେସ ଗଟ୍ ବନ୍ଧନ କେତେ ଦିନ ଶାସକ ଦଳ ବିରୁଦ୍ଧରେ ସଜାଗ ରହିବ ତାହା ନେଇ ରାଜନୈତିକ ବିଶେଷଜ୍ଞ ମହଲରେ ଚର୍ଚ୍ଚା ହେଉଛି।

## ଡିଜିଙ୍କୁ ଦାବି ଜଣାଇଲା ଉତ୍କଳ ସାମ୍ବାଦିକ ସଂଘ

# ହାବିଲଦାର ନୁହେଁ, ଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର :** ନୀଳଗିରିରେ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ଆକ୍ରୋଶମୂଳକ ଗିରଫ ଓ ନିର୍ଯ୍ୟାତନା ସହ ଅମାନବୀୟ ବ୍ୟବହାରକୁ ନେଇ ଉତ୍କଳ ସାମ୍ବାଦିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ୍ ଡ଼ିଜି ଅନିଲ୍ କୁମାର ବଂଶଲଙ୍କୁ ଭେଟି ପ୍ରତିବାଦ ଜଣାଇଛି। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ଜିତେନ୍ଦ୍ର କୁମାର ମହାନ୍ତି, ସତ୍ୟଜିତ ସେଣ ପ୍ରମୁଖ ଡ଼ିଜିଙ୍କ ସହ ଆଲୋଚନା କାଳରେ କହିଥିଲେ କି, ସାମ୍ବାଦିକ ଶ୍ରୀ ଦଳେଇଙ୍କୁ ଚିକିତ୍ସାଧିନ ଅବସ୍ଥାରେ ଗୋଡ଼ରେ ବେଡ଼ି ବନ୍ଧାଯିବା ଘଟଣାରେ କାର୍ଯ୍ୟରତ ହାବିଲଦାରଙ୍କୁ ନିଲମ୍ବନ କରାଯିବା ଯଥାର୍ଥ ନୁହେଁ। ବିନା କୌଣସି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଏପରି ବେଆଇନ୍ କାର୍ଯ୍ୟ ହାବିଲଦାର ସମ୍ପାଦିତ କରିପାରିବେ ନାହିଁ। ନିଜ ପ୍ରତିକ୍ରିୟାରେ ଡିଜି କହିଥିଲେ ଯେ, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଡ଼ିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ଘଟଣାରେ ହାବିଲଦାରଙ୍କୁ ନିଲମ୍ବନ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବଂଶଲ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ସଂଘ ତରଫରୁ ଚେତାବନୀ ଦିଆଯାଇଛି କି, ଯଦି ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପୂର୍ବକ ଯଥାଶୀଘ୍ର ନିଲମ୍ବନ କରାନଯାଏ, ତେବେ ରାଜ୍ୟବ୍ୟାପୀ ସଂଘ ପକ୍ଷରୁ ଦୃଢ ଆନ୍ଦୋଳନ ଗଢିଉଠିବ। ଏଠାରେ ପ୍ରକାଶଯୋଗ୍ୟ ଯେ, ଆଜି ସମଗ୍ର ରାଜ୍ୟରେ ସଂଘର ବିଭିନ୍ନ ଜିଲ୍ଲା ଶାଖା ପକ୍ଷରୁ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ବରିଷ୍ଠ ନାଗରିକଙ୍କୁ ଜନ୍ମଦିନରେ ଶୁଭେଚ୍ଛା



***ଭୁବନେଶ୍ୱର :*** *୭୭ ବର୍ଷରେ ପାଦ ଦେଲେ ବରିଷ୍ଠ ନାଗରିକ ତଥା ସମାଜସେବୀ ଆନନ୍ଦ ଚନ୍ଦ୍ର ପଟ୍ଟନାୟକ। ଏହି ଅବସରରେ ନୀଳାଦ୍ରି ବିହାର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମାଗୁଣୀ ଚରଣ ପାତ୍ର ପୁଷ୍ପଗୁଚ୍ଛ ଦେଇ ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଂଘର ସମ୍ପାଦକ ଯୋଗେଶ ଚନ୍ଦ୍ର ନାୟକ, ମାନଗୋବିନ୍ଦ ସେଠୀ, ଅଜୟ କୁମାର ମଲ୍ଲିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ।*



# ଶ୍ରୀମନ୍ଦିରରେ ଲାଗିବ ୧୩୫ ସିସିଟିଭି



**ପୁରୀ :** ରୋଷଘରେ ଚୁଲି ଭଙ୍ଗା ଘଟଣା ପରେ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି ବୋଲି କହିଛନ୍ତି ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା। ଜିଲ୍ଲାପାଳ କହିଛନ୍ତି, ଶ୍ରୀମନ୍ଦିରରେ ଶୋଧ (ମନ୍ଦିର ପହଡ଼ ପଡ଼ିବା ପରେ କେହି ଏହା ପରିସରରେ ରହିଯାଇଥିଲେ, ତାଙ୍କୁ ବାହାର କରିବା କାମ) କାର୍ଯ୍ୟ ଜେଟିପି ମାନେ କରୁଥିଲେ। କିନ୍ତୁ ଜେଟିପି ଷ୍ଟାଫ୍ କମ୍ ଥିବାରୁ ଆଜି ଠାରୁ ସେମାନଙ୍କ ସହିତ ପୋଲିସ୍ କର୍ମଚାରୀ ମିଶି ଶୋଧ କାର୍ଯ୍ୟ କରିବେ। ଯେତେ ଜଣେ ଜେଟିପି ରହିବେ ସେତେ ଜଣ ପୋଲିସ୍ କର୍ମଚାରୀ ବି ରହିବେ। ଜଣେ ପୋଲିସ୍ ଅଫିସର ସେମାନଙ୍କ କାର୍ଯ୍ୟ ତଦାରଖ କରିବେ। ଶୋଧ କାର୍ଯ୍ୟ ଠିକ୍ ଭାବେ କରାଯାଉଥିବା ନେଇ ପୋଲିସ୍ ଅଫିସର ଜଣଙ୍କ ସୁନିଶ୍ଚିତ କରିବେ। ସେ କହିଛନ୍ତି, ପ୍ରାଥମିକ ସର୍ଭେ ପରେ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ୧୩୫ଟି ସିସିଟିଭି ଲଗାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ସିସିଟିଭି ଓ୍ୟାରଲେସ୍ ହେବ। ରୋଷଘର ଗେଟ୍‌ରେ ୪ଟି ସ୍ଥାନ ଚିହ୍ନଟ କରାଯାଇଛି, ଯେଉଁଠି ସିସିଟିଭି ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳ ଆହୁରି କହିଛନ୍ତି, ରୋଷଘରେ ସେଦିନ ଡ୍ୟୁଟିରେ ଥିବା ଜେଟିପିଙ୍କୁ ଶୋ-କଜ୍ ନୋଟିସ କରାଯାଇଥିଲା। ସେମାନେ ଶୋ-କଜ୍‌ର ଜବାବ ଦେଇଛନ୍ତି। ଜବାବ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଦୁର୍ଗା ପ୍ରସାଦ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଗୁପ୍ତ ନୀତିକାନ୍ତି ହେଉଥିବା ସ୍ଥାନକୁ ଛାଡ଼ି ମନ୍ଦିରର ଅନ୍ୟ ସବୁ ସ୍ଥାନରେ ୧୩୫ଟି ସିସିଟିଭି ଲଗାଇବାକୁ ନିଷ୍ପତ୍ତି ହୋଇଛି। ଯଦିଓ ଅତୀତରେ ବି ଶ୍ରୀମନ୍ଦିର ସିସିଟିଭି ସର୍ଭେଲାନ୍ସରେ ରହିଥିଲା, ତେବେ ନିୟମିତ ବ୍ୟବଧାନରେ ତା'ର ଯାଞ୍ଚ ହେଉ ନଥିଲା। କିନ୍ତୁ ଏବେ ପୂରା ୨୪ ଘଣ୍ଟା ମନିଟର କରାଯିବ। ଏଥିପାଇଁ ଏକ କଣ୍ଟ୍ରୋଲ୍ ରୁମ୍ ରହିବ। ମନ୍ଦିର ସୁରକ୍ଷା ପ୍ରଶାସକ ଏହା ଦାୟିତ୍ୱରେ ରହିବେ। ଆଉ ସବୁ ଫିଡ୍ ରାଜ୍ୟ ପୋଲିସକୁ ଦିଆଯିବ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏହି ବୈଠକରେ ପୁରୀ ଏସ୍ପି, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ, ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକ ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିପଦରେ କେନ୍ଦୁପତ୍ର ବ୍ୟବସାୟ, ଅନିଶ୍ଚିତତାରେ ୧୨ଲକ୍ଷ ତୋଳାଳି


**ଭୁବନେଶ୍ୱର :** ଓଡ଼ିଶାରେ ପଡ଼ିଛି ଶ୍ରୀଲଙ୍କା ଆର୍ଥିକ ସଙ୍କଟର ପ୍ରଭାବ। ଜିଏସ୍‌ଟି ମାଡ଼ ସହୁଥିବା ଓଡ଼ିଶା କେନ୍ଦୁପତ୍ର ଶ୍ରୀଲଙ୍କା ସଙ୍କଟ ଯୋଗୁଁ କ୍ଷତିଗ୍ରସ୍ତ ହେବ ବୋଲି କହିଛି ଓଏଫ୍‌ଡିସି। ଓଡ଼ିଶା କେନ୍ଦୁପତ୍ର ନିଜର ଉତ୍ପାଦନର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ବାହାର ରାଜ୍ୟ ସମେତ ଶ୍ରୀଲଙ୍କା, ବାଂଲାଦେଶ ଏବଂ ପାକିସ୍ତାନକୁ ରପ୍ତାନି କରାଯାଏ। ୨ ବର୍ଷ ହେଲା ପାକିସ୍ତାନ ଏବଂ ବାଂଲାଦେଶକୁ ରପ୍ତାନି ବନ୍ଦ ରହିଛି। ଆର୍ଥିକ ସଙ୍କଟ ଯୋଗୁଁ ଶ୍ରୀଲଙ୍କାକୁ କେନ୍ଦୁପତ୍ର ରପ୍ତାନି ନେଇ ଅନିଶ୍ଚିତତା ରହିଛି। ଓଏଫ୍‌ଡିସି ସିଧାସଳଖ ଶ୍ରୀଲଙ୍କାକୁ କେନ୍ଦୁପତ୍ର ରପ୍ତାନି କରୁନଥିବାରୁ ବର୍ତ୍ତମାନ ଏହାର ପ୍ରଭାବ ଦେଖିବାକୁ ମିଳିନାହିଁ। ଆଗାମୀ ଦିନରେ ଏହା ଦେଖିବାକୁ ମିଳିବ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କହିବାନୁସାରେ, ଶ୍ରୀଲଙ୍କା ସଙ୍କଟର ପ୍ରଭାବ ଜାନୁଆରି ମାସରୁ ଓଡ଼ିଶା କେନ୍ଦୁପତ୍ର ବ୍ୟବସାୟ ଉପରେ ପଡ଼ି ସାରିଛି। ଏହାର ଆର୍ଥିକ ମୂଲ୍ୟାୟନ ହ୍ରାସ ପାଇଛି। ଏଥିଯୋଗୁଁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଓଏଫ୍‌ଡିସିରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୧ ମସିହାରେ ଓଡ଼ିଶା ୧ଲକ୍ଷ ୯୩ ହଜାର ୬୦୦ କ୍ୱିଣ୍ଟାଲର କେନ୍ଦୁପତ୍ର ପାଇଁ ୫୨୭ କୋଟି ୫୦ ଲକ୍ଷ ୩୧ ହଜାର ଟଙ୍କା, ୨୦୨୦ ମସିହାରେ ୧ ଲକ୍ଷ ୮୬ ହଜାର ୫୦୦ କ୍ୱିଣ୍ଟାଲର କେନ୍ଦୁପତ୍ର ପାଇଁ ୪୦୮ କୋଟି ୭୨ ଲକ୍ଷ ୧୧ ହଜାର ଟଙ୍କାର ରାଜସ୍ୱ ପାଇଛନ୍ତି। ୨୦୨୧ ମସିହାର ଆହୁରି ୬୫ କୋଟି ଟଙ୍କା ଓଏଫଡିସିକୁ ମିଳିବ। ରାଜ୍ୟର ସମୁଦାୟ ୨୫ଟି ଜିଲ୍ଲାର ପ୍ରାୟ ୧୨



ଲକ୍ଷ ତୋଳାଳିଙ୍କଠାରୁ ରାଜ୍ୟ ସରକାର କେନ୍ଦୁପତ୍ର ସଂଗ୍ରହ କରି ଏହାର ମାର୍କେଟିଂ ଏଜେନ୍ସି ଓଏଫ୍‌ଡିସି ଜରିଆରେ ପ୍ରାୟ ୪୦୦ରୁ ଅଧିକ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ବିକ୍ରି କରିଥାଆନ୍ତି। ଓଡ଼ିଶା କେନ୍ଦୁପତ୍ରର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ରହିଥିବାରୁ ବ୍ୟବସାୟୀମାନେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହାକୁ କ୍ରୟ କରିଥାଆନ୍ତି। ଏଥିରୁ କେବଳ ୨୦ରୁ ୨୫ କୋଟିର କେନ୍ଦୁପତ୍ର ଶ୍ରୀଲଙ୍କାକୁ ରପ୍ତାନି କରାଯାଏ। ଓଡ଼ିଶା କେନ୍ଦୁପତ୍ରର ମୁଖ୍ୟ ଗ୍ରାହକ ତଥା କୋଲକାତାର କେନ୍ଦୁପତ୍ର ବ୍ୟବସାୟୀ ଲକ୍ଷ୍ମଣଙ୍କ କହିବାନୁସାରେ, ଜୁଲାଇ, ସେପ୍ଟେମ୍ବର ମାସରେ କେନ୍ଦୁପତ୍ର ଶ୍ରୀଲଙ୍କାକୁ ପଠାଇଥାଆନ୍ତି। କିନ୍ତୁ ବର୍ତ୍ତମାନର ସମସ୍ୟା ହେଲା, ଗତବର୍ଷ ଯେତେ ଟଙ୍କାର କେନ୍ଦୁପତ୍ର ବିକ୍ରି କରିଥିଲେ ସେହି ବକେୟା ଟଙ୍କା ପାଇ ନାହାନ୍ତି। ଆଗାମୀ ଦିନରେ ସେ ଓଏଫଡିସିରୁ କେନ୍ଦୁପତ୍ର କିଣିବା ନେଇ ନିଶ୍ଚିତ ନୁହଁନ୍ତି। କେବଳ ସେ ନୁହଁନ୍ତି, ଶ୍ରୀଲଙ୍କାକୁ ପଠାଉଥିବା ସବୁ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିଯୋଗୁଁ ମହାରାଷ୍ଟ୍ର, ଛତିଶଗଡ଼ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି। ୨୦୧୭ ମସିହାରୁ ୧୮ ପ୍ରତିଶତ ଜିଏସଟି କାର୍ଯ୍ୟକାରୀ ପରେ ଏହି ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଥିଲା।

# ପିଡିଏସ୍‌ରେ ମିଳିବ ପୋଷଣ ଯୁକ୍ତ ଚାଉଳ

**ନୂଆଦିଲ୍ଲୀ :** ଦେଶରୁ ଅପପୁଷ୍ଟି ଦୂରେଇ ହେଉନି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ଦେଶରେ ଦ୍ୱିତୀୟ ମହିଳାଜଣକ ରକ୍ତହୀନତାର ଶିକାର ହୋଇଥିବା ବେଳେ ପ୍ରତି ତୃତୀୟ ଶିଶୁ ଅବିକଶିତ ଅଥବା ବାଙ୍ଗରା। ସେହିପରି ପ୍ରତି ଚତୁର୍ଥ ଶିଶୁଟି ଅପପୁଷ୍ଟିର ଶିକାର ହୋଇଥିବା ବେଳେ ପଞ୍ଚମ ଶିଶୁଟି ଶକ୍ତିହୀନ। ଏଭଳି ଅଭିଯୋଗର ସମାଧାନ ଲାଗି କେନ୍ଦ୍ର ସରକାର ଏବେ ନୂଆ ଯୋଜନା ସମ୍ପର୍କରେ ବିଚାର କରୁଛନ୍ତି। ଏଥିରେ ଏପର୍ଯ୍ୟନ୍ତ ସାଧାରଣ ବିତରଣ ପ୍ରଣାଳୀରେ ଯୋଗାଇ ଦିଆଯାଉଥିବା ସାଦା ଚାଉଳ ବଦଳେ ଲୋକଙ୍କୁ ପୋଷଣ ଯୁକ୍ତ(ଫୋର୍ଟିଫାଇଡ) ଚାଉଳ ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଦେଶରେ ଫୋର୍ଟି ଫାଇଡ ଚାଉଳ ଯୋଗାଣର ବ୍ୟବସ୍ଥା ପର୍ଯ୍ୟାୟକ୍ରମେ ୨୦୨୪ ସୁଦ୍ଧା ଚୂଡ଼ାନ୍ତ କରାଯିବ। ବିଶ୍ୱ ହଙ୍ଗର ଇଣ୍ଡେକ୍ସରେ ଦେକ୍ଷିଣ ଏସିୟ ଦେଶଙ୍କ ମଧ୍ୟରେ କେବଳ ଆଫଗାନିସ୍ତାନ ୯୯ରେ ଥିବା ବେଳେ ଭାରତର ସ୍ଥାନ ୯୪ରେ ରହିଛି। ଏକ ଅନୁମାନ ଅନୁସାରେ ୫ ବର୍ଷରୁ କମ ଆୟୁବର୍ଗର ପିଲାଙ୍କ ହେଉଥିବା ମୃତ୍ୟୁର ୬୮ ପ୍ରତିଶତ କେବଳ ଅପପୁଷ୍ଟି ରୋଗ ଯୋଗୁ। ସେହିପରି ଲୋକେ ଶକ୍ତି ହୀନ ହେବା ଯୋଗୁ ଦେଶକୁ ପ୍ରତିବର୍ଷ ୭ହଜାର ୪୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି। ଏହି ହିସାବରେ ଜନ୍ମରୁ ଅବିକଶିତ ପିଲାବୟସ୍କ ହେବା ପରେ ସୁସ୍ଥ



ଲୋକଙ୍କ ତୁଳନାରେ ୨୦ ପ୍ରତିଶତ କମ ଆୟ କରୁଛନ୍ତି। ନାଗରିକଙ୍କଠାରେ ଆଇରନ ହ୍ରାସ ଯୋଗୁ ଦେଶକୁ ପ୍ରତିବର୍ଷ ଜିଡିପିରେ ୧ ପ୍ରତିଶତ କ୍ଷତି ସହିବାକୁ ପଡୁଛି। ଏଣୁ ମୋଦି ସରକାର ଦେଶରେ ଅପୁଷ୍ଟିର ସମସ୍ୟା ସମାଧାନ ଲାଗି ଏକ ନୂଆ ଯୋଜନା ହାତକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ମାର୍ଚ୍ଚ ୨୦୨୪ ସୁଦ୍ଧା ପୃଥକ ପୃଥକ ପୋଷଣ ଯୋଜନାରେ ମିଳୁଥିବା ଚାଉଳକୁ ପୋଷଣ ଯୁକ୍ତ ଚାଉଳରେ ରୂପାନ୍ତରିତ କରି ଲୋକଙ୍କୁ ବିତରଣ କରିବେ। ଏହାର ଅର୍ଥ ହେଲା ଏପ୍ରିଲ ୨୦୨୪ ବେଳକୁ ଦେଶରେ ପ୍ରଚଳିତ ପ୍ରତ୍ୟେକ ସରକାରୀ ଯୋଜନାରେ ଦିଆଯାଉଥିବା ଚାଉଳ ପୋଷଯୁକ୍ତ ହିଁ ହୋଇଥିବ। ଚାଉଳକୁ ପୋଷକ ତତ୍ୱ ଯୁକ୍ତ କରିବାର ଅର୍ଥ ହେଉଛି ଧାନରୁ ଚାଉଳ ପ୍ରସ୍ତୁତି କାଳରେ ଏଥିରେ ଆଇରନ, ଫୋଲିକ ଏସିଡ, ଭିଟାମିନ ବି-୧୨ ଓ ଅନ୍ୟ ଖଣିଜ ଏଥିରେ ମିଶାଇ ଦିଆଯିବ। ଯାହା ଲୋକଙ୍କ ପୋଷକ ପୂରଣ କରିବାରେ ଯଥେଷ୍ଟ ହେବ।

# ଖୁବ୍‌ଶୀଘ୍ର ବାଲେଶ୍ୱରରେ କାର୍ଯ୍ୟକ୍ଷମ ହେବ ଏମ୍‌ସ ସାଟେଲାଇଟ୍ ହସ୍ପିଟାଲ୍

**ବାଲେଶ୍ୱର :** ଦୀର୍ଘ ଦିନ ଦାବି ପୂରଣ ହେବାକୁ ଯାଉଛି। ଚଳିତ ମାସ ଶେଷ ସୁଦ୍ଧା ବାଲେଶ୍ୱରରେ କାର୍ଯ୍ୟକ୍ଷମ ହେବ ଭୁବନେଶ୍ୱର ଏମ୍‌ସର ସାଟେଲାଇଟ୍ ହସ୍ପିଟାଲ୍। ସେଠାରେ ଓପିଡି ସେବା ଉପଲବ୍ଧ ହେବ। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ଡାକ୍ତର ମୁକେଶ ତ୍ରିପାଠୀ। ବାଲେଶ୍ୱରରେ ଏମ୍‌ସ ସାଟେଲାଇଟ୍ ହସ୍ପିଟାଲ୍‌ର ନୂଆ ବିଲ୍ଡିଂ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟର ତଦାରଖ କରିବା ପାଇଁ ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶକଙ୍କ ସହ ୧୦ ଜଣିଆ ଡାକ୍ତରୀ ଟିମ୍ ଯାଇଥିଲେ। ସ୍ଥିତି ଅନୁଧ୍ୟାନ କରିବା ପରେ ଏମ୍ସର ୧୦ ଜଣିଆ ଟିମ୍ ମେଡ଼ିକାଲ୍ କ୍ରିୟାନୁଷ୍ଠାନ କମିଟି ସହ ଆଲୋଚନା କରିଥିଲେ। ସେହି ସମୟରେ ରୋଗୀଙ୍କୁ ଅତି ସହଜରେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ମେଡିକାଲ କ୍ରିୟାନୁଷ୍ଠାନ କମିଟି ଦାବି



କରିଥିଲେ। ୨୦୧୩ ମସିହାରେ ପୂର୍ବ ଭାରତର ଓଡ଼ିଶାରେ ବାଲେଶ୍ୱରଠାରେ ୩୦୦ ବେଡ୍ ବିଶିଷ୍ଟ ହସ୍ପିଟାଲ ନିର୍ମାଣ ପାଇଁ ସଂସଦରେ ପ୍ରସ୍ତାବ ରଖିଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ପରବର୍ତ୍ତୀ ସମୟରେ ପ୍ରକଳ୍ପ ବନ୍ଦ ହୋଇଯିବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ଏନ୍‌ଡିଏ ସରକାର ଅମଳରେ ବାଲେଶ୍ୱରରେ ଏମ୍‌ସ ସାଟେଲାଇଟ୍ ହସ୍ପିଟାଲ୍ ନିର୍ମାଣ କଥା ପୁଣି ଥରେ ଉଠିଥିଲା। ଏପରିକି କେନ୍ଦ୍ର ସରକାର ୩୮ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଥିଲେ। ଏହା ପରେ ଅର୍ଥାତ ୨୦୧୮ ଅଗଷ୍ଟ ୨୫ ତାରିଖରେ ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଓ ପୂର୍ବତନ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ତିନି ମହଲା ବିଶିଷ୍ଟ ଅତ୍ୟାଧୁନିକ ଓପିଡି ବିଲଡିଂ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସେବେଠାରୁ ଏମ୍ସ ସାଟେଲାଇଟ୍ ହସ୍ପିଟାଲ୍‌ର ଓପିଡି ଅସ୍ଥାୟୀ ଭାବେ ଚାନ୍ଦିପୁର ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜର ପରିସରରେ ଚାଲୁ ରହିଛି। ଯାହା ଏବେ ନିଜସ୍ୱ ବିଲଡିଂରେ ଚାଲିବ। ଏଥିପାଇଁ ରାଜ୍ୟ ସରକାର ମଧ୍ୟ ୧୧୦ କୋଟି ଟଙ୍କାର ୩୦ ଏକରରୁ ଅଧିକ ଜମି ଯୋଗାଇ ଦେଇଛନ୍ତି। ଯାହା ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି।

## କୋଭିଡ୍ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

# ମେ' ୨୮ ପର୍ଯ୍ୟନ୍ତ ବଢ଼ିଲା ଆବେଦନ ତାରିଖ


**ଭୁବନେଶ୍ୱର :** କୋଭିଡ୍-୧୯ରେ ମୃତ୍ୟୁ ପାଇଁ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ନିକଟତମ ସଂପର୍କୀୟଙ୍କୁ ଯୋଗାଇ ଦିଆଯାଉଛି। ଯେଉଁ ବ୍ୟକ୍ତିମାନେ ୨୦୨୨ ମାର୍ଚ୍ଚ ୨୦ ତାରିଖ କିମ୍ବା ତାହା ପୂର୍ବରୁ କୋଭିଡ୍-୧୯ରେ ମୃତ୍ୟୁବରଣ କରିଛନ୍ତି ଏବଂ ସେମାନଙ୍କ ନିକଟତମ ସଂପର୍କୀୟମାନେ ଯଦି ଏହି ସହାୟତା ରାଶି ପାଇନାହାନ୍ତି ସେମାନେ ଆବେଦନ ପତ୍ର/ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସହିତ ଜିଲ୍ଲାପାଳଙ୍କୁ ଅଫଲାଇନ କିମ୍ବା ଅନଲାଇନରେ ୱେବସାଇଟ୍ ଜରିଆରେ ଆସନ୍ତା ୬୦ ଦିନ ଅର୍ଥାତ୍ ୨୦୨୨ ମେ ୨୮ ତାରିଖ ମଧ୍ୟରେ ଆବେଦନ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଯଦି କୌଣସି ବ୍ୟକ୍ତି ୨୦୨୨ ମାର୍ଚ୍ଚ ୨୦ ତାରିଖ ପରେ ମୃତ୍ୟୁବରଣ କରିଛନ୍ତି କିମ୍ବା ଯଦି କେହି ଭବିଷ୍ୟତରେ କୋଭିଡ୍-୧୯ରେ ମୃତ୍ୟୁବରଣ କରନ୍ତି ତେବେ ତାଙ୍କ ଆତ୍ମୀୟସ୍ୱଜନ କୋଭିଡ୍-୧୯ ମୃତ୍ୟୁ ସହାୟତା ରାଶି ନିମନ୍ତେ ମୃତ୍ୟୁ ଘଟିଥିବା ଦିନଠାରୁ ୯୦ ଦିନ ମଧ୍ୟରେ ଅବେଦନ ପତ୍ର/ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ୍ ସହିତ ଜିଲ୍ଲାପାଳଙ୍କୁ ଅଫଲାଇନ କିମ୍ବା ଅନଲାଇନରେ ୱେବସାଇଟ୍ ଜରିଆରେ ଆବେଦନ କରିପାରିବ। କୌଣସି ଅସୁବିଧା କିମ୍ବା ଦୁରାବସ୍ଥା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଉପରୋକ୍ତ ଧାର୍ଯ୍ୟ ସମୟସୀମା ମଧ୍ୟରେ ଯଦି କୌଣସି ଆବେଦନକାରୀ ଏହି ସହାୟତା ନିମନ୍ତେ ଆବେଦନ କରିବାରେ ବିଫଳ ହୁଅନ୍ତି ତେବେ ସେମାନେ ପ୍ରତ୍ୟେକ ଜିଲ୍ଲାରେ ଗଠନ କରାଯାଇଥିବା ଗ୍ରେଭାନ୍ସ ରିଡ୍ରେସାଲ କମିଟି ମାଧ୍ୟମରେ ଆବେଦନ କରିପାରିବ। ଏହି କମିଟି ଆବେଦନକାରୀଙ୍କ ତଥ୍ୟ ଆଧାରରେ ଆବଶ୍ୟକୀୟ ଯାଞ୍ଚ ଏବଂ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବେ। କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବାବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଆବେଦନ କରିବାର ୩୦ ଦିନ ମଧ୍ୟରେ ଏହି ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ।

# ୫-ଟି ସଚିବଙ୍କୁ ଭେଟିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ

**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଅସ୍ତରଙ୍ଗ ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ଓ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଶୁକ୍ରବାର ଦିନ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ସଚିବ ଭି କେ ପଣ୍ଡିଆନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ସ୍ୱପ୍ନାରାଣୀ ସ୍ୱାଇଁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ୨୯ ନଂ ଜୋନରୁ ଜିଲ୍ଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ସ୍ୱାଧୀନ କୁମାର ନାୟକ କାକଟପୁର ନିର୍ବାଚନ ମଣ୍ଡଳୀର ୧୪ ନଂ ଜୋନରୁ ନିର୍ବାଚିତ ହୋଇଥିଲେ। ପୁରୀ ଜିଲ୍ଲାର ୩୩ ଜଣ ମହିଳା ଓ ପୁରୁଷ ମାନେ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ୩୦ ଟି ଆସନରେ ବିଜେଡି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱପ୍ନାରାଣୀ ସ୍ୱାଧୀନଙ୍କ ପ୍ରତି ଆସ୍ଥା ପ୍ରକଟ କରିବା



ସହିତ ଦଳୀୟ ସଙ୍ଗଠନକୁ ମଜବୁତ ଓ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଏହି ଗୁରୁ ଦାୟିତ୍ୱ ଦେଇଥିବା ଉପାଧ୍ୟକ୍ଷ ସ୍ୱାଧୀନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏଥି ସହିତ୫ଟି ସଚିବ ଭି କେ ପଣ୍ଡିଆନ ଓ ବିଜେଡ଼ି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି ସ୍ୱପ୍ନାରାଣୀ ସ୍ୱାଇଁ ଓ ସ୍ୱାଧୀନ କୁମାର ନାୟକ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାପଡିଛି।ଏହି ସୌଜନ୍ୟମୂଳକ ସାକ୍ଷାତକୁ ଅସ୍ତରଙ୍ଗ ବ୍ଲକ ବିଜେଡି ପକ୍ଷରୁ ସ୍ୱାଗତଂ କରାଯାଇଛି।







# ପୋଲିସ ଏସ୍‌ଆଇଙ୍କୁ ମାନବାଧିକାର କମିଶନଙ୍କ ଭର୍ତ୍ସନା

**ଭୁବନେଶ୍ୱର :** ଓଡ଼ିଶା ହାଇକୋର୍ଟରେ ଜଣେ ଆଇନଜୀବୀ ଶିବାଶୀଷ ମହାପାତ୍ର ଜଟଣୀ ଥାନା ଅନ୍ତର୍ଗତ ଦେଉଳବସ୍ତ ଗ୍ରାମର ନବୀନ ପରିଡ଼ାଙ୍କୁ ୨୦୧୦ ମସିହାରେ ଶହେ ଡେସିମିଲ ଜମି ବାବଦକୁ ଅଢେଇ ଲକ୍ଷ ଟଙ୍କା ବ୍ୟାଙ୍କ ଚେକ ମାଧ୍ୟମରେ ଦେଇଥିଲେ। ଲିଖିତ ଚୁକ୍ତିନାମା ଅନୁସାରେ ପରିଡ଼ା ଜାଗା ନ ଦବାରୁ ଦେଇଥିବା ଟଙ୍କା ଫେରସ୍ତ ପାଇବାକୁ ଆଇନଜୀବୀ ଶ୍ରୀ ମହାପାତ୍ର ଜଟଣୀ ଥାନାର ଦ୍ୱାରସ୍ଥ ହେଇଥିଲେ। ଥାନା ଅଧିକାରୀ ଏତଲା ଗ୍ରହଣ ନ କରିବାରୁ ଶ୍ରୀ ମହାପାତ୍ର ବାଧ ହେଇ ହ୍ୟୁମାନ ରାଇଟସ କମିଶନରେ ଅଭିଯୋଗ କରିଥିଲେ। ହ୍ୟୁମାନ ରାଇଟସ କମିଶନଙ୍କ ହସ୍ତକ୍ଷେପ ପରେ ଜଟଣୀ ଥାନା ଅଧିକାରୀ ଏତାଲଟିକୁ ଗତ ବର୍ଷ ଡିସେମ୍ବର ସାତ ତାରିଖରେ ଗ୍ରହଣ କରିଥିଲେ। ଦୀର୍ଘ ବାରବର୍ଷ ପରେ ମାମଲା ରୁଜୁ ହବାର ଖବର ପାଇ ଶ୍ରୀ ପରିଡ଼ା ହାଇକୋର୍ଟରେ ନିଜକୁ ଅଶୀ ବର୍ଷର ବୃଦ୍ଧ ଦର୍ଶାଇ ଆଗୁଆ ଜାମିନ ପାଇଁ ନିବେଦନ କରିଥିଲେ। ଜନୁଆରୀ ୨୮ ତାରିଖରେ ଜାମିନ ଆବେଦନର ଶୁଣାଣୀ କରି ମାନ୍ୟବର ହାଇକୋର୍ଟ ୧୪ ଦିନ ଭିତରେ ଶ୍ରୀ ମହାପାତ୍ରଙ୍କୁ ଅଢେଇ ଲକ୍ଷ ଟଙ୍କା ବ୍ୟାଙ୍କ ଡ୍ରାଫଟ୍ ମାଧ୍ୟମରେ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାନ୍ୟବର ହାଇକୋର୍ଟଙ୍କ ଆଦେଶନାମାକୁ ଶ୍ରୀ ପରିଡ଼ା ଅମାନ୍ୟ କରିଥିଲେ। ତଦନ୍ତକାରୀ ପୋଲିସ ଅଫିସର ସନ୍ତୋଷ କୁମାର ଜେନା ଅଭିଯୁକ୍ତ ଶ୍ରୀ ପରିଡ଼ା ପ୍ରତି ଅହେତୁକ ଅନୁକମ୍ପା ଦେଖାଉଥିବାରୁ ମାନ୍ୟବର ମାନବିକ ଅଧିକାର କମିଶନ ଫେବୃଆରୀ ୧୪ତାରିଖରେ କମିଶନରେ ହାଜର ହବାକୁ ଆଦେଶ ଦେଇଥିଲେ। ପୋଲସ ଅଫିସର ସନ୍ତୋଷ ଜେନା କମଶନରେ ଉପସ୍ଥିତ ନ ହବାରୁ ମାନ୍ୟବର ସଦସ୍ୟ ଅସନ୍ତୋଷ ପ୍ରକାଶ କରି ମାର୍ଚ୍ଚ ୧୫ ତାରିଖରେ ହାଜର ହବାକୁ ସମନ ଜାରି କରିଥିଲେ। ମାର୍ଚ୍ଚ ୧୫ ତାରିଖରେ ତଦନ୍ତକାରୀ ଅଫିସର ମାନବିକ ଅଧିକାର କମିଶନରେ ହାଜର ହେଇଥିଲେ। ମାନ୍ୟବର ହାଇକୋର୍ଟ ଜାନୁଆରୀ ମାସରେ ଦେଇଥିବା ଇଣ୍ଟେରିମ ଜାମିନ୍‌ର ସର୍ତ୍ତ ଖିଲାପ କରିଥିବା ଅଭିଯୁକ୍ତ ଶ୍ରୀ ପରିଡ଼ାଙ୍କ ବିରୁଦ୍ଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତଦନ୍ତକାରୀ ପୋଲିସ ଅଫିସର ପୋଲିସ ପୋଷାକରେ ନ ଆସି ଲାଲ ରଙ୍ଗର ରଙ୍ଗୀନ ସାର୍ଟ ପିନ୍ଧି କମିଶନକୁ ଆସି ଆଇନ ବ୍ୟବସ୍ଥାକୁ ବେଖାତିରି କରିବାର ମନୋଭାବକୁ ମାନ୍ୟବର ମାନବିକ ଅଧିକାର ସଦସ୍ୟ ଭର୍ତ୍ସନା କରିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**